ପ୍ରଥମ ବର୍ଷ ● ଷଷ୍ଠ ସଂଖ୍ୟା
ସେପ୍ଟେମ୍ବର - ଅକ୍ଟୋବର,୨୦୧୬



ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)



ଅଗଣିତ ବ୍ୟକ୍ତିଙ୍କ ଅଜ୍ଞାନ-ଅନ୍ଧକାରକୁ ଦୂର କରି ସେମାନଙ୍କ ହୃଦୟରେ ଜ୍ଞାନର ପ୍ରଦୀପ ଜଳାଇଥିବା
ଅନିର୍ବାଣ ଜ୍ୟୋତି ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଅମ୍ଳାନ ସ୍ମୃତି ପ୍ରତି 'ଶ୍ରୁତିସୌରଭ'ର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି




ବେଦ ପ୍ରଚାର ସମିତି, ବ୍ରହ୍ମପୁର ପକ୍ଷରୁ ଶ୍ରାବଣୀ ଉପାକର୍ମ



ବେଦ ପ୍ରଚାର ସମିତି, ଜୟପୁର ପକ୍ଷରୁ ଶ୍ରାବଣୀ ବେଦପ୍ରଚାର



ବେଦ ପ୍ରଚାର ସମିତି, ଫୁଲବାଣୀ ପକ୍ଷରୁ ଶ୍ରାବଣୀ ବେଦପ୍ରଚାର





ଆର୍ଯ୍ୟସମାଜ, ରାୟଗଡ଼ା ପକ୍ଷରୁ ଶ୍ରାବଣୀ ଉପଲକ୍ଷେ ବେଦ ପ୍ରବଚନ ଓ ଶିଶୁ ମନ୍ଦିରରେ ଯଜ୍ଞ




ବେଦ ପ୍ରଚାର ସମିତି, ଟିଟିଲାଗଡ଼ ପକ୍ଷରୁ ଶ୍ରାବଣୀ ଉପଲକ୍ଷେ ବୈଦିକ ସାଧନା ଶିବିର





ବେଦ ପ୍ରଚାର ସମିତି, ବରଗଡ଼ ପକ୍ଷରୁ ଶ୍ରାବଣୀ ଉପଲକ୍ଷେ ବେଦ ପ୍ରବଚନ

**ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି ।** (ଅଥର୍ବ.୧:୧:୪)

**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା

(ଦ୍ୱିମାସିକ)

❁

ପ୍ରତିଷ୍ଠାତା

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

❁

ସମ୍ପାଦକ

**ପଦ୍ମନାଭ ସ୍ୱାଇଁ**

❁

ସହ ସମ୍ପାଦକ

**ଆନନ୍ଦ ସାମନ୍ତରାୟ**

**ଦୁଷ୍ମନ୍ତ କିଶୋର ସ୍ୱାଇଁ**

❁

ପରିଚାଳନା ମଣ୍ଡଳୀ

**ଇ. କୁମାର ସ୍ୱାମୀ**

**ଦଣ୍ଡପାଣି ମିଶ୍ର**

**ନିମାଇଁ ଚରଣ ସ୍ୱାଇଁ**

**ଗୌରଚନ୍ଦ୍ର ଦାସ**

**ଲଳିତମଞ୍ଜରୀ ଦାସ**

❁

 କାର୍ଯ୍ୟାଳୟ

**ଶ୍ରୁତିନ୍ୟାସ**

**ଏଚ୍.ଆଇ.ଜି-୧୫୨, ଫେଜ୍-୭**

**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**

ଚ.ଭା. : ୯୩୩୭୧୦୩୭୮୨, ୯୮୬୧୩୫୮୯୭୭

E-mail : shrutisourabha@gmail.com

Website : www.shrutinyasa.org



**ସଦସ୍ୟତା ଶୁଳ୍କ**

ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-

ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-



**Shruti Sourabha**

Spiritual Social Vedic Magazine

Bimonthly

Vol-1, Issue-6, Sept-Oct 2016


## ସୂଚୀପତ୍ର


| | | |
|---|---|---|
| ୦୧. | ଅନିର୍ବାଣ ଜ୍ୟୋତି ମହର୍ଷି ଦୟାନନ୍ଦ ସରସ୍ୱତୀ | ୦୨ |
| ୦୨. | ଈଶ୍ୱର ପ୍ରାପ୍ତିର ଉପାୟ - ଜ୍ଞାନ-କର୍ମ-ଉପାସନା | ୦୬ |
| ୦୩. | ବିନମ୍ର ହୁଅ | ୧୯ |
| ୦୪. | ନିରୀଶ୍ୱରବାଦ | ୨୧ |
| ୦୫. | ସତ୍ୟାର୍ଥ ପ୍ରକାଶ | ୨୪ |


ପ୍ରତ୍ୟେକ ଧର୍ମମତରେ ଅନେକ ବିଦ୍ୱାନ୍ ଅଛନ୍ତି । ସେମାନେ ଯଦି ପକ୍ଷପାତ ତ୍ୟାଗ କରି ସର୍ବତନ୍ତ୍ର-ସିଦ୍ଧାନ୍ତ ଅର୍ଥାତ୍ ଯେଉଁ ସବୁ କଥା ସମସ୍ତଙ୍କ ଅନୁକୂଳ, ସବୁ ମତରେ ସତ୍ୟ ନିହିତ ଅଛି, ସେ ସବୁର ଗ୍ରହଣ ଏବଂ ଯାହା ସବୁ ପରସ୍ପର-ବିରୋଧୀ କଥା ଅଛି, ସେସବୁର ପରିତ୍ୟାଗ କରି ପରସ୍ପର ପ୍ରୀତିପୂର୍ବକ ବ୍ୟବହାର କରିବେ-କରାଇବେ, ତେବେ ଜଗତର ପୂର୍ଣ୍ଣ କଲ୍ୟାଣ ସାଧିତ ହେବ । କାରଣ ବିଦ୍ୱାନଙ୍କ ମଧ୍ୟରେ ବିରୋଧ ଦ୍ୱାରା ଅବିଦ୍ୱାନଙ୍କ ମଧ୍ୟରେ ବିରୋଧ ବୃଦ୍ଧି ପାଇ ଜଗତରେ ଅନେକ ପ୍ରକାର ଦୁଃଖର ଅଭିବୃଦ୍ଧି ଓ ସୁଖର ହାନି ହୋଇଥାଏ ।

**- ମହର୍ଷି ଦୟାନନ୍ଦ ସରସ୍ୱତୀ**


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

**ପ୍ରତିଷ୍ଠାତାଙ୍କ ଲେଖନୀରୁ :**

# ଅନିର୍ବାଣ ଜ୍ୟୋତି ମହର୍ଷି ଦୟାନନ୍ଦ ସରସ୍ୱତୀ

ଭାରତର ପବିତ୍ର ଭୂମିରେ ଆଦି କାଳରୁ ହିଁ ଋଷି-ମୁନି ଏବଂ ମହାନ୍ ଆତ୍ମାଙ୍କ ଆବିର୍ଭାବ ହୋଇଆସିଛି; ଯେଉଁମାନେ କି ନିଃସ୍ୱାର୍ଥ ଭାବରେ ମାନବ ମାତ୍ରକେ ପ୍ରତ୍ୟେକଙ୍କର ହିତସାଧନ କରି ସମଗ୍ର ବିଶ୍ୱକୁ ମାର୍ଗଦର୍ଶନ କରିଛନ୍ତି। ସେହି ମହାନ୍ ବିଭୂତିମାନଙ୍କ ମଧ୍ୟରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ନାମ ଉଲ୍ଲେଖନୀୟ। ସେ ଊନବିଂଶ ଶତାବ୍ଦୀର ମହାନ୍ ସୁଧାରକଙ୍କ ମଧ୍ୟରେ ଅଦ୍ୱିତୀୟ ଥିଲେ। ସେ ମର୍ଯ୍ୟାଦା ପୁରୁଷୋତ୍ତମ ରାମ, ଯୋଗୀରାଜ କୃଷ୍ଣ, ମହାତ୍ମା ବୁଦ୍ଧ, ଆଚାର୍ଯ୍ୟ ଚାଣକ୍ୟଙ୍କ ଭଳି ଯୁଗ ପ୍ରବର୍ତ୍ତକ, ମାନବତାର ଉନ୍ନାୟକ, ଦୀନ-ଦଳିତଙ୍କ ଉଦ୍ଧାରକ ମହାମାନବ ଥିଲେ।

ମହର୍ଷି ଦୟାନନ୍ଦଙ୍କ ସମୟରେ ଭାରତ ପରାଧୀନ ଥିଲା। ଏହି ପରାଧୀନତା ଅନେକ ଶତାବ୍ଦୀରୁ ଚାଲିଆସୁଥିଲା। ପ୍ରଥମେ ବିଦେଶୀ ଆକ୍ରମଣକାରୀ ମୁସଲମାନଙ୍କ ଗୋଲାମୀ ଓ ତା' ପରେ ଇଂରେଜଙ୍କ ଗୋଲାମୀ। ଏଥିରେ କୌଣସି ଅତିଶୟୋକ୍ତି ନାହିଁ ଯେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଶଙ୍ଖନାଦ ସର୍ବପ୍ରଥମେ ମହର୍ଷି ଦୟାନନ୍ଦ ହିଁ କରିଥିଲେ। ଶ୍ୟାମଜୀ କୃଷ୍ଣ ବର୍ମା, ସ୍ୱାମୀ ଶ୍ରଦ୍ଧାନନ୍ଦ, ବାଳ ଗଙ୍ଗାଧର ତିଳକ, ଲାଲା ଲଜପତ ରାୟ, ମାନବେନ୍ଦ୍ର ନାଥ ରାୟ, ମ୍ୟାଡାମ୍ କାମା, ରାସ ବିହାରୀ ବୋଷ, ପଣ୍ଡିତ ରାମପ୍ରସାଦ ବିସ୍ମିଲ୍, ଚନ୍ଦ୍ରଶେଖର ଆଜାଦ୍, ସର୍ଦ୍ଦାର ଭଗତ୍ ସିଂହ, ଲାଲା ହରଦୟାଲ୍ ପ୍ରମୁଖ ସ୍ୱାଧୀନତା ସଂଗ୍ରାମର କର୍ଣ୍ଣଧାରଙ୍କ ସେ ପ୍ରେରଣାସ୍ରୋତ ଥିଲେ। ତାଙ୍କ ଓଜସ୍ୱୀ ବାଣୀରେ କେବଳ ଭାରତ ହିଁ ନୁହେଁ ଅପିତୁ ସମଗ୍ର ବିଶ୍ୱ ଆନ୍ଦୋଳିତ ହୋଇ ଉଠିଥିଲା।

ମହର୍ଷି ଦୟାନନ୍ଦଙ୍କ ଜନ୍ମ ଫାଲ୍‌ଗୁନ କୃଷ୍ଣ ଦଶମୀ ୧୮୮୧ ବିକ୍ରମାବ୍ଦ ତଦନୁସାରେ ୧୨ ଫେବୃଆରୀ ୧୮୨୫ରେ ଗୁଜରାଟର ଟଙ୍କାରା ନାମକ ନଗରରେ ଏକ ବ୍ରାହ୍ମଣ ପରିବାରରେ ହୋଇଥିଲା। ତାଙ୍କ ପିତାଙ୍କ ନାମ ଥିଲା କର୍ଷଣଲାଲ୍ ତିୱାରୀ ଏବଂ ମାତାଙ୍କ ନାମ ଥିଲା ଯଶୋଦା ବେନ୍। ତାଙ୍କ ପିଲାବେଳର ନାମ ଥିଲା ମୂଳଶଙ୍କର। ସେ ପିତା-ମାତାଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ। ତାଙ୍କ ପରିବାର ଶୈବ ଥିଲେ। ଚଉଦ ବର୍ଷ ବୟସରେ ପିତାଙ୍କ ଆଦେଶାନୁସାରେ ସେ ଶିବରାତ୍ରି ବ୍ରତ କଲେ।

ଭାରତ ବର୍ଷର ଇତିହାସରେ ସେ ମହାଶିବରାତ୍ରି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ ଯେଉଁଦିନ ମୂଳଶଙ୍କରଙ୍କୁ ବୋଧ ପ୍ରାପ୍ତି ହୋଇଥିଲା, ଜଡ଼ରୁ ଚେତନ ଆଡ଼କୁ ଯିବାର ପ୍ରେରଣା ପ୍ରାପ୍ତ ହୋଇଥିଲା। ସେ ରାତିର ଜାଗର ତାଙ୍କୁ ସବୁଦିନ ପାଇଁ ଜାଗ୍ରତ କରିଦେଲା। କେବଳ ତାଙ୍କୁ ହିଁ ନୁହେଁ, ସେ ବୋଧରାତ୍ରି ସାରା ସଂସାରକୁ ଜାଗ୍ରତ କରିଦେଲା। ଶିବଲିଙ୍ଗ ଉପରେ ମୂଷାମାନଙ୍କ ଉପଦ୍ରବ ଦେଖି ତାଙ୍କ ହୃଦୟରେ ଜ୍ଞାନର ଜ୍ୟୋତି ଜାଗ୍ରତ ହେଲା ଯେ ଯେଉଁ ପଥର-ଖଣ୍ଡକୁ ପ୍ରଳୟକର୍ତ୍ତା ଶିବ ବୋଲି ଲୋକେ ଆରାଧନା କରୁଛନ୍ତି, ସିଏ ତ ସାମାନ୍ୟ ମୂଷାମାନଙ୍କ ଦାଉରୁ ନିଜକୁ ରକ୍ଷା କରିପାରୁନି। ଏ ପଥର-ଖଣ୍ଡକ ମନୁଷ୍ୟମାନଙ୍କ ଆରାଧ୍ୟ ଦେବ କିପରି ହୋଇପାରିବ ? ଇଏ ମଣିଷମାନଙ୍କୁ ଆପଦ-ବିପଦରୁ କିପରି ରକ୍ଷା କରିପାରିବ ? ସେହି ସମୟରୁ ତାଙ୍କ ମନ-ମସ୍ତିଷ୍କରେ କାଠ-ପଥର ମୂର୍ତ୍ତିର ପୂଜା ବିରୁଦ୍ଧରେ ପ୍ରବଳ ଭାବନା ଜାଗ୍ରତ ହେଲା। ପରବର୍ତ୍ତୀ କାଳରେ ବେଦର ଏ ସ୍ପଷ୍ଟ ସନ୍ଦେଶ — **'ନ ତସ୍ୟ ପ୍ରତିମା ଅସ୍ତି'** (ଯଜୁଃ. ୩୨:୩) — ପରମାତ୍ମାଙ୍କର କୌଣସି ପ୍ରତିମୂର୍ତ୍ତି ସମ୍ଭବ ନୁହେଁ ଜାଣିବା ପରେ ତାଙ୍କର ଏହି ଭାବନା ଦୃଢ଼ ହୋଇଗଲା ଏବଂ ବେଦର ପ୍ରକାଶରେ ସେ ଜନତାଙ୍କୁ ଜାଗରୁକ କଲେ ଯେ ମୂର୍ତ୍ତିପୂଜା ବ୍ୟର୍ଥ। ସେ କହିଲେ ଯେ ଈଶ୍ୱର ଉପାସନା ପାଇଁ କପୋଳ-କଳ୍ପିତ ଷୋଡ଼ଶୋପଚାର ନିରର୍ଥକ କ୍ରିୟା ମାତ୍ର। ଈଶ୍ୱର ଉପାସନାର ଯଥାର୍ଥ ମାର୍ଗ ହେଲା ମହର୍ଷି ପତଞ୍ଜଳିଙ୍କ ଅଷ୍ଟାଙ୍ଗ ଯୋଗ।

ମହର୍ଷି ଦୟାନନ୍ଦ ମାତ୍ର ୨୨ ବର୍ଷ ବୟସରେ ସତ୍ୟ ଶିବଙ୍କ ଅନ୍ୱେଷଣରେ ଗୃହ ପରିତ୍ୟାଗ କଲେ। ସେ ଭାରତର ବହୁ ସ୍ଥାନ ଭ୍ରମଣ କଲେ, ଅନେକ ଧୂର୍ତ୍ତଙ୍କ ହାବୁଡ଼ରେ ପଡ଼ିଲେ, ଅନେକ ସମ୍ପ୍ରଦାୟକୁ ଅତି ନିକଟରୁ ଦେଖିଲେ, ଧର୍ମ ନାମରେ ଚାଲିଥିବା ପାଖଣ୍ଡ-ପ୍ରହସନକୁ ହୃଦୟଙ୍ଗମ କଲେ, ଅନେକ ବିଦ୍ୱାନ୍-ମହାତ୍ମାଙ୍କଠାରୁ ଜ୍ଞାନ ପ୍ରାପ୍ତ କଲେ, ଯୋଗୀଙ୍କ ଠାରୁ ଯୋଗ ଶିଖିଲେ। ସେ ସ୍ୱାମୀ ପୂର୍ଣ୍ଣାନନ୍ଦ ସରସ୍ୱତୀଙ୍କ ଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କଲେ ଏବଂ ମୂଳଶଙ୍କରରୁ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ନାମରେ ପରିବର୍ତ୍ତିତ ହେଲେ। ୧୮୬୦ ଖ୍ରୀଷ୍ଟାବ୍ଦରେ ପ୍ରଜ୍ଞାଚକ୍ଷୁ ସ୍ୱାମୀ ବିରଜାନନ୍ଦଙ୍କ ଠାରୁ ସେ ବୈଦିକ ବ୍ୟାକରଣାଦିର ଗମ୍ଭୀର ଅଧ୍ୟୟନ କଲେ। ବେଦର ରହସ୍ୟକୁ ହୃଦୟଙ୍ଗମ କରିବାର ଚାବିକାଠି ପାଇଲେ। ସ୍ୱାମୀ ବିରଜାନନ୍ଦଙ୍କୁ ହିଁ ସେ ନିଜର ଯଥାର୍ଥ ଗୁରୁ ମାନିଛନ୍ତି।

ଅଧ୍ୟୟନ ସମାପ୍ତି ପରେ ଯେତେବେଳେ ଦୟାନନ୍ଦ ନିଜ ଗୁରୁଙ୍କଠାରୁ ବିଦାୟ ନେବା ପାଇଁ ଗୁରୁଦକ୍ଷିଣା ସ୍ୱରୂପ ଥାଳିରେ ଲବଙ୍ଗ ନେଇ ଗୁରୁଙ୍କ ନିକଟରେ ପହଞ୍ଚିଲେ, ସେତେବେଳେ ଗୁରୁ ବିରଜାନନ୍ଦ ତାଙ୍କୁ ଆଶୀର୍ବାଦ ଦେଇ କହିଲେ— 'ଏ ଲବଙ୍ଗ ଦକ୍ଷିଣା ମୁଁ ତୁମ ଭଳି ସୁଯୋଗ୍ୟ ଶିଷ୍ୟଠାରୁ ଚାହୁଁନାହିଁ। ଏସବୁ ତ ଅନ୍ୟ ଶିଷ୍ୟମାନେ ବି ଦେଇପାରିବେ। ମୁଁ ତୁମଠାରୁ ବିଶେଷ କିଛି ଚାହୁଁଛି। ଆଜି ବେଦ ବିଦ୍ୟାରୁ ଦୂରେଇ ଯାଇଥିବା କାରଣରୁ ଭାରତବାସୀ ଅକଥନୀୟ ଦୁଃଖ-ଯନ୍ତ୍ରଣା ଭୋଗୁଛନ୍ତି। ଅନ୍ଧବିଶ୍ୱାସ, କୁସଂସ୍କାରର ଚତୁର୍ଦ୍ଦିଗରେ ସାମ୍ରାଜ୍ୟ। ଏଣୁ ମୋ ଦକ୍ଷିଣା ହେଲା ଯେ ଭାରତବାସୀଙ୍କ ଦୁଃଖ-ଦୁର୍ଦ୍ଦଶାର ସମାପ୍ତି ପାଇଁ, ଭାରତକୁ ପୁନଃ ଜଗଦ୍‌ଗୁରୁ ଆସନରେ ଆସୀନ-କରାଇବା ପାଇଁ ତୁମେ ପ୍ରତିଜ୍ଞା କର ଯେ ଅନାର୍ଷ ପୁସ୍ତକ ଓ ବିଚାରର ଖଣ୍ଡନ ଏବଂ ଆର୍ଷଗ୍ରନ୍ଥର ପ୍ରଚାର ଦ୍ୱାରା ବୈଦିକ ଧର୍ମର ପୁନଃ ପ୍ରତିଷ୍ଠାପନ ପାଇଁ ତୁମେ ତୁମ ଜୀବନକୁ ଉତ୍ସର୍ଗ କରିବ।' ଶିଷ୍ୟ ଦୟାନନ୍ଦ 'ତଥାସ୍ତୁ' କହି ଗୁରୁଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ସ୍ୱ ଜୀବନର ଅନ୍ତିମ ଶ୍ୱାସ ପର୍ଯ୍ୟନ୍ତ ବେଦ ତଥା ଆର୍ଷ ଗ୍ରନ୍ଥର ପ୍ରଚାର, ସାମାଜିକ-ଧାର୍ମିକ କୁରୀତି-କୁପ୍ରଥାର ଖଣ୍ଡନ ତଥା ବିବିଧ ପାଖଣ୍ଡର ମୂଳୋତ୍ପାଟନ ପାଇଁ ପୂର୍ଣ୍ଣ ପ୍ରଯତ୍ନ କଲେ। ଏ କାର୍ଯ୍ୟକୁ ସ୍ଥାୟୀ ରୂପ ଦେବା, ନିରନ୍ତର ଗତିଶୀଳ କରି ରଖିବା ପାଇଁ ୧୮୭୫ ଖ୍ରୀଷ୍ଟାବ୍ଦରେ ବମ୍ବେଠାରେ ସେ ଆର୍ଯ୍ୟସମାଜ ସ୍ଥାପନା କଲେ।

ମହର୍ଷି ଦୟାନନ୍ଦଙ୍କ ଯୁଗରେ ଭାରତୀୟ ସମାଜରେ ଜାତିଭେଦ, ବହୁବିବାହ, ବାଲ୍ୟବିବାହ, ବୃଦ୍ଧବିବାହ, ଅସ୍ପୃଶ୍ୟତା, ପରଦାପ୍ରଥା, ସତୀଦାହ ପ୍ରଥା, ବହୁଦେବତାବାଦ, ଧାର୍ମିକ ଶୋଷଣ ଆଦି କୁରୀତି-ନୀତି ବସାବାନ୍ଧି ରହିଥିଲା। ମହର୍ଷି ଦୟାନନ୍ଦ ସମଗ୍ର ଦେଶରେ ଭ୍ରମଣ କରି ସ୍ୱଚକ୍ଷୁରେ ଏସବୁ ଦେଖିଲେ। ମହର୍ଷି ଏସବୁ କୁରୀତ-ନୀତି ବିଲୋପ କରିବା ପାଇଁ ସଂଘର୍ଷ ଆରମ୍ଭ କରିଦେଲେ।

ମହର୍ଷି ଦୟାନନ୍ଦ ଅନୁଭବ କଲେ ଯେ ଯେଉଁ ଦେଶ ଓ ଜାତିର ସଂସ୍କୃତି ଓ ଆଧ୍ୟାତ୍ମିକ ସାହିତ୍ୟ, ସଭ୍ୟତା ଓ ଇତିହାସକୁ ଲୋପ କରି ଦିଆଯାଏ, ସେହି ଦେଶ ଓ ଜାତିର ଅସ୍ତିତ୍ୱ ସମାପ୍ତ ହୋଇଯାଏ। ମହର୍ଷି ଦେଖିଲେ ଯେ ବିଦେଶୀ ଖ୍ରୀଷ୍ଟିଆନ୍ ମିଶନାରୀମାନେ ଆମ ଦାରିଦ୍ର୍ୟର ସୁଯୋଗ ନେଇ ସାରା ଦେଶକୁ ଖ୍ରୀଷ୍ଟିଆନ୍ କରିବାରେ ଲାଗିପଡ଼ିଛନ୍ତି। ମୁସଲମାନମାନେ ମଧ୍ୟ ସାରା ଭାରତରେ ଇସଲାମ୍‌ର ଧ୍ୱଜ ଉଡ଼େଇବା କାମରେ ଲାଗିପଡ଼ିଛନ୍ତି। ଆର୍ଯ୍ୟମାନଙ୍କ ଅସ୍ତିତ୍ୱକୁ ସମାପ୍ତ କରିବା ଦିଗରେ ଏମାନେ ସମସ୍ତେ ସକ୍ରିୟ ଥିଲେ।

ମହର୍ଷି ଦୟାନନ୍ଦ ବହୁତ ଭାବିଚିନ୍ତି ନିଜ କାର୍ଯ୍ୟ ଆରମ୍ଭ କଲେ। ତାଙ୍କୁ ନିଜ ଲୋକଙ୍କ ଦୋଷ-ଦୁର୍ଗୁଣ ବି ଦୂର କରିବାର ଥିଲା ଏବଂ ବିଦେଶୀମାନଙ୍କୁ ମଧ୍ୟ ଭାରତରୁ ତଡ଼ିବାର ଥିଲା। ଗମ୍ଭୀର ଚିନ୍ତନ-ମନନ ପରେ ମହର୍ଷି ଏ ନିଷ୍କର୍ଷରେ ପହଞ୍ଚିଲେ ଯେ ଆର୍ଯ୍ୟ ଜାତି ଓ ଆର୍ଯ୍ୟାବର୍ତ୍ତ ବେଦକୁ ବିସ୍ମୃତ ହୋଇଯିବାରୁ, ବେଦପଥରୁ ଦୂରେଇଯିବାରୁ ଦେଶରେ ଏସବୁ ସଙ୍କଟ ଦେଖାଦେଇଛି।

ମହର୍ଷି ଦୟାନନ୍ଦ ସଂସ୍କୃତ ଭାଷାର, ବିଶେଷତଃ ବେଦର ଅପ୍ରତିମ ବିଦ୍ୱାନ୍ ଥିଲେ। ବେଦ ଓ ବେଦାଙ୍ଗ ଉପରେ ତାଙ୍କର ଅଧ୍ୟୟନ ଅତି ଗଭୀର ଓ ବ୍ୟାପକ ଥିଲା। ତାଙ୍କ ପାଖରେ ଅଦ୍‌ଭୁତ ତର୍କ ଶକ୍ତି ଥିଲା। ବେଦ ବିଷୟକ ଜ୍ଞାନ ଓ ଅଦ୍‌ଭୁତ ତର୍କଶକ୍ତି ଆଧାରରେ ସେ ଅନେକ ସ୍ଥାନକୁ ଯାଇ ତତ୍କାଳୀନ ଭାରତର ମୂର୍ଦ୍ଧନ୍ୟ ବିଦ୍ୱାନ୍‌ମାନଙ୍କ ସହ ଶାସ୍ତ୍ରାର୍ଥ କରି, ଏତଦ୍ ବିଷୟକ ପୁସ୍ତକ ଲେଖି ତଥା ସ୍ୱ ପ୍ରବଚନ ମାଧ୍ୟମରେ ବୈଦିକ ସିଦ୍ଧାନ୍ତକୁ ଜନ-ଜନ ପର୍ଯ୍ୟନ୍ତ

ପହଞ୍ଚାଇଲେ । ବେଦକୁ ଈଶ୍ୱର ପ୍ରଦତ୍ତ ଜ୍ଞାନ ମାନି ସେ ପ୍ରମାଣିତ କଲେ ଯେ ବେଦ ସମସ୍ତ ସତ୍ୟ ବିଦ୍ୟାର ଆଦିସ୍ରୋତ । ସେ ଦୋଷର ଖଣ୍ଡନ ଓ ଗୁଣର ମଣ୍ଡନ ପ୍ରାରମ୍ଭ କଲେ । ପରିଣାମସ୍ୱରୂପ ନିଜ ଓ ପର ଉଭୟେ ତାଙ୍କ ଶତ୍ରୁ ହେଲେ । ଇଟା-ପଥର, ଗାଳି ତାଙ୍କ ଉପରେ ବର୍ଷା ହେବାକୁ ଲାଗିଲା । ତାଙ୍କ ପ୍ରାଣ ନେବା ପାଇଁ ତାଙ୍କ ଉପରେ ଘାତକ ଆକ୍ରମଣ ହେଲା, ତାଙ୍କୁ ବିଷ ପିଆଗଲା । ତଥାପି ସେ ଅବିଚଳିତ ସ୍ୱ ସଂକଳ୍ପରେ ଦୃଢ ବ୍ରତୀ ଆଗକୁ ହିଁ ବଢ଼ିଚାଲିଲେ ।

ମହର୍ଷି ଦୟାନନ୍ଦ ବେଦ ଆଧାରରେ ବାଲ୍ୟବିବାହ, ବୃଦ୍ଧବିବାହ, ସତୀପ୍ରଥା, ସ୍ତ୍ରୀ-ଶୂଦ୍ରଙ୍କ ପଠନ-ପାଠନରେ ଅନଧିକାର, ମୃତକଶ୍ରାଦ୍ଧ, ଅସ୍ପୃଶ୍ୟତା, ବହୁଦେବତାବାଦ ଆଦି ସାମାଜିକ-ଧାର୍ମିକ ଦୋଷ-ଦୁର୍ଗୁଣର ଦୃଢ଼ତା  ପୂର୍ବକ ଖଣ୍ଡନ କରିଛନ୍ତି । ସେ ରାମାୟଣ ଓ ମହାଭାରତକୁ ଆମର ରାଷ୍ଟ୍ରୀୟ ଇତିହାସ ଅଭିହିତ କରିଛନ୍ତି ।  ବେଦାନୁକୂଳ ସବୁ କଥା ମାନିବା ଏବଂ ବେଦବିରୁଦ୍ଧ ସମସ୍ତ ବିଷୟ ପରିତ୍ୟାଗ କରିବାର ଆହ୍ୱାନ ଦେଲେ । ତାଙ୍କ ସମୟରେ ଆମ ଦେଶରେ ବେଦ କେବଳ କର୍ମକାଣ୍ଡ ମଧ୍ୟରେ ସୀମିତ ହୋଇଯାଇଥିଲା । ବେଦ ଜ୍ଞାନ, କର୍ମ ଓ ଉପାସନାର ତ୍ରିବେଣୀ ସଙ୍ଗମ ବୋଲି ବିଦ୍ୱାନଙ୍କ ସମକ୍ଷରେ ସପ୍ରମାଣ ସିଦ୍ଧ କରିବା ସହ ସଂସାର ଆଗରେ ବେଦକୁ ସମସ୍ତ ଜ୍ଞାନ-ବିଜ୍ଞାନର ଆଦିସ୍ରୋତ ରୂପେ ଉପସ୍ଥାପିତ କଲେ । ସମସ୍ତ ସଂସାରକୁ ବିଦିତ କରାଇଲେ ଯେ ସମଗ୍ର ସଂସାରରେ ସର୍ବପ୍ରଥମେ ବୈଦିକ ସଭ୍ୟତା ଓ ସଂସ୍କୃତି ହିଁ ଥିଲା — **'ସା ପ୍ରଥମା ସଂସ୍କୃତିର୍ବିଶ୍ୱବାରା'** (ଋକ୍.) ।

ସେ ପ୍ରମାଣିତ କଲେ ଯେ ବେଦ ହିଁ ସଂସାରର ପୁସ୍ତକାଳୟର ସର୍ବପ୍ରାଚୀନ ପୁସ୍ତକ ।  ବେଦ ଓ ସଂସାର ମଧ୍ୟରେ ସମନ୍ୱୟ ଥିବାରୁ ବେଦ ହିଁ ଈଶ୍ୱରୀୟ ଜ୍ଞାନ । ବାଇବେଲ ଓ କୋରାନ୍ ଈଶ୍ୱରୀୟ ଜ୍ଞାନ ହୋଇପାରିବ ନାହିଁ । କାରଣ ଏସବୁ ପ୍ରତ୍ୟକ୍ଷାଦି ପ୍ରମାଣ ଓ ସୃଷ୍ଟିନିୟମର ବିରୁଦ୍ଧ । ମହର୍ଷି ଦୟାନନ୍ଦଙ୍କ ପ୍ରବଳ ତର୍କ ପ୍ରବାହରେ ନାସ୍ତିକ ମତ ମୂଳୋତ୍ପାଟିତ ହେବାକୁ ଲାଗିଲା । ମଦ୍ୟପାନ, ମାଂସାହାର, ପଶୁବଳି ଆଦି କୁରୀତିର ମହର୍ଷି ତୀବ୍ର ଖଣ୍ଡନ କଲେ । ଗୋରକ୍ଷା ଓ କୃଷିକୁ ଦେଶର ମୂଳାଧାର ମାନି ସେ ଗୋରକ୍ଷା ନିମନ୍ତେ ପ୍ରଯତ୍ନ କଲେ । ଗୋରକ୍ଷା ପାଇଁ ହସ୍ତାକ୍ଷର ଅଭିଯାନ ଚଳାଇଲେ । 'ଗୋକରୁଣାନିଧି' ନାମକ ପୁସ୍ତକ ଲେଖିଲେ । 'ଗୋକୃଷ୍ୟାଦିରକ୍ଷିଣୀ ସଭା' ସ୍ଥାପନ କଲେ ।

ନାରୀ ଓ ଶୂଦ୍ରଙ୍କ ଦଶା ସୁଧାରିବାର ସର୍ବପ୍ରଥମ ପ୍ରୟାସ ମହର୍ଷି ଦୟାନନ୍ଦଙ୍କର ଥିଲା । ପରବର୍ତ୍ତୀ କାଳରେ ଦଳିତମାନଙ୍କ ଉତ୍ଥାନ ଦିଗରେ ଆର୍ଯ୍ୟସମାଜ ପ୍ରଶଂସନୀୟ କାର୍ଯ୍ୟ କଲା । ଆର୍ଯ୍ୟସମାଜର ପ୍ରୟାସର ପରିଣାମରେ ବାଲ୍ୟବିବାହ ବନ୍ଦ ହେଲା । ଏଥିପାଇଁ ଆର୍ଯ୍ୟସମାଜର ପ୍ରସିଦ୍ଧ ନେତା ଦିୱାନ୍ ବାହାଦୁର୍ ହରବିଲାସ ଶାରଦାଙ୍କ ବଳିଷ୍ଠ ଉଦ୍ୟମରେ ୧୯୨୯ରେ 'ବାଲ୍ୟବିବାହ ନିରୋଧ ଆଇନ୍' ବା 'ଶାରଦା ଆକ୍ଟ' ପ୍ରଣୀତ ହେଲା । ଆର୍ଯ୍ୟସମାଜର ପ୍ରଚେଷ୍ଟାର ପରିଣାମସ୍ୱରୂପ ବାଲ୍ୟବିଧବାମାନଙ୍କ ଦୟନୀୟ ଦଶା ସୁଧୁରିଲା । 'ସତୀପ୍ରଥା' ନାମରେ ଚାଲିଥିବା ଘୋର ଅତ୍ୟାଚାର ବନ୍ଦ ହେଲା ।

୧୮୫୭ର ଜନକ୍ରାନ୍ତି ଓ ତା' ପରେ ବିଦେଶୀ ଶାସକଙ୍କ ଭୀଷଣ ଅତ୍ୟାଚାର ଏବଂ ଭୟଙ୍କର ଦମନଲୀଳାକୁ ମହର୍ଷି ସ୍ୱୟଂ ଦେଖିଲେ । ଭାରତର ବହୁଧା ବିଭକ୍ତ ଛୋଟ-ଛୋଟ ରାଜ୍ୟର ରାଜାମାନଙ୍କୁ ସୁଧାରିବା ଓ ଏକତ୍ରିତ କରିବା ପାଇଁ ସ୍ୱାମୀ  ଦୟାନନ୍ଦ ପ୍ରଯତ୍ନ କଲେ । ମହର୍ଷିଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସେହି ଏକତ୍ରିକରଣ ପ୍ରଯତ୍ନ ସ୍ୱାଧୀନତା ପରେ ଭାରତର ଗୃହମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦ୍ୱାରା ସାକାର ରୂପ ନେଲା ।

ଭାରତର ସ୍ୱାଧୀନତା ପାଇଁ ପ୍ରତ୍ୟେକ ବ୍ୟକ୍ତିର ହୃଦୟରେ ସ୍ୱାଧୀନତାର ବହ୍ନି ପ୍ରଜ୍ୱଳିତ ହେଉ, ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ସେ ବେଦର କେତେକ ନିର୍ବାଚିତ ମନ୍ତ୍ରକୁ ସଂକଳନ କରି 'ଆର୍ଯ୍ୟାଭିବିନୟ' ପୁସ୍ତକ ରଚନା କଲେ । ଯେଉଁଥିରେ କି ସେ ପ୍ରାର୍ଥନା ମାଧ୍ୟମରେ ଭାରତୀୟମାନଙ୍କୁ ଏହା ସୂଚିତ କରିବାକୁ  ଚେଷ୍ଟା କରିଛନ୍ତି କି ସଂସାରରେ ସୃଷ୍ଟି ପ୍ରାରମ୍ଭରୁ ଆର୍ଯ୍ୟମାନଙ୍କ ଚକ୍ରବର୍ତ୍ତୀ ରାଜ୍ୟ ରହିଆସିଥିଲା । ମଧ୍ୟବର୍ତ୍ତୀ କାଳରେ ବେଦରୁ ଦୂରେଇ ଯିବା କାରଣରୁ ଆମେ ପରାଧୀନ ହୋଇଯାଇଛୁ । ବର୍ତ୍ତମାନ ପୁନଃ ସାରା ସଂସାରରେ ଆମର ଚକ୍ରବର୍ତ୍ତୀ  ରାଜ୍ୟ ସ୍ଥାପିତ ହେବା ଉଚିତ । ଭାରତ ଜଗଦ୍‌ଗୁରୁ ଆସନକୁ ଯିବା ଉଚିତ । ତା'ର ପ୍ରାରମ୍ଭ ନିଜ ଦେଶର ସ୍ୱାଧୀନତାଠାରୁ ଆରମ୍ଭ ହେବା

ଦରକାର। ସେ 'ସତ୍ୟାର୍ଥପ୍ରକାଶ'ରେ ଲେଖିଲେ— 'ନିଜ-ପର ଭାବନା ରହିତ ବ୍ୟବସ୍ଥିତ ବିଦେଶୀ ଶାସନ ଅପେକ୍ଷା ଯେତେ ଅବ୍ୟବସ୍ଥା ମଧ୍ୟରେ ଥିବା ସ୍ୱଦେଶୀ ଶାସନ ଶତଗୁଣ ଶ୍ରେୟସ୍କର।'

ଦେଶରେ ସ୍ୱାଧୀନତାର ଜୁଆର ଉତ୍ପନ୍ନ କରିବା ପାଇଁ ମହର୍ଷି ସ୍ୱଭାଷା, ସ୍ୱଭୂଷା, ସ୍ୱ ଚାଲି-ଚଳନ ଉପରେ ବହୁତ ଗୁରୁତ୍ୱ ଆରୋପ କଲେ। ପାଶ୍ଚାତ୍ୟ ସଭ୍ୟତା ଓ ବେଶଭୂଷା ବିରୁଦ୍ଧରେ ସେ ଭାରତୀୟ ସଭ୍ୟତା ଓ ସଂସ୍କୃତିର ସମର୍ଥନ କଲେ ତଥା ଭାରତୀୟମାନଙ୍କୁ ପ୍ରାଚୀନ ବୈଦିକକାଳୀନ ଆର୍ଯ୍ୟଙ୍କ ସଭ୍ୟତା ଓ ସଂସ୍କୃତିର ଅନୁକରଣ କରିବାକୁ ଉପଦେଶ ଦେଲେ। ସେ ଭାରତୀୟଙ୍କ ଭିତରେ ଉତ୍ସାହ ଓ ସ୍ୱାଭିମାନର ଜ୍ୟୋତି ପ୍ରଜ୍ୱଳିତ କଲେ। ପରବର୍ତ୍ତୀ କାଳରେ ତାହା ସ୍ୱାଧୀନତା ଆନ୍ଦୋଳନରେ ବିଦେଶୀ ବସ୍ତୁ ବର୍ଜନ ରୂପେ ବ୍ୟାପିଲା।

ମହର୍ଷି ଦୟାନନ୍ଦ ଦେଶରେ ବୁଲି-ବୁଲି ଦେଶର ଭୟଙ୍କର ଦାରିଦ୍ର୍ୟ ବି ଦେଖିଲେ। ଧନ-ଧାନ୍ୟ ସମ୍ପନ୍ନ ଜମିଦାର ପରିବାରର ପୁତ୍ର ଯେଉଁ ମୂଳଶଙ୍କର ସବୁ ସମ୍ପଦକୁ ପ୍ରତ୍ୟାଖ୍ୟାନ କଲାବେଳେ ତିଳେ ମାତ୍ର ଦୁଃଖ କରିନଥିଲେ, ଅର୍ଦ୍ଧାହାର-ଅନାହାରରେ ରହି କୌପୀନମାତ୍ରକ ସମ୍ବଳ ହୋଇ ଶୀତ-ବାତ-ରୌଦ୍ରରେ ସତ୍ୟର ସନ୍ଧାନରେ ଯିଏ କେବେ ବିଚଳିତ ହୋଇନଥିଲେ, ଭାରତର ଦାରିଦ୍ର୍ୟ କଥା ଚିନ୍ତାକଲେ ସେହି ଦୟାନନ୍ଦଙ୍କୁ ରାତିରେ ନିଦ ହେଉନଥିଲା। ଗଭୀର ବେଦନାସିକ୍ତ ହୃଦୟରେ ସେ ବିଚାରୁଥିଲେ ଯେ ଅତୀତରେ ପରଶମଣି ଓ ସୁବର୍ଣ୍ଣବିହଙ୍ଗ କୁହାଯାଉଥିବା ଯେଉଁ ଭାରତ ବର୍ଷ ସାରା ସଂସାରକୁ ଅନ୍ନ ଓ ଜ୍ଞାନ ଦେଉଥିଲା ସେହି ସ୍ୱର୍ଣ୍ଣପ୍ରସୂ ଭାରତ ଶହ-ଶହ ବର୍ଷ ଧରି ବିଦେଶୀଙ୍କ ଶୋଷଣ ଓ ଲୁଣ୍ଠନର ଫଳସ୍ୱରୂପ ଆଜି ଏଭଳି ସ୍ଥିତିରେ ପହଞ୍ଚିଯାଇଛି ଯେ ତା'ର ସନ୍ତାନଙ୍କ ପାଖରେ ପେଟ ଭରିବାକୁ ଅନ୍ନ ନାହିଁ କି ଲଜ୍ଜା ଢାଙ୍କିବାକୁ ବସ୍ତ୍ର ନାହିଁ। ଯେଉଁଦିନ ଜଣେ ମହିଳା ନିଜର ପଣତକାନିରେ ଘୋଡ଼ାଇ ଆଣିଥିବା ପ୍ରାଣପ୍ରିୟ ଶିଶୁର ମୃତ ଶରୀରକୁ ନଦୀରେ ଭସାଇ ଦେଇ ଲଜ୍ଜାନିବାରଣ ପାଇଁ ବସ୍ତ୍ରାଭାବରୁ ମୃତ ଶିଶୁ ଉପର ବସ୍ତ୍ର ଛାଡ଼ି ନପାରି ନେଇ ଆସିଲେ ସେ ହୃଦୟ ବିଦାରକ ଦୃଶ୍ୟ ବଜ୍ର ସମ କଠୋର ହୃଦୟ ଦୟାନନ୍ଦଙ୍କୁ ବି ବିଚଳିତ କରିଦେଲା, ନେତ୍ର ଅଶ୍ରୁପୂର୍ଣ୍ଣ ହୋଇଗଲା।

ମହର୍ଷି ଦୟାନନ୍ଦ ଚରିତ୍ର ନିର୍ମାଣ ଉପରେ ଅତ୍ୟଧିକ ଗୁରୁତ୍ୱ ଦେଉଥିଲେ। ନିଜ ଦେଶର ଧନାଢ୍ୟ ଲୋକ ଓ ରାଜା-ମହାରାଜାଙ୍କୁ ବିଳାସିତାରୁ ମୁକ୍ତ କରି ଧର୍ମ ଓ ରାଜଧର୍ମର ମାର୍ଗରେ ଚାଲିବା ପାଇଁ ସେ ସର୍ବଦା ପ୍ରେରଣା ଦେଲେ। କିନ୍ତୁ ମହର୍ଷିଙ୍କୁ ଏ କାର୍ଯ୍ୟର ବହୁମୂଲ୍ୟ ଦେବାକୁ ପଡ଼ିଲା। ଯେଉଁମାନେ ଧନାଢ୍ୟ ଲୋକ ଓ ରାଜା-ମହାରାଜା ମାନଙ୍କୁ ନିଜର ଓ ରୂପ ଜାଲରେ ଫସାଇ ବଶ କରି ରଖିଥିଲେ ସେମାନେ ସମସ୍ତେ ମହର୍ଷିଙ୍କ ଶତ୍ରୁ ପାଲଟିଗଲେ। ଯୋଧପୁରର ଏଭଳି ବେଶ୍ୟା ନହ୍ନି ଭଗତିନ୍‌ର ଷଡ଼ଯନ୍ତ୍ରରେ ତାଙ୍କ ନିଜ ରୋଷେଇଆ ଧୋକା ଦେଇ ତାଙ୍କୁ ବିଷ ପିଆଇ ଦେବାରୁ ୧୮୮୩ ଅକ୍ଟୋବର ୩୦ରେ ଦୀପାବଳିର ପବିତ୍ର ପର୍ବରେ ସନ୍ଧ୍ୟା ୬.୦୦ଟା ସମୟରେ ଏହି ବିଶ୍ୱବିଶ୍ରୁତ ସନ୍ନ୍ୟାସୀଙ୍କର ଜୀବନ-ଦୀପ ନିର୍ବାପିତ ହୋଇଗଲା।

ବ୍ୟସ୍ତବହୁଳ ଜୀବନକାଳ ମଧ୍ୟରେ ମଧ୍ୟ ମହର୍ଷି ଦୟାନନ୍ଦ ଅନେକ ଗ୍ରନ୍ଥ ରଚନା କରିଯାଇଛନ୍ତି। ତନ୍ମଧ୍ୟରୁ ସତ୍ୟାର୍ଥପ୍ରକାଶ, ଋଗ୍‌ବେଦାଦି ଭାଷ୍ୟଭୂମିକା, ସଂସ୍କାର ବିଧି ପ୍ରମୁଖ। ଅନ୍ଧାରରେ ଅଣ୍ଡାଳି ହେଉଥିବା ମଣିଷ ସମାଜ ଆଗରେ ନିଜର ଜ୍ଞାନ-ତର୍କପୂର୍ଣ୍ଣ ବାଣୀ ଓ ରଚନା ମାଧ୍ୟମରେ ମହର୍ଷି ଦୟାନନ୍ଦ ଯେଉଁ ଅଖଣ୍ଡ-ପ୍ରଦୀପ ପ୍ରଜ୍ୱଳିତ କରି ଯାଇଛନ୍ତି ତାହା ସତତ ସମାଜକୁ ପଥପ୍ରଦର୍ଶନ କରୁଥିବ। ଆଜି ବିଜ୍ଞାନର ଆବିଷ୍କାର ମାଧ୍ୟମରେ ଅଜ୍ଞାନର ଘନ କୁଜ୍‌ଝଟିକା ଚତୁର୍ଦ୍ଦିଗରେ ବ୍ୟାପିଥିବା ବେଳେ ଆମେ ବୈଦିକ ସାହିତ୍ୟ ଓ ବୈଦିକ ପତ୍ରିକାର ପ୍ରକାଶରେ ପ୍ରତ୍ୟେକେ ଅନ୍ୟୂନ ୫ଟି ବ୍ୟକ୍ତିଙ୍କ ଜୀବନକୁ ଯଦି ପ୍ରକାଶିତ କରିବାର କୃତସଂକଳ୍ପ ହୋଇ କାର୍ଯ୍ୟକରିବା ତେବେ ଯାଇ ତାହା ସେ ଅମର ଆତ୍ମାଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବ। ଆସନ୍ତୁ ମହର୍ଷିଙ୍କ ଅନୁଗାମୀ ରୂପେ ଜୀବନରୁ ଓ ଜଗତରୁ ଅଜ୍ଞାନ-ଅନ୍ଧକାର ଦୂର କରିବା ପାଇଁ ଆମେ ବ୍ରତୀ ହେବା — **'ତମସୋ ମା ଜ୍ୟୋତିର୍ଗମୟ'।**

**ସୁଧାନନ୍ଦ ସରସ୍ୱତୀ**

❖❖❖

**ସର୍ବେ ଭବନ୍ତୁ ସୁଖିନଃ :**

# ଈଶ୍ୱର ପ୍ରାପ୍ତିର ଉପାୟ — ଜ୍ଞାନ-କର୍ମ-ଉପାସନା

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**ପ୍ର.କ.**— ଆମ ପାଖକୁ ବହୁତ ପତ୍ର ଆସିଛି। ସେଥିରୁ ଗୋଟିଏ ପତ୍ରର ପ୍ରଶ୍ନ ବିଷୟରେ ଆଜି ଆଲୋଚନା କରିବା। ସେଥିରେ ଦର୍ଶକ ବନ୍ଧୁ ଜଣକ ଆପଣଙ୍କୁ ପଚାରିଛନ୍ତି— ପୂର୍ବରୁ ପ୍ରସାରିତ "ଈଶ୍ୱରଙ୍କୁ ପାଇବା କିପରି ?" ଆଲୋଚନାରେ ଆପଣ କହିଲେ ଯେ ଈଶ୍ୱର ପ୍ରାପ୍ତି ପାଇଁ ୩ଟି ବିଷୟ ଆବଶ୍ୟକ। ତାହା ହେଲା– ଶୁଦ୍ଧ ଜ୍ଞାନ, ଶୁଦ୍ଧ କର୍ମ ଓ ଶୁଦ୍ଧ ଉପାସନା। ସମ୍ଭବତଃ ସମୟ ଅଭାବରୁ ଆପଣ ଏ ବିଷୟରେ ବିସ୍ତୃତ ଆଲୋଚନା କଲେ ନାହିଁ। ଦୟାକରି ଏ ତିନୋଟିକୁ ବିଶଦ ଭାବେ ବୁଝାଇବେ।

**ସ୍ୱାମୀଜୀ** — ଠିକ୍ କଥା। ମୁଁ ପୂର୍ବରୁ କହିଥିଲି ଯେ ଈଶ୍ୱର ପ୍ରାପ୍ତି ପାଇଁ ୩ଟି ସାଧନ ଦରକାର। ସେଗୁଡ଼ିକ ହେଲା — ଶୁଦ୍ଧ ଜ୍ଞାନ, ଶୁଦ୍ଧ କର୍ମ ଓ ଶୁଦ୍ଧ ଉପାସନା। ପ୍ରଥମେ ଆଲୋଚନା କରିବା 'ଜ୍ଞାନ' ମାନେ କ'ଣ ? 'ଜ୍ଞାନ' ମାନେ ଜାଣିବା। କୌଣସି ବସ୍ତୁ ବିଷୟରେ ଜାଣିବାକୁ ଜ୍ଞାନ ବୋଲି କୁହାଯାଏ। ସେ ଜାଣିବା କେଉଁଠି ଠିକ୍ ହୋଇଥାଏ ତ କେଉଁଠି ଭୁଲ୍ ବି ହୋଇଥାଏ। ଅତଃ ସଂସାରରେ କୌଣସି ବସ୍ତୁ ବିଷୟରେ ଆମର ଯେଉଁ ଜ୍ଞାନ ଥାଏ, ତାକୁ ୪ ପ୍ରକାରେ ବର୍ଗୀକରଣ କରାଯାଇଛି। କ'ଣ କ'ଣ ? ୧. ଭ୍ରମାତ୍ମକ ଜ୍ଞାନ, ୨. ସଂଶୟାତ୍ମକ ଜ୍ଞାନ, ୩. ଶାବ୍ଦିକ ଜ୍ଞାନ ଏବଂ ୪. ନିର୍ଣ୍ଣୟାତ୍ମକ ଜ୍ଞାନ ବା ତତ୍ତ୍ୱଜ୍ଞାନ।

**୧. ଭ୍ରମାତ୍ମକ ଜ୍ଞାନ** — କୌଣସି ବସ୍ତୁର ଗୁଣ-କର୍ମ-ସ୍ୱଭାବର ବିପରୀତ, ଅନ୍ୟଥା ଜ୍ଞାନକୁ ଭ୍ରାନ୍ତି ବା ଭ୍ରମାତ୍ମକ ଜ୍ଞାନ କୁହାଯାଏ। **୨. ସଂଶୟାତ୍ମକ ଜ୍ଞାନ** — କୌଣସି ନିର୍ଦ୍ଦିଷ୍ଟ ବିଷୟରେ ମନରେ ଉତ୍‌ଥିତ ଏକାଧିକ ବିଚାର ମଧ୍ୟରୁ କୌଣସି ନିଷ୍କର୍ଷରେ, ନିର୍ଣ୍ଣୟରେ ପହଞ୍ଚି ନ ପାରି ଆନ୍ଦୋଳିତ ହେଉଥିବା ମାନସିକ ବିଚାରକୁ ସଂଶୟାତ୍ମକ ଜ୍ଞାନ କହନ୍ତି। **୩. ଶାବ୍ଦିକ ଜ୍ଞାନ** — କୌଣସି ପଦାର୍ଥର ସ୍ୱରୂପ ଯେପରି ତାକୁ ଶବ୍ଦରେ ତ ସେପରି ବୋଲି ସ୍ୱୀକାର କରିବା; କିନ୍ତୁ ଆଚରଣ ତା'ଠୁ ଅନ୍ୟଥା (ବିପରୀତ, ଭିନ୍ନ) ହେବା - ଏହି ଜ୍ଞାନକୁ ଶାବ୍ଦିକ ଜ୍ଞାନ କହନ୍ତି। ଯଥା - ଧୂମପାନ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ଜାଣି ସୁଦ୍ଧା ଧୂମପାନ କରିବା। **୪. ତତ୍ତ୍ୱଜ୍ଞାନ** — କୌଣସି ପଦାର୍ଥର ଗୁଣ-କର୍ମ-ସ୍ୱଭାବ ଯାହା, ତାକୁ ସେପରି ଜାଣିବା ଏବଂ ସେପରି ହିଁ ଆଚରଣ କରିବାକୁ ତତ୍ତ୍ୱଜ୍ଞାନ ବା ନିର୍ଣ୍ଣୟାତ୍ମକ ଜ୍ଞାନ କୁହାଯାଏ। ଯଥା– ଧୂମପାନ ହାନିକାରକ ଜାଣି ଧୂମପାନରୁ ଦୂରେଇ ରହିବା। ଏ ଚାରି ପ୍ରକାର ଜ୍ଞାନ ମଧ୍ୟରୁ ତତ୍ତ୍ୱଜ୍ଞାନ ହିଁ ଯଥାର୍ଥରେ ଜ୍ଞାନ। ଏହା ହିଁ ଉପକାରୀ। ଭ୍ରମାତ୍ମକ, ସଂଶୟାତ୍ମକ ଓ ଶାବ୍ଦିକ - ଏ ତିନି ପ୍ରକାର ଜ୍ଞାନରେ ବାସ୍ତବିକ କଲ୍ୟାଣ ନାହିଁ। ଭ୍ରମାତ୍ମକ ଜ୍ଞାନରେ ତ ଅକଲ୍ୟାଣ ହିଁ ଅକଲ୍ୟାଣ। ଏହାକୁ ଯଥାଶୀଘ୍ର ପରିତ୍ୟାଗ କରିବା ବାଞ୍ଛନୀୟ।

କୌଣସି ବି ବସ୍ତୁ ବିଷୟରେ ଏ ଚାରି ପ୍ରକାର ଜ୍ଞାନ ମଧ୍ୟରୁ କୌଣସି ଏକ ପ୍ରକାର ଜ୍ଞାନ ଆମ ଭିତରେ ଥାଏ। ସଂସାରରେ ଜାଣିବା ଯୋଗ୍ୟ ସତ୍ତା ହେଲେ ତିନୋଟି — ୧. ଈଶ୍ୱର, ୨. ଜୀବ ଏବଂ ୩. ପ୍ରକୃତି। ସଂସାରର ସବୁ ଜିନିଷ ଏ ୩ଟି ଭିତରେ ଆସିଯାଆନ୍ତି। ଏଥି ମଧ୍ୟରୁ ଯାହାକୁ ବି ପାଇବାକୁ ହେଲେ ତାହା କ'ଣ, କେଉଁଠି ଥାଏ ଓ କେମିତି ମିଳେ ସେ କଥା ତ ଠିକ୍ ରୂପେ ଜାଣିବା ଏକାନ୍ତ ଆବଶ୍ୟକ। ତେଣୁ ଈଶ୍ୱରକୁ ପାଇବାକୁ ହେଲେ ଈଶ୍ୱରଙ୍କୁ ଠିକ୍ ରୂପେ ଜାଣିବା ଦରକାର। ଈଶ୍ୱରଙ୍କ ବିଷୟରେ କ'ଣ ଭ୍ରମାତ୍ମକ ଜ୍ଞାନ ଆମ ଭିତରେ ଅଛି ଆଗ ତାକୁ ଜାଣିବା। ଯଦି ଭ୍ରମାତ୍ମକ ଜ୍ଞାନ ନାହିଁ ତେବେ ତ ଅତି ଉତ୍ତମ। ଆଉ ଯଦି ଅଛି ତେବେ ତାକୁ ଜାଣି ଶୀଘ୍ର ଦୂର କରିବା ଜରୁରୀ।

ମଣିଷ ଯେତେବେଳେ ଏ ସୃଷ୍ଟିକୁ ଦେଖିଲା, ମଣିଷ ବିଚାର କଲା ଯେ ଏ ସୃଷ୍ଟି ଅତ୍ୟନ୍ତ ବୁଦ୍ଧିପୂର୍ବକ ତିଆରି

ହୋଇଛି । ତେଣୁ ଏହା ଆପେ-ଆପେ କେବେ ବି ତିଆରି ହୋଇନଥିବ । କାରଣ କୌଣସି ବୁଦ୍ଧିପୂର୍ବକ କ୍ରିୟା କେବେ ବି ଆପେ-ଆପେ ହୁଏ ନାହିଁ । ଏ ସୃଷ୍ଟିକୁ ନିଶ୍ଚିତ ଭାବେ ଜଣେ ବୁଦ୍ଧିମାନ୍ ଚେତନ କର୍ତ୍ତା ତିଆରି କରିଥିବେ । ସେ କର୍ତ୍ତା, ଯାହାକୁ ଆମେ ଭଗବାନ କହୁଛେ, ବ୍ରହ୍ମ କହୁଛେ, ଈଶ୍ୱର କହୁଛେ, ସେ କେମିତି ହୋଇଥିବେ ? ଏକଥା ମଣିଷ ନିଜ ବୁଦ୍ଧି ଅନୁସାରେ ବିଶ୍ଳେଷଣ କରିଚାଲିଲା । ଦଳେ ଲୋକ ବିଚାର କଲେ ଯେ ସଂସାରରେ ଯେତିକି ବୁଦ୍ଧିପୂର୍ଣ୍ଣ କ୍ରିୟା ହେଉଥିବାର ଦେଖାଯାଉଛି; ଯଥା — ଘର-ଦ୍ୱାର, ରାସ୍ତା-ଘାଟ, କଳ-କାରଖାନା ତିଆରି ହେଉଛି; ଅଧ୍ୟାପନା, ବ୍ୟାପାର, କୃଷି ଆଦି ଯେତେ କର୍ମ ହେଉଛି ସେସବୁ ମଣିଷ କରୁଛି । ସେଥିପାଇଁ ସେମାନେ ବିଚାର କଲେ ଯେ — ଈଶ୍ୱର ନିଶ୍ଚିତ ରୂପେ ମଣିଷ ଭଳି ହୋଇଥିବେ । ଗାଈ, ଛେଳି, ମେଣ୍ଢା ହୋଇଥିଲେ ସେ ଏ ବିରାଟ ସଂସାରର ବୁଦ୍ଧିପୂର୍ଣ୍ଣ କାମ କରିପାରନ୍ତେ ନାହିଁ । ତେଣୁ ସେମାନେ ନିଷ୍କର୍ଷ ବାହାର କଲେ ଯେ ଈଶ୍ୱର ଆମ ଭଳି ମଣିଷ । ତା' ସହ ସେମାନେ ଏକଥା ବି ବିଚାର କଲେ ଯେ — 'ଅଳ୍ପ କାମ କରି ତ ଆମେ ଥକିଯାଉଛୁ, ଆମ ହାତ ଘୋଳି ହେଉଛି, ଗୋଡ଼ ଘୋଳି ହେଉଛି । ତେଣୁ ଭଗବାନଙ୍କର ଯଦି ଆମ ଭଳି ଦୁଇଟି ହାତ ଥିବ, ସେ ଏତେ କାମ କେମିତି କରିପାରିବେ ? ଆମ ଠାରୁ ନିଶ୍ଚିତ ରୂପେ କିଛି ହେଲେ ଅଧିକ ହାତ ଥିବ । କିଛି ଲୋକ ଭାବିଲେ ଯେ ଯେହେତୁ ଆମର ଦୁଇଟି ହାତରେ ଆମେ ବେଶି କାମ କରିପାରୁନୁ, ତେଣୁ ଈଶ୍ୱରଙ୍କର କମ୍ ସେ କମ୍ ଆଉ ଦୁଇଟି ହାତ ଅଧିକ ଥିବ । ଆଉ କିଛି ଲୋକ ଏତିକିରେ ସନ୍ତୁଷ୍ଟ ହେଲେ ନାହିଁ । ସେମାନେ ବିଚାର କଲେ ଯେ ୪ଟା ହାତରେ କ'ଣ ଏତେ କାମ ସମ୍ଭବ ? ତେଣୁ ସେମାନେ ଆଉ ୨ଟି ହାତ ବଢ଼ାଇ ଦେଲେ । ଯେଉଁମାନେ ୬ଟା ହାତରେ ବି ସନ୍ତୁଷ୍ଟ ହେଲେ ନାହିଁ ସେମାନେ ତା' ପରେ ୮, ତା' ପରେ ୧୦.... ଏମିତି ବଢ଼ାଇ ଚାଲିଲେ । ସେହିଭଳି କିଛି ଲୋକ ବିଚାର କଲେ ଯେ — 'ଆମ ଗୋଟିଏ ଘରର, କାର୍ଯ୍ୟାଳୟର, ବ୍ୟବସାୟ ପ୍ରତିଷ୍ଠାନର ସମସ୍ୟା ତ ଆମେ ଗୋଟିଏ ମୁଣ୍ଡରେ ବୁଝିପାରୁନୁ, ମୁଣ୍ଡବ୍ୟଥା ହୋଇଯାଉଛି, କେତେ ପ୍ରକାର ତୈଳ ମର୍ଦ୍ଦନ, ମଲମ ଲେପନ କରିବାକୁ ପଡୁଛି । ଭଗବାନ ଏ ବିରାଟ ସୃଷ୍ଟିର ଏତେ ପ୍ରକାର ସମସ୍ୟା, ଏତେ ପ୍ରାଣୀଙ୍କ ଭଲ-ମନ୍ଦ ବୁଝୁଛନ୍ତି । ଗୋଟିଏ ମୁଣ୍ଡରେ ଏସବୁ ତ ଅସମ୍ଭବ । ତେଣୁ ତାଙ୍କର ନିଶ୍ଚୟ ଏକରୁ ଅଧିକ ମୁଣ୍ଡ ଥିବ ।' ତେଣୁ କେହି-କେହି ଆଉ ଗୋଟିଏ ମୁଣ୍ଡର କଳ୍ପନା କଲେ, ଆଉ କେତେକ ଆଉ ଗୋଟିଏ ଯୋଡ଼ିଲେ... ଏମିତି ଲମ୍ୱିଚାଲିଲା । କିଛି ଲୋକଙ୍କ କଳ୍ପନାରୁ ଏସବୁ ଆରମ୍ଭ ହୋଇଛି । ଏହା ହେଲା ଈଶ୍ୱରଙ୍କ ସମ୍ବନ୍ଧୀୟ ଭ୍ରମାତ୍ମକ ଜ୍ଞାନ । ଯେଉଁମାନେ ବିଚାର କଲେ ଯେ — 'ଈଶ୍ୱର ଆମ ଭଳି ମଣିଷ ଅଟନ୍ତି । କେବଳ ଫରକ ହେଲା - ଆମର ଗୋଟିଏ ମୁଣ୍ଡ ଅଛି । ଈଶ୍ୱରଙ୍କ ଏକରୁ ଅଧିକ ମୁଣ୍ଡ ଥିବ । ଆମର ଦୁଇଟି ହାତ ଅଛି, ଭଗବାନଙ୍କର ନିଶ୍ଚିତ ୨ରୁ ଅଧିକ ହାତ ଥିବ ।' ଏଥିପାଇଁ ଯିଏ ଯେମିତି ବଢ଼ାଇ ପାରିଲେ, ବଢ଼ାଇ ଚାଲିଲେ । ୪, ୬, ୮, ୧୦... ହାତ ଏବଂ ୨, ୩, ୪, ୫ ... ମୁଣ୍ଡ । ଅତଏବ ଈଶ୍ୱରଙ୍କ ସମ୍ବନ୍ଧରେ ଏ ଯେଉଁ ଧାରଣା ଯେ 'ଈଶ୍ୱର ମଣିଷ ଭଳି ଓ ତାଙ୍କର ହାତ, ମୁଣ୍ଡ ଏତେ ସଂଖ୍ୟକ'- ଏହା ହେଲା ଭ୍ରମାତ୍ମକ ଜ୍ଞାନ ।

ଆଉ କେତେକ ବ୍ୟକ୍ତି ବିଚାର କଲେ ଯେ ଗୋଟିଏ ବଡ଼ ବିଦ୍ୟାଳୟର, କାର୍ଯ୍ୟାଳୟର, କାରଖାନାର କାମ ବି ଜଣେ ଲୋକ ବୁଝିପାରୁନି । ଅନେକ ଲୋକ ଆବଶ୍ୟକ ପଡୁଛି । ତେଣୁ ଭଗବାନ ଯେତେବେଳେ ବିରାଟ ସୃଷ୍ଟିକୁ ଚଳାଉଛନ୍ତି, ଏକୁଟିଆ କେମିତି ଚଳାଉଥିବେ ? ନିଶ୍ଚିତ ସେ ଏକୁଟିଆ ଚଳାଇ ପାରୁନଥିବେ । ରାଜ୍ୟ କି ଦେଶ ପରିଚାଳନା କରିବାକୁ ହେଲେ ରାଜ୍ୟ ବା ଦେଶର ବିବିଧ ବିଭାଗ; ଯଥା- କୃଷି, ଜଳସମ୍ପଦ, ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ, ଅର୍ଥ, ଆଇନ ଆଦି ସମସ୍ତ ବିଭାଗର ସୁପରିଚାଳନା ଆବଶ୍ୟକ । ଜଣେ ମୁଖ୍ୟମନ୍ତ୍ରୀ କି ପ୍ରଧାନମନ୍ତ୍ରୀ ଏସବୁ ବିଭାଗର କଥା ବୁଝିପାରନ୍ତିନି । ଏଣୁ ମନ୍ତ୍ରୀମଣ୍ଡଳ ଗଠନ କରନ୍ତି । କୃଷି ବିଭାଗ କଥା ଜଣେ ମନ୍ତ୍ରୀ ବୁଝନ୍ତି, ଜଳସମ୍ପଦ କଥା ଅନ୍ୟ ଜଣେ ମନ୍ତ୍ରୀ, ଶିକ୍ଷା କଥା ଆଉ ଜଣେ, ସ୍ୱାସ୍ଥ୍ୟ କଥା ଆଉ ଜଣେ ବୁଝନ୍ତି.... ଏହିଭଳି । ମନ୍ତ୍ରୀଙ୍କ ତଳକୁ ପୁଣି ସଚିବ ସ୍ତରୀୟ ଅଧିକାରୀ ରହନ୍ତି । ଏହିଭଳି ଭାବେ

କାର୍ଯ୍ୟପାଳିକା, ନ୍ୟାୟପାଳିକା ଆଦି ରହିଛି । ସେହିଭଳି ଭଗବାନଙ୍କର ମଧ୍ୟ ଗୋଟିଏ ଭଗବାନ-ମଣ୍ଡଳ ଥିବ । ଆମ ମୁଖ୍ୟମନ୍ତ୍ରୀ / ପ୍ରଧାନମନ୍ତ୍ରୀଙ୍କ ଭଳି ଭଗବାନମାନଙ୍କ ମଧ୍ୟରେ ଜଣେ ମୁଖ୍ୟ / ପ୍ରଧାନ ଭଗବାନ ଥିବେ । ସେ ସଂସାରର ଅର୍ଥ ବିଭାଗ ଜଣେ ଭଗବାନଙ୍କୁ ଦେଇଥିବେ, ଜଳସମ୍ପଦ ଆଉ ଜଣେ ଦେବତାଙ୍କୁ ଦେଇଥିବେ ଇତ୍ୟାଦି । ଏଭଳି ଭାବରେ ଲୋକମାନେ ବହୁତ ଗୁଡ଼ିଏ ଭଗବାନ କଳ୍ପନା କଲେ— ୨-୩-୪-୫... ଯାହା ମନକୁ ଯେତିକି ଆସିଲା ।

**ପ୍ର.କ.**— ୩୩ କୋଟି ଦେବତା ପର୍ଯ୍ୟନ୍ତ ସଂଖ୍ୟା ପହଞ୍ଚିଗଲା ।

**ସ୍ୱାମୀଜୀ** — ତୁମେ କେବେକାର ଦେବତାଗଣନା ବିବରଣୀ (Census Report) କଥା କହୁଛ ? ଆମ ଦେଶରେ ତ ବୋଧହୁଏ ପ୍ରତିଦିନ ଗୋଟିଏ ନୂଆ ଭଗବାନଙ୍କର ଆବିଷ୍କାର / ଉଦ୍ଭାବନ ହେଉଛି । କେଉଁଠି ଦେବତା ଫୁଟି ବାହାରିଲେଣି ତ କେଉଁଠି ଫଟେଇ ବାହାରିଲେଣି । ତା'ଛଡ଼ା ଯେଉଁମାନେ ୩୩ କୋଟି ଦେବତା କଥା କହନ୍ତି, ମୁଁ ସେମାନଙ୍କୁ ପଚାରେ— '୩୩ କୋଟି କଥା ଛାଡ଼, କୋଟିଏଙ୍କ ନାମ ବି ମୁଁ ପଚାରୁନି, ୧୦୦ ଦେବତାଙ୍କ ନାମ କୁହ ।' ଲୋକେ ତ ୩୩ଟି ଦେବତାଙ୍କ ନାମ ବି କହିପାରନ୍ତିନି, ଏଣେ ୩୩ କୋଟି ଦେବତାଙ୍କ କଥା କହନ୍ତି ।

ଆଉ ଗୋଟିଏ ଚିନ୍ତନୀୟ ବିଷୟ ହେଲା ଯେ, ତୁମେ ଏ ଯେଉଁ ୩୩ କୋଟି ଦେବତାଙ୍କ କଥା କହୁଛ ସୃଷ୍ଟି ଆରମ୍ଭରୁ ଏ ସମସ୍ତେ ନିଶ୍ଚିତ ନଥିଲେ । ପୁରାଣ ଅନୁସାରେ ସମୁଦ୍ର ମନ୍ଥନ ନ ହେବା ପର୍ଯ୍ୟନ୍ତ ଲକ୍ଷ୍ମୀ ତ ନଥିଲେ । ପାର୍ବତୀ ଶିବଙ୍କୁ ବାହା ନ ହେବା ପର୍ଯ୍ୟନ୍ତ କାର୍ତ୍ତିକ ଜନ୍ମ ହୋଇନଥିବେ । ପାର୍ବତୀ ଶିବଙ୍କୁ ଛାଡ଼ି ନ ଯିବା ପର୍ଯ୍ୟନ୍ତ ଗଣେଶ ଜନ୍ମ ହୋଇ ନଥିଲେ । ମହିଷାସୁରର ଜନ୍ମ ପରେ ଦୁର୍ଗାଙ୍କ ଜନ୍ମ । ରାମ, କୃଷ୍ଣ, ହନୁମାନ ଆଦିଙ୍କ ନାମ ବି ତ ପରେ ହିଁ ଦେବତା ତାଲିକାରେ ଯୋଡ଼ାଯାଇଛି । ବିଦ୍ୟାପତି ଦ୍ୱାରା ନୀଳମାଧବଙ୍କ ଆବିଷ୍କାର ପରେ ଜଗନ୍ନାଥଙ୍କ ଉତ୍ପତ୍ତି । ସନ୍ତୋଷୀ, ତାରିଣୀ, ଗୋଜବାୟାଣୀ ତ ଏବେ-ଏବେ ଆମ ଆଖି ଆଗରେ ଦେବତା List ରେ entry ହୋଇଛନ୍ତି । ମା' କାନ୍ଦୁରୀ, ଡାଳଖାଇ, ହାଡ଼ବାଇ, ଶୁଖୁଆଖାଇ, କଣାଭୈରା ..... ଆଦି ଆଞ୍ଚଳିକ ଦେବତାଙ୍କ ନାମ ତୁମ ସାର୍ବଜନୀନ ଦେବତା ତାଲିକାରେ ଆଜିଯାଏଁ ଯୋଡ଼ା ହୋଇନଥିବେ ବୋଧହୁଏ । ତେଣୁ ଏ ଭଗବାନଙ୍କ ତାଲିକା ଲମ୍ବିଚାଲିଛି....

ଇଏ ହେଲା ଭ୍ରମାତ୍ମକ ଜ୍ଞାନ ଯେ ଭଗବାନ ଏକାଧିକ ଅଟନ୍ତି ବା ଭଗବାନଙ୍କର ବହୁ ସହାୟକ ଦେବତା ଅଛନ୍ତି ବିଭିନ୍ନ ବିଭାଗର କଥା ବୁଝିବା ପାଇଁ । କେମିତି ? ଯେଉଁମାନେ ବହୁ ଈଶ୍ୱର କଥା କହିଲେ ସେମାନେ ଠିକ୍ ରୂପେ ବିଚାର କରିପାରିଲେନି । ସେମାନେ ଭାବିଲେ ଯେ, ଆମେ ତ ଏକୁଟିଆ କରିପାରୁନୁ । ତେଣୁ ଭଗବାନ ବି ଏକୁଟିଆ କରିପାରିବେନି ଏତେ କାମ । ସେମାନେ ଠିକ୍ ରୂପେ ବିଚାର କରିପାରିଲେନି ଯେ ଆମେ ଏଇଥିପାଇଁ ଏକୁଟିଆ ସବୁ କାମ କରିପାରୁନୁ, କାରଣ ଆମେ ଜୀବାତ୍ମାମାନେ ଅଳ୍ପଶକ୍ତିମାନ୍ । କିନ୍ତୁ ଭଗବାନ ତ ସର୍ବଶକ୍ତିମାନ୍ (Almighty, Omnipotent) । ତେଣୁ ସିଏ ତ ଏକାକୀ ସବୁ କାମ କରିବାକୁ ସମର୍ଥ । ଆଉ ଯଦି ଭଗବାନ ଏକୁଟିଆ ସବୁ କରିପାରିବେନି, ତାଙ୍କର ଅନେକ ଭଗବାନ, ଦେବତାଙ୍କର ସହାୟତା ଆବଶ୍ୟକ; ସେ ଫେରେ ସର୍ବଶକ୍ତିମାନ୍ କେମିତି ହେଲେ ? ଏଣେ ଭଗବାନ ସର୍ବଶକ୍ତିମାନ୍ ବୋଲି କହୁଥିବା, ତେଣେ ଅନେକ ଭଗବାନ/ ଦେବତାଙ୍କ ସହାୟତା ଦରକାର ବୋଲି କହୁଥିବା — ଏହା ଭ୍ରମାତ୍ମକ ଜ୍ଞାନ । ଯେଉଁମାନେ ୩୩,୦୦,୦୦,୦୦୦ ଦେବତା କଥା କହୁଛନ୍ତି ସେମାନେ ପ୍ରକାରାନ୍ତରେ ଭଗବାନଙ୍କୁ ବହୁତ ଦୁର୍ବଳ ବୋଲି ମନେକରୁଛନ୍ତି, ଦୁର୍ବଳ ବୋଲି କହୁଛନ୍ତି । — ଇଏ ହେଲା ଭ୍ରମାତ୍ମକ ଜ୍ଞାନ ।

ଆଉ ଗୋଟିଏ ଘଟଣା କହୁଛି । ମୁଁ ଥରେ ଦକ୍ଷିଣ ଭାରତକୁ ଭ୍ରମଣରେ ଯାଇଥିଲି । ଭ୍ରମଣ ଭିତରେ କନ୍ୟାକୁମାରୀ, ରାମେଶ୍ୱର, ମଦୁରାଇ ଆଦି ସ୍ଥାନକୁ ବି ଯାଇଥିଲି ଶିଳ୍ପକଳା ଦେଖିବା ପାଇଁ । ଗୋଟିଏ ମନ୍ଦିର ଭିତରେ ଲୋକେ ଅଙ୍କା-ବଙ୍କାରେ କରାଯାଇଥିବା ବ୍ୟାରିକେଡ୍‌ରେ ଲମ୍ବା ଧାଡ଼ିରେ ଠିଆ ହୋଇଥାନ୍ତି ଶୀଘ୍ର

ଭଗବାନଙ୍କ ଦର୍ଶନ କରିବା ପାଇଁ । ମୁଁ ବାହାରେ ବୁଲି-ବୁଲି ମନ୍ଦିରର କାରୁକାର୍ଯ୍ୟ ଦେଖୁଥାଏ । ଜଣେ ଲୋକଙ୍କର ବୋଧହୁଏ ମୋ ଆଡ଼କୁ ଅନେକ ସମୟ ଧରି ଦୃଷ୍ଟି ଥିଲା । ସେ ଦର୍ଶନ ସାରି ମୋ ପାଖକୁ ଆସି ପଚାରିଲେ— 'ଆପଣ ଦର୍ଶନ ସାରି ଆସିଲେଣି କି ? ଆପଣଙ୍କୁ ଏ ମନ୍ଦିରରେ କ'ଣ କ'ଣ ବିଶେଷତ୍ୱ ଦେଖାଯାଉଛି ?' ମୁଁ ଉତ୍ତର ଦେଲି — 'ବିଶାଳ ମନ୍ଦିର ହୋଇଛି । ପଥରରେ ସୁନ୍ଦର କାରୁକାର୍ଯ୍ୟ ହୋଇଛି । ପଥରରେ ଏତେ ସ୍ତମ୍ଭ ନିର୍ମିତ ହୋଇଛି । ତା' ଛଡ଼ା ଆଉ ଗୋଟିଏ ବିଶେଷତ୍ୱ ବି ଅଛି ।' ସେ ଆଗ୍ରହରେ ପଚାରିଲେ— 'କ'ଣ ବିଶେଷତ୍ୱ ?' ମୁଁ ଉତ୍ତର ଦେଲି — 'ଭଲ 'ମଲ୍' (ବଜାର)ଟିଏ ହୋଇଛି । ସେ କହିଲେ— 'ମଲ୍' ନୁହେଁ ମନ୍ଦିର ।' ମୋର ଉତ୍ତର ଥିଲା — 'ନାମ ଅଲଗା । କାମ ଏକା ।' ସେ କିଛି ନ କହି ମୋତେ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁ ରହିଲେ । ତା' ପରେ ମୁଁ ପଚାରିଲି — 'ଆପଣ ଯେଉଁ 'ବିଗ୍ ବଜାର' ଆଦି ଯାଉଛନ୍ତି, ସେଠାରେ କ'ଣ ପାଉଛନ୍ତି ?' ସେ କହିଲେ— 'ଆମକୁ ଅଲଗା-ଅଲଗା ଜିନିଷ ପାଇଁ ଆଉ ଅଲଗା-ଅଲଗା ଦୋକାନକୁ ଯିବାକୁ ପଡୁନାହିଁ । ଗୋଟିଏ ଜାଗାରେ ଅନେକ ପ୍ରକାର ବସ୍ତ୍ର, ଅନେକ ପ୍ରକାର ଖେଳନା, ଅନେକ ପ୍ରକାର ଘରକରଣା ଜିନିଷାଦି ପାଇଯାଉଛୁ । ପ୍ରତ୍ୟେକ ଜିନିଷର ଅନେକ ପ୍ରକାର ଭେରାଇଟି ଏଠାରେ ଥାଏ ।' ମୁଁ କହିଲି — ଏଇଠି ବି ତ ସେ ବ୍ୟବସ୍ଥା ଅଛି ।' ତାଙ୍କୁ ଦେଖାଇଲି ଗୋଟିଏ ପଟେ ଲକ୍ଷ୍ମୀଙ୍କର ଅନେକ ପ୍ରକାର ମୂର୍ତ୍ତି ଥାଏ । ପ୍ରତ୍ୟେକ ମୂର୍ତ୍ତି ତଳେ ଲେଖାହୋଇଥାଏ ସେ କି ଲକ୍ଷ୍ମୀ — ମହାଲକ୍ଷ୍ମୀ, ଧନଲକ୍ଷ୍ମୀ, ଧାନ୍ୟଲକ୍ଷ୍ମୀ, ଗଜଲକ୍ଷ୍ମୀ, ସନ୍ତାନଲକ୍ଷ୍ମୀ, ବିଜୟଲକ୍ଷ୍ମୀ, ରାଜ୍ୟଲକ୍ଷ୍ମୀ, ବୈଭବଲକ୍ଷ୍ମୀ.. ଇତ୍ୟାଦି । ତା' ପରେ ଅନ୍ୟ ପଟେ ଦେଖାଇଲି — ୧୦ ମହାବିଦ୍ୟା ଲେଖା ଥାଇ ୧୦ଟି ମୂର୍ତ୍ତିଥାଏ— କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ, କମଳା । ଆଉ ଏକ ସ୍ଥାନରେ ଥାଏ ଦୁର୍ଗାଙ୍କର ଏକ ପଂକ୍ତି— ନବଦୁର୍ଗା— ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ, ସିଦ୍ଧିଦାତ୍ରୀ । ଆଉ ଏକ ସ୍ଥାନରେ ଏକା ଭଳି ୬୪ଟି ଦେବୀ ମୂର୍ତ୍ତି ଥାଇ ଲେଖାଥାଏ— ୬୪ ଯୋଗିନୀ । ଆଉ ଏକ ସ୍ଥାନରେ ୧୨ଟି ଲିଙ୍ଗ ରଖାଯାଇଥାଏ ଏବଂ ଲେଖାଥାଏ — ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ— ସୋମନାଥ, ମଲ୍ଲିକାର୍ଜୁନ, ମହାକାଳେଶ୍ୱର, କେଦାରନାଥ, ଭୀମଶଙ୍କର, ବିଶ୍ୱନାଥ, ତ୍ର୍ୟମ୍ବକେଶ୍ୱର, ବୈଦ୍ୟନାଥ, ନାଗନାଥ, ରାମେଶ୍ୱର, ଘୃଷ୍ଣେଶ୍ୱର । ଏସବୁ ଦେଖାଇ ମୁଁ କହିଲି ଆପଣ ଯେଉଁ 'ବିଗ୍ ବଜାର' ଯାଉଛନ୍ତି ସେଇଟା ଜିନିଷ-ପତ୍ରର ବଜାର । ଏଇଟା ଭଗବାନଙ୍କ ବଜାର (ମେଳା) । ଏଇଠି ଗୋଟିଏ ସ୍ଥାନରେ ଜଣେ-ଜଣେ ଭଗବାନଙ୍କର ଅନେକ ଭେରାଇଟି ପାଇବେ— ଲକ୍ଷ୍ମୀଙ୍କର ୮ ପ୍ରକାର ବ୍ରାଣ୍ଡ, ମହାବିଦ୍ୟା ୧୦ ପ୍ରକାର, ଦୁର୍ଗା ୯ ପ୍ରକାର, ଯୋଗିନୀ ୬୪, ଶିବ ୧୨ ପ୍ରକାର । ଯାହାର ଯେଉଁଟା ରୁଚି ଗୋଟିଏ ଜାଗାରେ ସବୁ ଭଗବାନ ମିଳିବେ । ଆଉ ଗୋଟିଏ ଗୋଟିଏ ଭଗବାନ ପାଇଁ ଅନ୍ୟତ୍ର ଯିବା ଦରକାର ନାହିଁ । ଲୋକମାନେ ମନ୍ଦିରକୁ ବଜାର କରିସାରିଲେଣି ।

ବହୁତ ଦିନ ତଳର କଥା । ମୁଁ ଗୋଟିଏ କାର୍ଯ୍ୟକ୍ରମରେ ଗୋଟିଏ ସ୍ଥାନକୁ ଯାଇଥିଲି । ଦିନବେଳେ କାର୍ଯ୍ୟକ୍ରମ ସରିଲା । ସନ୍ଧ୍ୟାରେ ଆଉ କାର୍ଯ୍ୟକ୍ରମ ନଥାଏ । ତେଣୁ ମୁଁ ସନ୍ଧ୍ୟାବେଳେ ନିତ୍ୟକର୍ମ ସାରି ସହର ଭ୍ରମଣରେ ଚାଲିଚାଲି ବାହାରିଲି । ରାସ୍ତାରେ ଗୋଟିଏ ଜାଗାରେ ଅନେକ ମନ୍ଦିର ପଡ଼ିଲା । ମୁଁ ସେ ପରିସରକୁ ଗଲି । ଗୋଟିଏ ମଣ୍ଡପରେ ବସିଲି । ମନ୍ଦିରରେ ଗହଳି ନଥାଏ । ଜଣେ-ଦୁଇଜଣ ଲୋକ ଥାଆନ୍ତି । କିଛି ସମୟ ପରେ ପୂଜକ ଜଣକ ତାଙ୍କ ପୂଜାପୂଜି କାମ ସାରି ମୋ ପାଖକୁ ଆସିଲେ । ଔପଚାରିକ କୁଶଳ-କ୍ଷେମ ଜିଜ୍ଞାସା ପରେ ଅନେକ କଥାବାର୍ତ୍ତା ହେଲା । ସେ ଭିତରେ ମୁଁ ପଚାରିଲି— "ଏଇଠି ତ ଅନେକ ମନ୍ଦିର ଅଛି । ବାସ୍ତବରେ କୋଉ ନାମରେ ଏ ଜାଗାକୁ ଲୋକେ ଜାଣନ୍ତି ।' ସେ କହିଲେ — ' ଏହା ବାସ୍ତବରେ ମୁଖ୍ୟତଃ ଶିବ ମନ୍ଦିର । ସେ ନାମରେ ଏଠାକାର ଲୋକ ଜାଣନ୍ତି । କିନ୍ତୁ ବର୍ତ୍ତମାନ ବେଶି ଲୋକ ପଞ୍ଚ-ମନ୍ଦିର କହିଲେ ଏ ସ୍ଥାନକୁ ଜାଣୁଛନ୍ତି । କାରଣ ଏଇଠି ପାଞ୍ଚୋଟି ମନ୍ଦିର ମୁଖ୍ୟତଃ ଅଛି । ଆଉ ଛୋଟ-ଛୋଟ ପାର୍ଶ୍ୱ ଦେବାଦେବୀ ବି ଅଛନ୍ତି ।' ମୁଁ ପଚାରିଲି— 'ପ୍ରଥମେ କାହିଁକି ଶିବ ମନ୍ଦିର କହୁଥିଲେ ?

ଏବେ କାହିଁକି ପଞ୍ଚ-ମନ୍ଦିର କହୁଛନ୍ତି ?' ସେ କହିଲେ— 'ପ୍ରଥମେ ଏଠାରେ ଶିବ ମନ୍ଦିରଟିଏ ହିଁ ଥିଲା। ମୋତେ ଏଠାରେ ପୂଜକ ଭାବେ କମିଟି ରଖିଲେ। ମୋତେ ପୂଜା ବାବଦରେ ମାସିକ ବେତନ ଅଳ୍ପ ଦେଉଥିଲେ। ଲୋକେ ବି କେବଳ ସୋମବାର ଦିନ ହିଁ ଆସନ୍ତି। ଅନ୍ୟ ଦିନେ ପୂରା ଫାଙ୍କା। ଦକ୍ଷିଣା ବି କେବଳ ସୋମବାର ଦିନ ମିଳେ। ପରିବାର ଚଳାଇବା କଷ୍ଟକର ହେଲା। ମୁଁ କମିଟିକୁ କହିଲି ବେତନ ବୃଦ୍ଧି ପାଇଁ। କମିଟି ଅସମର୍ଥତା ପ୍ରକାଶ କଲେ। କମିଟି ସହ ବିଚାର-ବିମର୍ଶ ପରେ ସ୍ଥିର ହେଲା ଯେ ଯେହେତୁ ଅନ୍ୟ ଦିନ ଲୋକେ ନ ଆସିବାରୁ ପୂଜକଙ୍କ ଆର୍ଥିକ ସମସ୍ୟା ରହୁଛି ତେଣୁ ଅନ୍ୟ ଦିନ ଲୋକଙ୍କୁ ଆଣିବା ପାଇଁ ଅନ୍ୟ ଦିନ ସହ ସମ୍ବନ୍ଧିତ ଆଉ ଗୋଟିଏ ଦେବତାଙ୍କ ମନ୍ଦିର କରାଯିବ। କାରଣ ବେତନ ବଢ଼ାଇଲେ ତ ପ୍ରତି ମାସରେ କମିଟି ଉପରେ ବୋଝ ବଢ଼ିବ। କିନ୍ତୁ ଛୋଟ ମନ୍ଦିରଟିଏ କରିଦେଲେ ଥରେ ମାତ୍ର ଖର୍ଚ୍ଚ (One Time Investment)। ତା' ପରେ ନିୟମିତ ଆୟ। ମନ୍ଦିର ତିଆରି ପାଇଁ ଦାନ ସଂଗ୍ରହ ବି ହୋଇଯିବ। ତା' ପରେ ହନୁମାନ ମନ୍ଦିରଟି ତିଆରି ହେଲା। ମଙ୍ଗଳବାର ଦିନ ବି ଭିଡ଼ ହେଲା। କିଛି ଦକ୍ଷିଣା ବି ମିଳିଲା। ମୋର ବି ପରିବାର ବଢ଼ିଲା, ଖର୍ଚ୍ଚ ବଢ଼ିଲା। ମୁଁ ପୁଣି ବେତନ ବୃଦ୍ଧି କଥା କହିବାରୁ ଆଉ ଗୋଟିଏ ମନ୍ଦିର, ମହାଲକ୍ଷ୍ମୀ ମନ୍ଦିର, ତିଆରି ହେଲା। ଗୁରୁବାର ଦିନ ବି ଲୋକ ଆସିଲେ। ଆଉ କିଛି ଅର୍ଥ ମନ୍ଦିରକୁ ବି ମିଳିଲା, ମୋତେ ବି ମିଳିଲା। ଏଇଭଳି ଆବଶ୍ୟକତା ବଢ଼ି ଚାଲିବାରୁ ସନ୍ତୋଷୀ ମନ୍ଦିର ଓ ଶନି ମନ୍ଦିର ବି ପରେ-ପରେ ତିଆରି ହେଲା। ମୁଁ ପଚାରିଲି— 'ଏବେ ଆଉ ଆର୍ଥିକ ସମସ୍ୟା ନାହିଁ ତ ?' ସେ କହିଲେ — ' ଆପଣ ସିନା ବାବା ଲୋକ। ଗୃହସ୍ଥରେ ତ ଯେତେ ଆସିଲେ ବି ନିଅଣ୍ଟ। ପିଲା ବଡ଼ ହେଲେଣି। ଖର୍ଚ୍ଚ ତ ବଢୁଛି। ଲୋକେ ବି ଯଦି ସବୁଦିନ ମନ୍ଦିର ଆସନ୍ତେ ସମସ୍ୟା ରହନ୍ତା ନାହିଁ। ଲୋକ ବାର ଦେଖି ଭିନ୍ନ-ଭିନ୍ନ ମନ୍ଦିର ଯାଉଛନ୍ତି। ଦେଖନ୍ତୁ, ଆଜି ରବିବାର। ମନ୍ଦିର ପୂରା ଫାଙ୍କା। ତେଣୁ କ'ଣ କରାଯାଇପାରେ ମୁଁ ଚିନ୍ତା କରୁଛି।' ମୁଁ ହସି-ହସି କହିଲି— 'ଆଉ ଯେଉଁ ଦୁଇ ଦିନ ରହିଲା- ବୁଧବାର ଓ ରବିବାର ଆପଣ ଓ ଆପଣଙ୍କ ମନ୍ଦିର କମିଟି ମିଶି ତା' ପାଇଁ ୨ଟି ନୂଆ ଦେବତା ଉଦ୍‌ଭାବନ କରନ୍ତୁ। ଲୋକେ ଆସିବେ, ଆପଣଙ୍କୁ ବି ଦି' ପଇସା ଅଧିକ ମିଳିବ, ମନ୍ଦିରକୁ ବି ଦି' ପଇସା ମିଳିବ।' ସିଏ ବୁଝିପାରିଲେ ମୋ କଥାର ଅଭିପ୍ରାୟ। ହସିଲେ। କହିଲେ— 'ସ୍ୱାମୀଜୀ! ଆପଣ ବି ଜାଣୁଛନ୍ତି ସତ କ'ଣ, ମୁଁ ବି ଜାଣୁଛି। କିନ୍ତୁ କ'ଣ କରିବା ? ସବୁ ତ ପେଟ ପାଇଁ ନାଟ।' ମୁଁ ମନେ-ମନେ ଭାବିଲି 'ଏ ପେଟ ପାଇଁ ନାଟ ଆମକୁ ମୁକ୍ତିର ବାଟରୁ କେତେ ଅବାଟକୁ ନେଇ କେତେ ପାପ-ପଙ୍କରେ ଲଟ-ପଟ କରାଇବ କେଜାଣି!' ଯେ କୌଣସି ମନ୍ଦିରକୁ ଯାଆନ୍ତୁ ଦେଖିବେ ସେଇଠି ଆଉ ଗୋଟିଏ ଦେବତା ନାହାନ୍ତି। ପାର୍ଶ୍ୱଦେବତା, ଅନୁଚର ଏମିତି କେତେ କ'ଣ ହେଲାଣି। ମନ୍ଦିରଗୁଡ଼ିକ ଭଗବାନଙ୍କ ବଜାର, ମେଳାରେ ପରିଣତ ହେଲାଣି। ଏସବୁ ଭ୍ରମାତ୍ମକ ଜ୍ଞାନର କରାମତି।

**ପ୍ର.କ.**— ଏ ଭ୍ରମାତ୍ମକ ଜ୍ଞାନ ସବୁଆଡେ ବ୍ୟାପିଗଲାଣି। ପ୍ରାୟ ମନ୍ଦିରଗୁଡ଼ିକର ଏ ସ୍ଥିତି। କାଁ-ଭାଁ ମନ୍ଦିରକୁ ଛାଡ଼ିଦେଲେ କୌଣସି ମନ୍ଦିର ବୋଧେ ଜଣେ ଭଗବାନଙ୍କ ଭରସାରେ ଚାଲିପାରୁନି। ଈଶ୍ୱରଙ୍କ ସମ୍ବନ୍ଧରେ ଆଉ କ'ଣ ଭ୍ରମାତ୍ମକ ଜ୍ଞାନ ଆମ ଭିତରେ ଅଛି ?

**ସ୍ୱାମୀଜୀ** — ମୁଁ ପୂର୍ବରୁ କହିଛି ଯେ 'ଭ୍ରମାତ୍ମକ ଜ୍ଞାନ' ମାନେ କ'ଣ ? କୌଣସି ବସ୍ତୁର ସ୍ୱରୂପକୁ ଭୁଲ ଭାବେ ଜାଣିବା। ଆମେ ଭଗବାନଙ୍କୁ ସ୍ତୁତି କରୁଛୁ। 'ସ୍ତୁତି' ମାନେ ଆମେ ବୁଝିଛୁ ଯେ ଟେକାଟେକି କରି କହିବା, ତୋଷାମଦ କରିବା। ଆମେ ଏମିତି କାହିଁକି କରୁ ? ଆମେ ଭାବୁ ଯେ ତୋଷାମଦ କରିବା ଦ୍ୱାରା ଭଗବାନ ଆମ ଉପରେ ପ୍ରୀତ ହୋଇ ଆମେ କର୍ମ ନ କରିଥିଲେ ମଧ୍ୟ ଭଲ ଫଳ ଦେଇଦେବେ କିମ୍ବା ଆମ କର୍ମଠାରୁ ଢେର୍ ଅଧିକ ଫଳ ଦେବେ। ଇଏ ବି ଏକ ଭ୍ରମାତ୍ମକ ଜ୍ଞାନ ଯେ ଈଶ୍ୱର ତୋଷାମଦ କଲେ ଖୁସି ହୁଅନ୍ତି, କର୍ମଠୁ ଅଧିକ ଫଳ ଦିଅନ୍ତି। ଏଭଳି ଜ୍ଞାନ ଥିବା ପର୍ଯ୍ୟନ୍ତ ଆମକୁ କେବେ ବି ଭଗବାନ ମିଳିପାରିବେ ନାହିଁ।

ଆଉ ଗୋଟିଏ ଭ୍ରମାତ୍ମକ ଜ୍ଞାନ ବି ଲୋକଙ୍କ ଭିତରେ

ଅଛି । କ'ଣ ? ଭଗବାନ ଏ ସଂସାରରେ ଦୁଷ୍ଟମାନଙ୍କୁ ସଂହାର କରିବା ପାଇଁ ନିଜ ସ୍ୱରୂପରେ ସମର୍ଥ ନୁହନ୍ତି । ତେଣୁ ତାଙ୍କୁ ଏ ସଂସାରରେ ଅବତରଣ କରି ଦୁଷ୍ଟଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ମାରିବାକୁ ପଡ଼େ । ହିରଣାକ୍ଷ-ହିରଣ୍ୟକଶିପୁକୁ ମାରିବାକୁ ତାଙ୍କୁ ଆସିବାକୁ ପଡ଼େ, ରାବଣ-କୁମ୍ଭକର୍ଣ୍ଣକୁ ମାରିବାକୁ ତାଙ୍କୁ ଆସିବାକୁ ପଡ଼େ, କଂସ-ଶିଶୁପାଳକୁ ମାରିବାକୁ ତାଙ୍କୁ ଆସିବାକୁ ପଡ଼େ । ଆମର ପ୍ରଶ୍ନ ହେଲା- ଭଗବାନ ସର୍ବଶକ୍ତିମାନ୍ ନା ଅଳ୍ପଶକ୍ତିମାନ୍ ? ଭଗବାନ ସବୁଠି ଅଛନ୍ତି ନା ଗୋଟିଏ ଜାଗାରେ ଅଛନ୍ତି ?

**ପ୍ର.କ.**— ସବୁଠି ଅଛନ୍ତି ।

**ସ୍ୱାମୀଜୀ** — ଭଗବାନ ଯଦି ସବୁଠି ଅଛନ୍ତି, ତେବେ ହିରଣ୍ୟାକ୍ଷ-ହିରଣ୍ୟକଶିପୁର ଶରୀରରେ ଥିବେ ନା ନାହିଁ ?

**ପ୍ର.କ.**— ଥିବେ ।

**ସ୍ୱାମୀଜୀ** — ରାବଣ-କୁମ୍ଭକର୍ଣ୍ଣର ଶରୀରରେ ଥିବେ ନା ନାହିଁ ?

**ପ୍ର.କ.**— ନିଶ୍ଚିତ ଥିବେ ।

**ସ୍ୱାମୀଜୀ** — କଂସ-ଶିଶୁପାଳର ଶରୀରରେ ରହିଥିବେ ନା ନାହିଁ ?

**ପ୍ର.କ.**— ସ୍ୱାଭାବିକ କଥା, ସେଇଠି ବି ରହିଥିବେ ।

**ସ୍ୱାମୀଜୀ** — ହିରଣ୍ୟକଶିପୁ, ରାବଣ, କଂସ ଆଦିଙ୍କ ଶରୀର ମଧ ତ ଆମ ଭଳି ମଣିଷ ଶରୀର ଥିବ ।

**ପ୍ର.କ.**— ହଁ, ନିଶ୍ଚିତ ।

**ସ୍ୱାମୀଜୀ** — ଏମାନେ ଖାଦ୍ୟ ତ ଖାଉଥିବେ ।

**ପ୍ର.କ.**— ଏମାନେ ତ କେତେ କ'ଣ ଖାଉଥିଲେ ବୋଲି ପୁରାଣରେ ଲେଖା ହୋଇଛି ।

**ସ୍ୱାମୀଜୀ** — ଆଚ୍ଛା ! ଏମାନେ ଝାଡ଼ା-ପରିଶ୍ରା ଯାଉଥିବେ ନା ନାହିଁ ?

**ପ୍ର.କ.**— ଯେହେତୁ ଖାଉଛନ୍ତି-ପିଉଛନ୍ତି, ତେଣୁ ଝାଡ଼ା-ପରିଶ୍ରା ବି ଯାଉଥିବେ । କିଛି ପଶିଲେ ତ ନିଶ୍ଚିତ କିଛି ବାହାରିବ ।

**ସ୍ୱାମୀଜୀ** — ଏମାନେ ଶ୍ୱାସ-ପ୍ରଶ୍ୱାସ ନେଉଥିବେ ନା ନାହିଁ ?

**ପ୍ର.କ** — ଶ୍ୱାସ-ପ୍ରଶ୍ୱାସ ନ ନେଲେ ବଞ୍ଚିବେ କେମିତି ? ନିଶ୍ଚିତ ନେଉଥିବେ ।

**ସ୍ୱାମୀଜୀ** — ତା' ମାନେ ତୁମ କହିବା ଅନୁସାରେ ଏମାନଙ୍କର ପାଚନ-ତନ୍ତ୍ର (Digestive System), ରେଚନ-ତନ୍ତ୍ର (Excretory System), ଶ୍ୱସନ-ତନ୍ତ୍ର (Respiratory System) ଆଦି ଥିବ । ଏସବୁ ଠିକ୍ ଭାବେ କାମ କରୁଥିବା ଯାଏ ସେମାନେ ବଞ୍ଚିଥିବେ । କୌଣସି ତନ୍ତ୍ରର କାମ ବନ୍ଦ ହୋଇଗଲେ ମୃତ୍ୟୁ ହୋଇଯିବ । ପରମାତ୍ମା ଯେହେତୁ ଏମାନଙ୍କ ଶରୀରରେ ବି ଅଛନ୍ତି, ସେ ଭିତରୁ ହୃଦ୍‌କ୍ରିୟା ବନ୍ଦ କରିଦେଲେ ତ ଏମାନେ ତୁରନ୍ତ ମରିଯିବେ । ଏଇ ଛୋଟିଆ କାମଟିଏ ପାଇଁ ଭଗବାନ ଶରୀର ଧାରଣ କରି ସଂସାରକୁ ଆସିବା କ'ଣ ଦରକାର ? ସେ ଅବତାର ହୋଇ ଆସିବେ, ଏମାନଙ୍କ ସହ ଯୁଦ୍ଧ କରିବେ ଆଦି ଭାବିବା କେତେ ବଡ଼ ଅଜ୍ଞତା !

**ପ୍ର.କ.** — ନ୍ୟାୟର ଗୋଟିଏ ଦୃଷ୍ଟାନ୍ତ ପାଇଁ ଯେ ଯିଏ ଭୁଲ୍ କାମ କରେ ସିଏ ଦଣ୍ଡ ପାଏ, ସିଏ ଯେତେ ଶକ୍ତିଶାଳୀ ହେଲେ ବି ଭଗବାନ ତାକୁ ମାରିଦିଅନ୍ତି — ଏକଥା ଜଣାଇବା ପାଇଁ ଭଗବାନ ଆସନ୍ତି ।

**ସ୍ୱାମୀଜୀ** — ଆଜି ସଂସାରରେ ପ୍ରତିଦିନ ଅସଂଖ୍ୟ ପ୍ରାଣୀ— ମନୁଷ୍ୟ, ପଶୁ, ପକ୍ଷୀ ଆଦି ମରୁଛନ୍ତି । ସ୍ୱାଭାବିକ ପ୍ରକ୍ରିୟାରେ ବି ଏମାନଙ୍କ ମଧ୍ୟରୁ ବହୁତ ମରୁଛନ୍ତି । ଏମାନଙ୍କୁ କିଏ ମାରୁଛି ନା ଆପେ ମରୁଛନ୍ତି ?

**ପ୍ର.କ.** — ଜନ୍ମ-ମୃତ୍ୟୁ ପରମାତ୍ମା ନିୟନ୍ତ୍ରଣ କରୁଛନ୍ତି ଯାହାକୁ କି ଆମେ ସ୍ୱାଭାବିକ ମୃତ୍ୟୁ କହୁଛୁ । କିଏ କାହାକୁ ମାରିଦେଲା ସେଇଟା ତ ଅଲଗା କଥା । ସେଇଟା ଈଶ୍ୱର କରୁନାହାନ୍ତି ।

**ସ୍ୱାମୀଜୀ** — ଯାହାକୁ ଆମେ ସ୍ୱାଭାବିକ ମୃତ୍ୟୁ କହୁଛୁ ଅର୍ଥାତ୍ ବାର୍ଦ୍ଧକ୍ୟରେ ମରୁଛନ୍ତି, ତୁମେ କହିଲ ଯେ ସେସବୁ

ପରମାତ୍ମା କରୁଛନ୍ତି। ଅନେକ ବ୍ୟକ୍ତି ଅଳ୍ପ ବୟସରେ ବିବିଧ ରୋଗରେ ମରୁଛନ୍ତି। ସେଇଟା କିଏ କରୁଛି ?

**ପ୍ର.କ.** — ସେଇଟା ବି ଈଶ୍ୱରୀୟ ବ୍ୟବସ୍ଥା।

**ସ୍ୱାମୀଜୀ** — ଆମେ ଶୁଣିଛେ ଯେ ବହୁତ ଦୁଷ୍ଟ, ଅତ୍ୟାଚାରୀମାନେ ରୋଗରେ ଛଟପଟ ହୋଇ ଅତୀତରେ ମରିଛନ୍ତି ଏବଂ ଏବେ ମଧ୍ୟ ମରୁଛନ୍ତି ବୋଲି। ଏମାନଙ୍କୁ କିଏ ରୋଗରେ ଛଟପଟ କରି ମାରୁଛି ?

**ପ୍ର.କ.** — ଈଶ୍ୱର।

**ସ୍ୱାମୀଜୀ** — ଯେଉଁ ଈଶ୍ୱର ସ୍ୱ ସ୍ୱରୂପରେ ବିଦ୍ୟମାନ ରହି ତାଙ୍କ ନ୍ୟାୟପୂର୍ଣ୍ଣ କର୍ମଫଳ ବ୍ୟବସ୍ଥାରେ ଅସଂଖ୍ୟ ଦୁଷ୍ଟଙ୍କୁ ଦୁଃଖ ଦେଇ ମାରିପାରୁଛନ୍ତି, ଆମେ ଇତିହାସରେ ଯେତେ-ଯେତେ ଅତ୍ୟାଚାରୀଙ୍କ ବିଷୟ ପଢ଼ିଛେ-ଶୁଣିଛେ ସେ ସମସ୍ତଙ୍କୁ ମୃତ୍ୟୁ ଦେଇପାରୁଛନ୍ତି। କଂସ-ରାବଣ-ହିରଣ୍ୟକଶିପୁ ଆଦିଙ୍କ ବେଳକୁ ସେ ସେଭଳି କରିବାକୁ ଅସମର୍ଥ କି ? ଯଦି ସ୍ୱ ସ୍ୱରୂପରେ ରହି ଏମାନଙ୍କୁ ମାରିବାକୁ ଅସମର୍ଥ, ତେବେ ଈଶ୍ୱର ସର୍ବଶକ୍ତିମାନ୍ କିପରି ? ତା' ଛଡ଼ା କର୍ମଫଳ ଈଶ୍ୱର ଦିଅନ୍ତି ଏକଥା ଜଣାଇବା ପାଇଁ ତ ଈଶ୍ୱରଙ୍କ ସୃଷ୍ଟିରେ ଅସଂଖ୍ୟ ଉଦାହରଣ ଅଛି। ଜନ୍ମରୁ ଛୋଟା, କେଙ୍ଗା, ଅନ୍ଧ, ବଧିର, ମୂକ, ବିକଳାଙ୍ଗ, ନିର୍ଦ୍ଧନ ଏମାନେ ତ ଈଶ୍ୱରୀୟ କର୍ମଫଳ ବ୍ୟବସ୍ଥାର ହଜାର-ହଜାର ଦୃଷ୍ଟାନ୍ତ ଆମ ଆଗରେ। ତେଣୁ ଈଶ୍ୱର ନ୍ୟାୟର ଉଦାହରଣ ଦେଖାଇବା ପାଇଁ ଆସନ୍ତି, ଏ କଥା ତ ଅତ୍ୟନ୍ତ ହାସ୍ୟାସ୍ପଦ। ବରଂ ଈଶ୍ୱର ରାମ ଅବତାର ହୋଇ ଆସି ସୁଗ୍ରୀବ, ହନୁମାନ ଆଦିଙ୍କ ନେତୃତ୍ୱରେ ବାନରସେନାଙ୍କ ସହାୟତାରେ ସୀତାଙ୍କୁ ଅନ୍ୱେଷଣ କରି ରାବଣ-କୁମ୍ଭକର୍ଣ୍ଣଙ୍କୁ ନିଧନ କଲେ ବୋଲି କହିବା ଦ୍ୱାରା ପରୋକ୍ଷରେ ପରମେଶ୍ୱରଙ୍କୁ ବହୁତ ଦୁର୍ବଳ ବୋଲି ପ୍ରତିପାଦିତ କରୁଛୁ।

**ପ୍ର.କ.** — ତା' ମାନେ ରାମ-କୃଷ୍ଣ କ'ଣ ଜନ୍ମ ହୋଇନାହାନ୍ତି ?

**ସ୍ୱାମୀଜୀ** — ମଣିଷଟିଏ ଜନ୍ମ ହେବା ଏକ ଅଲଗା ବିଷୟ। ମଣିଷକୁ ପରମେଶ୍ୱର ବୋଲି କୁହାଯିବା ଅନ୍ୟ ଏକ ବିଷୟ। ଏ ଦୁଇ ବିଷୟକୁ ମିଶାଇ ଦେଲେ ବିଭ୍ରାନ୍ତି (Confusion) ସୃଷ୍ଟି ହୁଏ।

**ପ୍ର.କ.** — ତା' ମାନେ କଂସ-ରାବଣ ଆଦିଙ୍କୁ ମାରିବା ପାଇଁ ଈଶ୍ୱର ଆସିନାହାନ୍ତି ସଂସାରକୁ ଅବତାର ନେଇ ?

**ସ୍ୱାମୀଜୀ** — ମୌଳିକ ସିଦ୍ଧାନ୍ତ ହେଲା ଯେ **ସିଏ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଆସେ, ଯିଏ କି କୌଣସି ଗୋଟିଏ ସ୍ଥାନରେ ଥାଏ, ଅନ୍ୟ ସ୍ଥାନରେ ନଥାଏ।** ଈଶ୍ୱର ତ ସର୍ବବ୍ୟାପକ। ସେ ଏକ ସମୟରେ ସବୁ ଜାଗାରେ ଥାଆନ୍ତି। ସେ ପୁଣି ଯିବା-ଆସିବା କରିବେ କେମିତି ?

**ପ୍ର.କ.** — ଆଚ୍ଛା! ଏ ଯେଉଁ ରାମ-କୃଷ୍ଣ ଜନ୍ମ ନେଇଛନ୍ତି, ସେମାନେ କ'ଣ ଈଶ୍ୱରଙ୍କ ଅବତାର ନୁହଁନ୍ତି ?

**ସ୍ୱାମୀଜୀ** — ରାମ-କୃଷ୍ଣ ଜନ୍ମ ହୋଇଛନ୍ତି ଏକଥା ତ ଠିକ୍। କିନ୍ତୁ ସେମାନେ ଭଗବାନ ନୁହନ୍ତି, ଜୀବାତ୍ମା। ଭଗବାନ ସବୁଠି ଥିବାରୁ ତାଙ୍କର ଯିବା-ଆସିବା ସମ୍ଭବ ନୁହେଁ। ଧ୍ୟାନଦିଅନ୍ତୁ! **ପରମାତ୍ମା ଅଲଗା ସତ୍ତା ଏବଂ ଜୀବାତ୍ମା ଅଲଗା ସତ୍ତା। ପରମାତ୍ମା ଜୀବାତ୍ମା ହୁଅନ୍ତି ନାହିଁ କି ଜୀବାତ୍ମା ପରମାତ୍ମା ହୋଇପାରେ ନାହିଁ।** ପରମାତ୍ମା ସର୍ବଶକ୍ତିମାନ୍। ତାଙ୍କୁ କାହା ସହ ଯୁଦ୍ଧ କରିବାକୁ ପଡ଼େ ନାହିଁ। ସେ ନିଜ ସ୍ୱରୂପରେ ଅବିଚଳିତ ରହି ପ୍ରତ୍ୟେକ ଜୀବାତ୍ମାକୁ କର୍ମଫଳ ଦେଇପାରନ୍ତି। ପରମାତ୍ମା ମଣିଷକୁ ନିରନ୍ତର ସତ୍‌ପ୍ରେରଣା ଦିଅନ୍ତି। ସବୁ ମଣିଷକୁ ଦିଅନ୍ତି। ଯେଉଁମାନେ ପରମାତ୍ମାଙ୍କ ସତ୍‌ପ୍ରେରଣାକୁ ଧରି ତଦନୁସାରେ କାର୍ଯ୍ୟ କରିଚାଲନ୍ତି, ସେମାନଙ୍କ ଜୀବନ ମହନୀୟ ହୋଇଉଠେ, ସେମାନେ ମହାପୁରୁଷ ହୋଇଯାନ୍ତି। ସେମାନେ ଦେଶ ଓ ଦଶ ପାଇଁ ଆଦର୍ଶ ହୋଇଯାନ୍ତି। ରାମ ଓ କୃଷ୍ଣ ଏଇଭଳି ମହାପୁରୁଷ। ଆମେ ପଢ଼ିଛେ ଯେ ଦେଶ ପରାଧୀନ ସମୟରେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ହଜାର-ହଜାର ମହାପୁରୁଷ ଦେଶ ପାଇଁ ନିଜ ସୁଖ-ସ୍ୱାଚ୍ଛନ୍ଦ୍ୟ, ଘର-ଦ୍ୱାର ଜଳାଞ୍ଜଳି ଦେଲେ, ଏମିତିକି ଜୀବନ ପର୍ଯ୍ୟନ୍ତ ବଳିଦାନ ଦେଲେ। ପୂର୍ବରୁ ମୁଁ କହିଛି ଯେ

ପରମାତ୍ମା ସମସ୍ତଙ୍କୁ ପ୍ରେରଣା ଦିଅନ୍ତି । ଯେମିତିକି ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ଶିକ୍ଷକ ସମସ୍ତ ଛାତ୍ରଙ୍କୁ ପ୍ରେରଣା ଦିଅନ୍ତି । କିଛି ପିଲା ଶିକ୍ଷକଙ୍କ କଥା ପୂରା ମାନି ଭଲ ପଢ଼ନ୍ତି, କିଛି ଅଳ୍ପ ଧ୍ୟାନ ଦିଅନ୍ତି, କିଛି ଆଦୌ ଧ୍ୟାନ ଦିଅନ୍ତିନି । ଯେଉଁମାନେ ପରମାତ୍ମାଙ୍କ ପ୍ରେରଣାକୁ ଯେତେ ଅଧିକ କାର୍ଯ୍ୟକାରୀ କରନ୍ତି, ସେମାନେ ସେତେ ମହାନ୍ ହୁଅନ୍ତି । ଶ୍ରୀରାମ ଈଶ୍ୱରଙ୍କ ପ୍ରେରଣାକୁ ଜୀବନରେ କାର୍ଯ୍ୟକାରୀ କଲେ । ମହାପୁରୁଷ ହେଲେ, ମର୍ଯ୍ୟାଦା ପୁରୁଷୋତ୍ତମ ହେଲେ । ଶ୍ରୀକୃଷ୍ଣ ବି ସମାଜରେ ଧର୍ମ ପ୍ରତିଷ୍ଠା ପାଇଁ ନିଜ ସୁଖକୁ ବଳି ଦେଇ କାର୍ଯ୍ୟ କରିଚାଲିଲେ । ଭଗବାନଙ୍କ ଇଚ୍ଛାକୁ କାର୍ଯ୍ୟକାରୀ କରିଚାଲିଲେ । ଏଣୁ ମହାପୁରୁଷ ହେଲେ । ସୁଖ-ଦୁଃଖ, ହାନି-ଲାଭ, ମାନ-ଅପମାନରେ ଅବଚଳିତ କର୍ମଯୋଗୀ ହେଲେ । ଚାଣକ୍ୟ ବି ଈଶ୍ୱରୀୟ ପ୍ରେରଣାକୁ ଧରିପାରିଲେ, ତ୍ୟାଗପୂର୍ଣ୍ଣ ଭାବନାରେ ରାଷ୍ଟ୍ରକୁ ପରମ ବୈଭବଶାଳୀ କରିବା ପାଇଁ ନିରନ୍ତର ପ୍ରଯତ୍ନ କଲେ । ମହର୍ଷି ଦୟାନନ୍ଦ ଈଶ୍ୱରୀୟ ପ୍ରେରଣାକୁ ଧରିପାରିଲେ । ସମାଜରୁ ଅନ୍ଧବିଶ୍ୱାସ, ପାଖଣ୍ଡ, କୁସଂସ୍କାର ଆଦି ଲୋପ କରିବା ପାଇଁ ନିନ୍ଦା-ଅପମାନ, ଟେକା-ପଥର ମାଡ଼ ଖାଇ କାର୍ଯ୍ୟ କରିଚାଲିଲେ । ସତ୍ୟର ସ୍ଥାପନା ପାଇଁ ବିଷ ମଧ୍ୟ ଖାଇଲେ । ଏମାନେ ସମସ୍ତେ ଈଶ୍ୱରୀୟ ପ୍ରେରଣାକୁ ଧରିଲେ, ମହାପୁରୁଷ ହେଲେ । ଅତଃ ସମାଜରେ ଅନ୍ୟାୟ ବିରୁଦ୍ଧରେ ସଂଘର୍ଷ କରୁଥିବା, ଦୁଷ୍ଟଙ୍କୁ ବିନାଶ କରୁଥିବା, ସମାଜରେ ସତ୍ୟ-ନ୍ୟାୟ-ଧର୍ମର ପ୍ରତିଷ୍ଠା ପାଇଁ ଯତ୍ନଶୀଳ ଥିବା, ଲୋକ-କଲ୍ୟାଣରେ ବ୍ରତୀ ଥିବା ଲୋକ ଯେତେ ଅତୀତରେ ହୋଇଛନ୍ତି କି ବର୍ତ୍ତମାନ ଅଛନ୍ତି କିମ୍ବା ଭବିଷ୍ୟତରେ ଜନ୍ମ ନେବେ ଏମାନେ ସମସ୍ତେ ସତ୍‌ପୁରୁଷ, ଆଦର୍ଶ ବ୍ୟକ୍ତି, ମହାମାନବ, ମହାପୁରୁଷ ଆଦି ଅଟନ୍ତି । କେହି ବି ପରମାତ୍ମା ନୁହନ୍ତି । ଏମାନେ ପରମାତ୍ମାଙ୍କ ଆଦେଶ, ପ୍ରେରଣାକୁ ବୁଝିପାରି ସମାଜ-କଲ୍ୟାଣରେ ବ୍ରତୀ ଥିବା ଜୀବାତ୍ମା । ଏମାନଙ୍କୁ ପରମାତ୍ମା, ଈଶ୍ୱର ବୋଲି ବିଚାର କରିବା, ପରମାତ୍ମା ଶରୀର ଧାରଣ କରି ଦୁଷ୍ଟଙ୍କ ସହ ଯୁଦ୍ଧ (Fighting) କରନ୍ତି ବୋଲି ବିଚାର କରିବା ହେଉଛି ଭ୍ରମାତ୍ମକ ଜ୍ଞାନ ।

**ପ୍ର.କ.** — ଭଗବାନଙ୍କ ବିଷୟରେ ସଂଶୟାତ୍ମକ ଜ୍ଞାନ (Doubt) କ'ଣ ଅଛି ଆମ ଭିତରେ ?

**ସ୍ୱାମୀଜୀ** — ଜଣେ ବ୍ୟକ୍ତି ଭାଗବତ ପଢ଼ିଲା । ଭାଗବତରେ ଲେଖାଅଛି ଯେ, ବିଷ୍ଣୁ ହେଉଛନ୍ତି ମୂଳ ଭଗବାନ । ତାଙ୍କଠାରୁ ସବୁ ଆରମ୍ଭ ହୋଇଛି । ତାଙ୍କ ନାଭି କମଳରୁ ବ୍ରହ୍ମା ଜନ୍ମ ହେଲେ ଓ ସଂସାର ସର୍ଜନା କଲେ । ପଦ୍ମ ପୁରାଣରେ ତ ଏକଥା ପର୍ଯ୍ୟନ୍ତ କୁହାଗଲା —

**ତସ୍ମାଦ୍ ବିଷ୍ଣୋଃ ପ୍ରସାଦୋ**
**ବୈ ସେବିତବ୍ୟୋ ଦ୍ୱିଜନ୍ମନାମ୍ ।**
**ଇତରେଷାଂ ତୁ ଦେବାନାଂ**
**ନିର୍ମାଲ୍ୟଂ ଗର୍ହିତଂ ଭବେତ୍ ॥**

(ପଦ୍ମ. ଉତ୍ତର. ୨୫୫:୯୮)

ଦ୍ୱିଜମାନଙ୍କ ପାଇଁ କେବଳ ବିଷ୍ଣୁଙ୍କର ପ୍ରସାଦ ହିଁ ସେବନୟ । ତାଙ୍କ ଭିନ୍ନ ଅନ୍ୟ ଦେବତାଙ୍କ ପ୍ରସାଦ ଗର୍ହିତ, ତ୍ୟାଜ୍ୟ ।

ସେ ବ୍ୟକ୍ତି ସୋମବାର ଦିନ ଶିବପୁରାଣ, ଲିଙ୍ଗପୁରାଣ ପଢ଼ିଲା । ସେଇଠି ଲେଖା ଅଛି ଯେ, ଶିବ ହେଉଛନ୍ତି ମୂଳ ।

**ଅୟଂ ମେ ଦକ୍ଷିଣେ ପାର୍ଶ୍ୱେ ବ୍ରହ୍ମା ଲୋକପିତାମହଃ ।**
**ବାମେ ପାର୍ଶ୍ୱେ ଚ ମେ ବିଷ୍ଣୁର୍ବିଶ୍ୱାତ୍ମା ହୃଦୟୋଦ୍‌ଭବଃ ॥**

(ଲିଙ୍ଗ. ୧୯:୩)

ଶିବ କହୁଛନ୍ତି, 'ମୋର ଦକ୍ଷିଣ ପାର୍ଶ୍ୱରୁ ଲୋକପିତାମହ ବ୍ରହ୍ମା ଓ ବାମ ପାର୍ଶ୍ୱରୁ ବିଶ୍ୱାତ୍ମା ସ୍ୱରୂପ ହୃଦୟୋଦ୍‌ଭବ ବିଷ୍ଣୁ ଜାତ ହୋଇଛନ୍ତି ।

**ମୁକ୍ତେର୍ଦାତା ମୁନିଶ୍ରେଷ୍ଠାଃ କେବଲଂ ଶିବ ଉଚ୍ୟତେ ।**
**ବ୍ରହ୍ମାଦ୍ୟା ନହି ତେ ଜ୍ଞେୟା କେବଲଂ ଚ ତ୍ରିବର୍ଗଦା ॥**

(ଶିବ. କୋଟିରୁଦ୍ର. ସଂ.୪୧)

କେବଳ ଶିବ ମୁକ୍ତିଦାତା ବୋଲି କୁହାଯାଇଛି । ବ୍ରହ୍ମା, ବିଷ୍ଣୁ ଆଦି ମୁକ୍ତିଦାତା ନୁହଁନ୍ତି । ସେମାନେ କେବଳ ତ୍ରିବର୍ଗ (ଧର୍ମ, ଅର୍ଥ ଓ କାମ) ଦିଅନ୍ତି ।

ଦେବୀ ଭାଗବତର କୁହାଯାଇଛି—

**ବ୍ରହ୍ମା ବିଷ୍ଣୁଶ୍ଚ ରୁଦ୍ରଶ୍ଚ ଈଶ୍ୱରଶ୍ଚ ସଦାଶିବଃ ।**
**ଏତେ ପଞ୍ଚ ମହାପ୍ରେତା ପାଦମୂଲେ ମମ ସ୍ଥିତାଃ ।।**

(ଦେବୀ. ଭାଗ. ୭:୪୦:୧)

ଦେବୀ କହିଲେ— ବ୍ରହ୍ମା, ବିଷ୍ଣୁ, ରୁଦ୍ର, ଈଶ୍ୱର ଓ ସଦାଶିବ- ଏ ପାଞ୍ଚ ମହାପ୍ରେତ ମୋର ପାଦତଳେ ସ୍ଥିତ ଅଛନ୍ତି ।

**ଯେ ବା ସ୍ତୁବନ୍ତି ମନୁଜା ଅମରାନ୍ ବିମୂଢ଼ା,**
**ମାୟାଗୁଣୈସ୍ତବ ଚତୁର୍ମୁଖବିଷ୍ଣୁରୁଦ୍ରାନ୍ ।**
**ଶୁଭ୍ରାଂଶୁବହ୍ନିୟମବାୟୁଗଣେଶ ମୁଖ୍ୟାନ୍,**
**କିଂ ତ୍ୱନ୍ମୃତେ ଜନନି ତେ ପ୍ରଭବନ୍ତି କାର୍ୟ୍ୟେ ।।**

(ଦେବୀ. ଭା. ୫:୧୯:୬)

ଯେଉଁ ଲୋକମାନେ ଆପଣଙ୍କ ମାୟାଜାଲରେ ପଡ଼ି ବ୍ରହ୍ମା, ବିଷ୍ଣୁ, ଶିବ, ଚନ୍ଦ୍ର, ଅଗ୍ନି, ଯମ, ବାୟୁ, ଗଣେଶଙ୍କୁ ମୁଖ୍ୟ କୁହାଯାଉଥିବା ଦେବତାମାନଙ୍କୁ ପୂଜା କରନ୍ତି, ସେମାନେ ମୂର୍ଖ ଅଟନ୍ତି । ହେ ଜନନି ! ତୁମ ଶକ୍ତି ବିନା ଏ ଦେବତାମାନେ କ'ଣ କରିପାରନ୍ତି ?

ଏସବୁ ପଢ଼ି ସେ ଲୋକ ମନରେ ସଂଶୟ ଉତ୍ପନ୍ନ ହେଲା ଯେ ବାସ୍ତବରେ କିଏ ବଡ଼, କିଏ ମୂଳ ? ବିଷ୍ଣୁ ନା ଶିବ ? ଶିବ ନା ଶକ୍ତି ? କାହାକୁ ଧରିବି, କାହାକୁ ଛାଡ଼ିବି ? ତାଙ୍କୁ ଧ୍ୟାନ କରିବି ନା ୟାଙ୍କୁ ଧ୍ୟାନ କରିବି ? ପୂଜା କଲା ବେଳେ, ଧ୍ୟାନ କରିବାକୁ ବସିଲା ବେଳେ ବି ସେ ବ୍ୟକ୍ତି ଭିତରେ ଦ୍ୱନ୍ଦ୍ୱ ରହିଲା । 'ମୁଁ ଠିକ୍ କରୁଛି ତ ? ବଡ଼କୁ ଛାଡ଼ି ସାନକୁ ଧରିନି ତ ? ମୁଁ ଯାହାକୁ ଧରିଛି ସେ ବାସ୍ତବରେ ମୋର ଆବଶ୍ୟକତା ପୂରଣ କରିପାରିବ ତ ? ନା, ଆଉ କୋଉ ନୂଆ ଦେବତାଙ୍କୁ ଧରିବି ?' ଏସବୁ ସଂଶୟାତ୍ମକ ଜ୍ଞାନ । ଏଥିରେ ସ୍ଥିରତା ମିଳିବନି । ଶାନ୍ତି ମିଳିବନି । ଈଶ୍ୱର କେବେ ବି ମିଳିପାରିବେନି ।

**ପ୍ର.କ** — ଈଶ୍ୱରଙ୍କ ବିଷୟରେ ଶାବ୍ଦିକ ଜ୍ଞାନ ପୁଣି କ'ଣ ?

**ସ୍ୱାମୀଜୀ** — ମୁଁ ପୂର୍ବରୁ କହିଛି ଯେ 'ଶାବ୍ଦିକ ଜ୍ଞାନ' ମାନେ ଶବ୍ଦରେ ତ ଆମେ ସତ୍ୟକୁ ମାନିଲେ; କିନ୍ତୁ ବ୍ୟବହାରରେ ନାହିଁ । ଯେମିତିକି ଆମେ କହିଲେ ଯେ ଈଶ୍ୱର ସର୍ବବ୍ୟାପକ, ସବୁଠି ଅଛନ୍ତି; ଈଶ୍ୱର ସର୍ବଜ୍ଞ, ସବୁ ଦେଖୁଛନ୍ତି, ସବୁ ଜାଣୁଛନ୍ତି । ଗାଇବା ବେଳେ ଗାଉଛେ ମଧ୍ୟ —

**ଯାହା ମୁଁ କରଇ ଯାହା ମୁଁ କହଇ ଯାହା ମୁଁ ଚିନ୍ତଇ ମନେ**
**ଜଗତର କର୍ତ୍ତା ପରମ ଈଶ୍ୱର ଜାଣୁଛନ୍ତି ପ୍ରତି କ୍ଷଣେ ।**
**ମୋ ପାଶେ ଅଛନ୍ତି ଦିବସ-ରଜନୀ ମହାପ୍ରଭୁ ପରାତ୍ପର**
**ଏକଥା ସୁମରି ହୃଦୟେ ତାହାଙ୍କୁ ପୂଜିବି ମୁଁ ନିରନ୍ତର ।।**

କିନ୍ତୁ କାମ କଲା ବେଳେ ଠିକ୍ ଓଲଟା । ଏଣେ କହୁଛେ ଯେ ଭଗବାନ ସବୁଠି ଅଛନ୍ତି, କିନ୍ତୁ ଈଶ୍ୱରଙ୍କୁ ପୂଜା କରିବାକୁ ଆଜି ଏ ମନ୍ଦିର, କାଲି ସେ ମନ୍ଦିର ଦୌଡ଼ୁଛେ । ଈଶ୍ୱର ଦର୍ଶନ କରିବାକୁ ଆଜି ଏ ଧାମ ତ କାଲି ସେ ଧାମ ଧାଉଁଛେ । ପଛରେ ଆସି ଆଗ ଦର୍ଶନ କରିବାକୁ କେତେ ପେଞ୍ଚ କରୁଛେ । ଭଗବାନ ଯଦି ସବୁଠି ଅଛନ୍ତି, ତାଙ୍କ ପୂଜାର ଯଥାର୍ଥ ସ୍ଥାନ ଯଦି ହୃଦୟ ତେବେ ମନ୍ଦିରରେ ଏତେ ଠେଲା-ପେଲା କରିବା, ଧକ୍‌କା-ତଣ୍ଟିଆ ଖାଇବାର ଆବଶ୍ୟକତା କ'ଣ ? ଏସବୁ ଈଶ୍ୱରଙ୍କ ସମ୍ବନ୍ଧୀୟ କେବଳ ଶାବ୍ଦିକ ଜ୍ଞାନ ଯେ ଈଶ୍ୱର ସର୍ବବ୍ୟାପକ । ଲୋକେ କହନ୍ତି ଯେ ସବୁ ଭଗବାନ୍ ଜଣେ । କିନ୍ତୁ ଏଣେ ଠାକୁର ଘରେ ଫୋଟୋ ରଖିବାକୁ ଜାଗା ନାହିଁ, ଭଗବାନମାନଙ୍କ ଭିଡ଼ । ସିଗାରେଟ ଖୋଳ ଉପରେ ଲେଖାଥିବା 'Smoking is Injurious to health' ଲେଖାକୁ ପଢ଼ି ମଧ୍ୟ ସିଗାରେଟ ପିଉଥିବା ଲୋକର ଯେଉଁ ଦୁର୍ଦ୍ଦଶା ହୁଏ, ସେ ଯେଭଳି ରୋଗାକ୍ରାନ୍ତ ହୋଇ ଦୁଃଖ ପାଏ; ଠିକ୍ ସେହିପରି ଈଶ୍ୱର ସର୍ବବ୍ୟାପକ କହି ମଧ୍ୟ ଜଡ଼ ମୂର୍ତ୍ତିର ସେବାରେ ଲାଗିଥିବା, ହଜାରେ ଭଗବାନ ପଛରେ ପଡ଼ିଥିବା ଲୋକଙ୍କର ଆତ୍ମିକ ଦୁର୍ଗତି ହୁଏ । ଏଭଳି କାର୍ଯ୍ୟ କରୁଥିବା ପର୍ଯ୍ୟନ୍ତ ସେମାନେ କେବେ ବି ଈଶ୍ୱରଙ୍କୁ ଅନୁଭବ କରିପାରନ୍ତି ନାହିଁ । ଜନ୍ମ-ମୃତ୍ୟୁ ଚକ୍ରରେ ଘାଣ୍ଟି ହେଉଥାନ୍ତି ।

**ପ୍ର.କ.** — ଆପଣ ଯେଉଁ ଚତୁର୍ଥ ପ୍ରକାର ଜ୍ଞାନ ବିଷୟରେ କହୁଥିଲେ ଯେ ତତ୍ତ୍ୱଜ୍ଞାନ । ଭଗବାନଙ୍କ ବିଷୟରେ ତତ୍ତ୍ୱଜ୍ଞାନ କ'ଣ ?

**ସ୍ୱାମୀଜୀ** — ଭଗବାନଙ୍କ ବିଷୟରେ 'ତତ୍ତ୍ୱଜ୍ଞାନ'

ମାନେ ଭଗବାନ ଯେମିତି ଅଟନ୍ତି, ତାଙ୍କୁ ମନ-ବଚନ-କର୍ମରେ ସେମିତି ହିଁ ମାନିବା। ଈଶ୍ୱର ସର୍ବବ୍ୟାପକ ଅଟନ୍ତି, ସବୁଠି ଅଛନ୍ତି। ସର୍ବବ୍ୟାପକ ହୋଇଥିବାରୁ ତାଙ୍କର କୌଣସି ଆକାର, ମୂର୍ତ୍ତି, ପ୍ରତିକୃତି ହୋଇପାରିବ ନାହିଁ। ଏଭଳି ଜାଣିବା, ମାନିବା ତଥା କୌଣସି ଜଡ଼ମୂର୍ତ୍ତିକୁ ଈଶ୍ୱର ବୋଲି ନ ମାନିବା, ପୂଜା ନ କରିବା। ସର୍ବବ୍ୟାପକ ହୋଇଥିବା ହେତୁ ସେ ଅବତାର ଗ୍ରହଣ କରିପାରିବେ ନାହିଁ। ଏଣୁ କୌଣସି ବ୍ୟକ୍ତିକୁ ଈଶ୍ୱରଙ୍କ ଅବତାର ବୋଲି ନ ମାନିବା। ଈଶ୍ୱର ସର୍ବଶକ୍ତିମାନ୍ ହୋଇଥିବାରୁ ସେ ଏକାକୀ ସଂସାରର ସୃଷ୍ଟି-ସ୍ଥିତି-ପ୍ରଳୟ କରନ୍ତି, ତାଙ୍କୁ କାହାରି ଆବଶ୍ୟକତା ପଡ଼େ ନାହିଁ। ଏଣୁ ଏକ ଈଶ୍ୱରଙ୍କୁ ମାନିବା। ଯଦି ଭ୍ରାନ୍ତିବଶତଃ ଏହି ଯଥାର୍ଥ ଜ୍ଞାନର ବିରୁଦ୍ଧ କାମ କରୁଥିଲେ ତେବେ ତାହା ତୁରନ୍ତ ପରିତ୍ୟାଗ କରିବା। ଏହା ହେଲା ଈଶ୍ୱର ସମ୍ବନ୍ଧୀୟ ତତ୍ତ୍ୱଜ୍ଞାନ ବା ନିର୍ଣ୍ଣୟାତ୍ମକ ଜ୍ଞାନ। ଏହା ହିଁ ଶୁଦ୍ଧ ଜ୍ଞାନ।

**ପ୍ର.କ.** — ଆଚ୍ଛା, ସ୍ୱାମୀଜୀ! ଶୁଦ୍ଧ ଜ୍ଞାନ କ'ଣ ଆମେ ଏ ବିଷୟରେ ବିସ୍ତୃତ ରୂପେ ଆଲୋଚନା କଲେ। ଈଶ୍ୱର ପ୍ରାପ୍ତି ପାଇଁ ଆଉ ଦୁଇଟି ସାଧନ ରହିଲା— ଶୁଦ୍ଧ କର୍ମ ଓ ଶୁଦ୍ଧ ଉପାସନା। ଆମେ ବର୍ତ୍ତମାନ ଶୁଦ୍ଧ କର୍ମ ବିଷୟରେ ଆଲୋଚନା କରିବା। ଶୁଦ୍ଧ କର୍ମ କ'ଣ ? କେଉଁ କର୍ମ କଲେ ଆମେ ଈଶ୍ୱର ପ୍ରାପ୍ତି ଦିଗରେ ଅଗ୍ରସର ହୋଇପାରିବା ?

**ସ୍ୱାମୀଜୀ** — ଶୁଦ୍ଧ କର୍ମ ମାନେ ଉଚିତ କର୍ମ, ଯଥାର୍ଥ କର୍ମ। ସଂସାରରେ ଉଚିତ କର୍ମ ପୁଣି ଦୁଇଟି ଦୃଷ୍ଟିରୁ ହୋଇଥାଏ— ୧. ଯାହା ସହିତ ବ୍ୟବହାର କରିବା ତା'ର ଗୁଣ-କର୍ମ-ସ୍ୱଭାବର ଅନୁକୂଳ କର୍ମ। ୨. ଯାହାକୁ ପାଇବାକୁ ଚାହୁଁଛେ ତାହାକୁ ପାଇବାର ଉଚିତ ସାଧନ। ସଂସାରରେ ଦୁଇ ପ୍ରକାରର ସତ୍ତା ଅଛି - ୧. ଜଡ଼, ୨. ଚେତନ। ଜଡ଼ ସହ ଜଡ଼ର ଉପଯୋଗୀ ବ୍ୟବହାର କରିବା ଏବଂ ଚେତନ ସହ ଚେତନର ଅନୁକୂଳ ବ୍ୟବହାର କରିବା ହେଲା ଉଚିତ କର୍ମ।

ଗୋଟିଏ ଗରୀବ ପିଲା। ତା'ର ଖାଇବାକୁ ନାହିଁ। ନୁଖୁରା ହୋଇ ବୁଲୁଛି। ରାସ୍ତା କଡ଼ ଅଇଁଠା ପତରରୁ ଖାଦ୍ୟ ଗୋଟାଇ ଖାଉଛି। ଆମକୁ ମାଗିଲେ ଆମେ ତୋରାଣି ଟୋପାଏ ବି ତାକୁ ଦେଉନାହେଁ। ଅଥଚ ଶିବ ମନ୍ଦିରରେ ପଥରର ଲିଙ୍ଗ ଉପରେ ଢାଳ-ଢାଳ କ୍ଷୀର ଢାଳୁଛେ। ପଥର ଉପରେ କ୍ଷୀର ଢାଳିଲେ ସେ କ୍ଷୀରର ଉପଯୋଗ କ'ଣ ? ପଥର କ'ଣ ଚେତନ ? ପଥର କ'ଣ କ୍ଷୀର ପିଉଛି ? ସେ ପଥର ଯଦି ପିଉଥାନ୍ତା ତେବେ କ୍ଷୀର ସବୁ ତ ସେଇଠି ସରିଥାନ୍ତା, ସେଇଠୁ ବୋହି ଯାଇ ପାଦୁକ କୁଣ୍ଡରେ ପଡ଼ି ସଡ଼ି ଦୁର୍ଗନ୍ଧ ସୃଷ୍ଟି କରୁଛି କେମିତି ? ଏଣୁ ଶିବଲିଙ୍ଗ ହେଉ କି ସେଭଳି କୌଣସି ପଥର ହେଉ ସେସବୁ ଜଡ଼ପଦାର୍ଥ ଉପରେ କ୍ଷୀର ଢାଳିବା ଅଶୁଦ୍ଧ କର୍ମ। ଏଣୁ ଡକ୍ଟର ମାୟାଧର ମାନସିଂହ ଲେଖିଲେ—

**ଦେବ-ଭୋଗ ନିରନ୍ନରେ ଦିଅ,**
**ଦେବ-ସେବା ହେଉ ମାନବରେ।**
**ଦେବତାର ଦରଶନ ଲଭ,**
**ମାନବର ପ୍ରତି ଘରେ-ଘରେ ॥**

(ଦେବପୂଜା)

ଯିଏ ଖାଇବ, ଯିଏ ଖାଇବାର ଆବଶ୍ୟକତା ଅଛି, ଯିଏ ଖାଦ୍ୟ ଚାହୁଁଛି ତାକୁ ଦିଅ। କ୍ଷୀର କୌଣସି ପୁଷ୍ଟିହୀନ, କ୍ଷୀର ପାଉନଥିବା ଶିଶୁକୁ ଦିଅ; ଚିକିତ୍ସାଳୟରେ ପଡ଼ିଥିବା ଓ ନିର୍ଦ୍ଧନତାରୁ କ୍ଷୀର ଟୋପାଏ ଯୋଗାଡ଼ କରିପାରୁନଥିବା ରୋଗୀକୁ ଦିଅ। ପଥରରେ ଢାଳି ଅଶୁଦ୍ଧ କର୍ମ କରନାହିଁ, ପାପ ଅର୍ଜ ନାହିଁ।

ଗୋଟିଏ ମନ୍ଦିରରେ ମୁଁ ଦେଖିଲି ଯେ ଲୋକମାନେ ସେ ମୂର୍ତ୍ତିଗୁଡ଼ିକୁ ପିନ୍ଧାଇବା ପାଇଁ ଦେଇଥିବା ପାଟ ଶାଢ଼ିଗୁଡ଼ିକ ନିଲାମ ହେଉଛି। ସେ ମୂର୍ତ୍ତିସବୁ ପାଇଁ ଶାଢ଼ି-ଧୋତି ଭଣ୍ଡାରରେ ଭର୍ତ୍ତି ହୋଇଛି। କାଠ-ପଥରର ମୂର୍ତ୍ତି କୁଆଡ଼େ ବୁଲିଯାଉଛି ନା କାମ କରି ଝାଳ-ନାଳ ହେଉଛି ଯେ ଧୋତି-ଶାଢ଼ି ଚିରିବ କି ଫାଟିବ! ତା' ଛଡ଼ା ଏ କାଠ-ପଥରର ଜଡ଼ ମୂର୍ତ୍ତିର କ'ଣ ସେ ବସ୍ତ୍ରର କୋମଳତା କି କଠିନତା କିଛି ଅନୁଭବ କରିବାର କ୍ଷମତା ଅଛି ? ଲୋକେ ଯେହେତୁ ତା' ଉପରେ ତା' ଉପରେ ଦେଇ ଚାଲିଛନ୍ତି। ଏଣୁ ମନ୍ଦିର

ତରଫରୁ ନିଲାମ ହେଉଛି। ତଥାପି ବିଚାର-ବୁଦ୍ଧିହୀନ ଲୋକେ ଦେଇଚାଲିଛନ୍ତି। ୧୦,୦୦୦ ଟଙ୍କାର ପାଟ ଶାଢ଼ି କିଣି ପଥର ମୂର୍ତ୍ତିକୁ ପିନ୍ଧାଇବା ଉଚିତ କର୍ମ ନା ସେହି ଅର୍ଥରେ ଶହେ-ଶହେ ଟଙ୍କାରେ କମ୍ବଳ ଖଣ୍ଡେ-ଖଣ୍ଡେ କିଣି ରାସ୍ତାକଡ଼ରେ, ଫୁଟ୍‌ପାଥ୍‌ରେ, ଯା'-ତା' ବାରଣ୍ଡାରେ ଶୀତରେ ଥୁରୁଥୁରୁ ହେଉଥିବା ଲୋକଙ୍କୁ ଦେବା ଉଚିତ କର୍ମ ?

**ପ୍ର.କ.** — ସ୍ୱାଭାବିକ କଥା ଯେ ଯାହାର ଆବଶ୍ୟକତା ଅଛି ତାକୁ ଦେବା ଉଚିତ କର୍ମ। ଯେଉଁମାନେ ବସ୍ତ୍ର ଅଭାବରୁ ଦୁଃଖ ପାଉଛନ୍ତି ସେମାନଙ୍କୁ ଦେଲେ ସେ ବସ୍ତ୍ରର ଯଥାର୍ଥ ଉପଯୋଗ। କିନ୍ତୁ ଲୋକେ ଭାବୁଛନ୍ତି ଯେ ଭଗବାନମାନଙ୍କୁ ବସ୍ତ୍ର ଖଣ୍ଡେ-ଖଣ୍ଡେ ଦେଲେ ଭଗବାନ ଆମ ଘରେ ବସ୍ତ୍ର ଭଣ୍ଡାର ଭରି ଦେବେ। ଆମ ସ୍ୱାର୍ଥ ସାଧନ ହେବ। ଗରୀବମାନଙ୍କୁ କମ୍ବଳ ଦେଲେ କ'ଣ ଲାଭ ?

**ସ୍ୱାମୀଜୀ** — ଲୋକେ ଏତିକି ଭାବିପାରୁନାହାନ୍ତି ଯେ ଭଗବାନଙ୍କର ଯଦି ଧୋତି-ଶାଢ଼ି ଅଭାବ ଥିବ, ତେବେ ସିଏ ଆଉ ଲୋକଙ୍କୁ ବସ୍ତ୍ରଭଣ୍ଡାର ଦେବେ କେମିତି ? ଆଉ ଯଦି ତାଙ୍କର ବସ୍ତ୍ରଭଣ୍ଡାର ଥିବ, ତେବେ ସେ ଏ ଲୋକଙ୍କଠୁ ଖଣ୍ଡେ-ଖଣ୍ଡେ ବସ୍ତ୍ର ନେବେ କାହିଁକି ? ଗୁରୁତ୍ୱପୂର୍ଣ୍ଣ କଥା ହେଲା ମନ୍ଦିରର ଭଗବାନଙ୍କର ବସ୍ତ୍ରର ଅଭାବ ଥିଲେ ନିଲାମ କାହିଁକି ହେଉଛି ? ଆଉ ଯଦି ନିଲାମ ହେଉଛି, ଫେରେ ବସ୍ତ୍ରଦାନ କରିବା କେତେ ବୁଦ୍ଧିମତ୍ତା ? କିନ୍ତୁ ଲୋକେ ମୂର୍ତ୍ତିକୁ ବସ୍ତ୍ର ଦାନ କରି ଧର୍ମ ଅର୍ଜିବା ନାମରେ କରି ଚାଲିଛନ୍ତି ବୁଦ୍ଧିହୀନ ଅଶୁଦ୍ଧ କର୍ମ। ମନ୍ଦିରରେ ନିଲାମ ଚାଲିଛି।

ଅନେକ ସ୍ଥାନରେ ଆମେ ବିରାଟ-ବିରାଟ ମନ୍ଦିର ଦେଖୁ। ପ୍ରାୟ ଏକ କିଲୋମିଟର କି ଦୁଇ କିଲୋମିଟର ପର୍ଯ୍ୟନ୍ତ ବିସ୍ତୃତ ତା'ର ପରିସୀମା। କେବଳ କୌଣସି ପର୍ବ-ପର୍ବାଣୀରେ ଲୋକେ ଭିଡ଼ ଜମାନ୍ତି। ଅନ୍ୟ ସମୟରେ ମାତ୍ର କେତେ ଜଣ ପୂଜାରୀ-ସେବକ ରହନ୍ତି ସେ ପରିସୀମାରେ। ମନ୍ଦିର ହତାରେ ବିଭିନ୍ନ ପ୍ରକାର ଦାମୀ ଟାଇଲ୍ ଖଞ୍ଜା। ଏ କ୍ଷେତ୍ରରେ ଚିନ୍ତନୀୟ ବିଷୟ ହେଲା ଯେ ଏ ଦେଶରେ ମନ୍ଦିରର ଅଭାବ ନାହିଁ। ତଥାପି ଲୋକେ ମାତିଛନ୍ତି ନୂଆ-ନୂଆ ବିରାଟ-ବିରାଟ ମନ୍ଦିର ନିର୍ମାଣରେ। ଅଥଚ ଏ ଦେଶର ବହୁ ଲୋକଙ୍କୁ ମୁଣ୍ଡଗୁଞ୍ଜିବା ପାଇଁ ଚାଳ-ଛପର ଖଣ୍ଡିଏ ବି ମିଳୁନି। ଏବେ ବି ଭାରତ ବର୍ଷର ବହୁ ଲୋକେ ଫୁଟ୍‌ପାଥ୍‌ରେ, ରେଳଷ୍ଟେସନ୍, କାହା ବାରଣ୍ଡାରେ ଶୋଉଛନ୍ତି। ଅନାବଶ୍ୟକ ଭାବେ ନୂଆ-ନୂଆ ବିରାଟ ମନ୍ଦିର ପଛରେ ଅର୍ଥ ଅପବ୍ୟୟ ନ କରି ସେହି ଅର୍ଥରେ ଦୁଃସ୍ଥ, ନିରାଶ୍ରୟ ଲୋକଙ୍କ ମୁଣ୍ଡ ଉପରେ ଯଦି ଛାତଟିଏ କରିଦିଅନ୍ତେ, ସେଇଟା କ'ଣ ଉଚିତ ହୁଅନ୍ତାନି ? ଏପଟେ କାଠ-ପଥର ମୂର୍ତ୍ତିର ଏ ବିରାଟ ଅନାବଶ୍ୟକ ଆଟୋପ ପାଇଁ ଅର୍ଥ ଅପବ୍ୟୟ କ'ଣ ଶୁଦ୍ଧ କର୍ମ ?

**ପ୍ର.କ.** — ନା, ଅଶୁଦ୍ଧ କର୍ମ।

**ସ୍ୱାମୀଜୀ** — ଯେଉଁ ଜଡ଼ ମୂର୍ତ୍ତି ଖାଉନାହିଁ ତାକୁ ଖାଇବାକୁ ଦେବା, ଯେଉଁ ଚେତନ ପ୍ରାଣୀ ଖାଇପାରିବ, ତାକୁ ଖାଦ୍ୟ ଦରକାର, ତାକୁ ନ ଦେବା; ଯେଉଁ କାଠ-ପଥର ବସ୍ତ୍ର ପିନ୍ଧିପାରିବ ନାହିଁ, ତା'ର ଆବଶ୍ୟକତା ନାହିଁ, ତାକୁ ବସ୍ତ୍ର ପିନ୍ଧାଇବା, ଅଥଚ ଯିଏ ବସ୍ତ୍ରାଭାବରେ ଲଜ୍ଜା ଢାଙ୍କିପାରୁନି, ଶୀତ-କାକରରେ ଥରୁଛି ତାକୁ ନଦେବା; ଯେଉଁ ଜଡ଼ ପ୍ରତିକୃତିକୁ ଖରା-ବର୍ଷା-ଶୀତ ଦୁଃଖ ଦିଏ ନାହିଁ କି ସୁରମ୍ୟ ମନ୍ଦିର ସୁଖ ଦେଇପାରେ ନାହିଁ ତା' ପାଇଁ ମଠ-ମନ୍ଦିର କରିବା, ଆଶ୍ରୟର ଆବଶ୍ୟକତା ଥିବା ନିରାଶ୍ରୟ ଚେତନ ପ୍ରାଣୀଙ୍କ ସକାଶେ ଆଶ୍ରୟର ବ୍ୟବସ୍ଥା ନ କରିବା— ଏଭଳି ଭାବେ ସ୍ୱ ଶକ୍ତି-ସାମର୍ଥ୍ୟ-ସାଧନର ସଦୁପଯୋଗ ନ କରି ଦୁରୁପଯୋଗ କରିବା ହେଲା ଅଶୁଦ୍ଧ କର୍ମ। ଶୁଦ୍ଧ କର୍ମ ହେଲା ଜଡ଼ ସହ ଜଡ଼ର ଉପଯୋଗୀ ବ୍ୟବହାର କରିବା ଓ ଚେତନ ସତ୍ତା ସହ ଚେତନର ଯଥାଯୋଗ୍ୟ ବ୍ୟବହାର କରିବା।

ଥରେ କେତେ ଜଣ ବ୍ୟକ୍ତି ମୋତେ ଗୋଟିଏ ମନ୍ଦିର ତୋଳିବା ବିଷୟରେ ପଚାରିବାକୁ ଆସିଥିଲେ। କହିଲେ— 'ସ୍ୱାମୀଜୀ ! ଆମ ସହରରେ ଗୋଟିଏ ଭବ୍ୟ ମନ୍ଦିର ତୋଳେଇବା ଆମ ଇଚ୍ଛା । କୁହନ୍ତୁ ! କେଉଁ ମନ୍ଦିର ତୋଳିଲେ ଭଲ ? ଆପଣ ଆଶୀର୍ବାଦ ଦିଅନ୍ତୁ ଯେମିତିକି ଆମେ ସଫଳ ହେବୁ।' ମୁଁ ପଚାରିଲି— 'ମନ୍ଦିର ତୋଳାଇ କ'ଣ କରିବେ ?'

ସେମାନେ କହିଲେ— 'ମନ୍ଦିରରେ ଆଉ କ'ଣ କରିବୁ ? ଠାକୁର ପୂଜା ପାଇବେ। ପୂଜା-ପାଠ ଚାଲିବ।

ଆମେ ତ ସାଂସାରୀ ଲୋକ। ଆମେ ଆଉ କୋଉ ଜପ-ତପ କେତେ କରିପାରୁଛୁ ? କେତେ ପାପ ହୋଇଯାଉଛି। ମନ୍ଦିର ତୋଳିଲେ କିଛି ପୁଣ୍ୟ-ଧର୍ମ ହେବ।' ମୁଁ କହିଲି— "ଆପଣମାନେ ମୋତେ ଆଶୀର୍ବାଦ ମାଗିଛନ୍ତି। ମୁଁ ନିଶ୍ଚୟ ଦେବି। କିନ୍ତୁ ସେଇଟାକୁ ଆପଣମାନେ ଆଶୀର୍ବାଦ ବୋଲି ଗ୍ରହଣ କରିବେ କି ନାହିଁ ତାହା ଆପଣଙ୍କ ଉପରେ ନିର୍ଭର କରେ। 'ଆଶୀର୍ବାଦ' ମାନେ କ'ଣ ? 'ଆଶିଷ' ବା 'ଆଶିସ୍' କିମ୍ବା 'ଆଶୀଃ' ମାନେ ମଙ୍ଗଳକାମନା। ଏଣୁ ଆଶୀର୍ବାଦର ଅର୍ଥ ହେଲା ମଙ୍ଗଳକାମନା ସୂଚକ ବଚନ ବା ମଙ୍ଗଳକାମନା ଅଭିବ୍ୟକ୍ତି। ଯେଉଁ କାମ ଦ୍ୱାରା ଆପଣମାନଙ୍କ ଆତ୍ମାର କଲ୍ୟାଣ ସାଧିତ ହେବ, ଆପଣମାନଙ୍କ ଅର୍ଥର ସଦୁପଯୋଗ ହେବ, ସେ କଥା ତ ମୁଁ ନିଶ୍ଚୟ କହିବି। ଆଜିକାଲି ଇଟା-ପଥରରେ ତିଆରି ଭବ୍ୟ ମନ୍ଦିରର ଅଭାବ ନାହିଁ ସଂସାରରେ। ଆପଣ ଏଭଳି ଆଉ ଗୋଟିଏ ତୋଳିବା ଦ୍ୱାରା କ'ଣ ଆଉ ବିଶେଷ ଲାଭ ହେବ ? ଯେଉଁ ଲୋକେ ବର୍ତ୍ତମାନ ଥିବା ମନ୍ଦିରକୁ ଯାଉଛନ୍ତି ସେଇଥିରୁ କିଛି ଲୋକ ବାଣ୍ଟି ହୋଇ ଆପଣଙ୍କର ଏ ନୂଆ ମନ୍ଦିରକୁ ଆସିବେ। ଆଜିର ଆବଶ୍ୟକତା ଭବ୍ୟ ମନ୍ଦିର ତିଆରି କରିବାର ନାହିଁ, ଆବଶ୍ୟକତା ଅଛି ମନ୍ଦିର ପରିଚାଳନା କମିଟିକୁ ଭବ୍ୟ ଓ ଦିବ୍ୟ କରିବାର, ମନ୍ଦିରର ପୂଜକମାନଙ୍କର ଗୁଣ-କର୍ମ-ସ୍ୱଭାବକୁ ଭବ୍ୟ ଓ ଦିବ୍ୟ କରିବାର, ମନ୍ଦିରକୁ ଆସୁଥିବା ଲୋକଙ୍କୁ ଭବ୍ୟ ଓ ଦିବ୍ୟ କରିବାର। ତେଣୁ ଆଉ ଗୋଟିଏ ନୂଆ ଭବ୍ୟ ମନ୍ଦିର ତୋଳିବା ଅପେକ୍ଷା ବେଶି ଭଲ ହେବ ଏସବୁ ଲୋକଙ୍କ ମନ ମନ୍ଦିର, ହୃଦୟମନ୍ଦିରକୁ ଭବ୍ୟ ଓ ଦିବ୍ୟ କରିବାକୁ ପ୍ରଯତ୍ନ କରନ୍ତୁ। କାରଣ ଅଦିବ୍ୟ ଲୋକଙ୍କ ଯୋଗୁଁ ଧର୍ମାନୁଷ୍ଠାନଗୁଡ଼ିକ ଶୋଷଣ କେନ୍ଦ୍ର, ବ୍ୟାପାରିକ ପ୍ରତିଷ୍ଠାନରେ ପରିଣତ ହୋଇଗଲାଣି। ଯଥାର୍ଥ ଜ୍ଞାନ ଦ୍ୱାରା ବ୍ୟକ୍ତିର ଅନ୍ତଃକରଣ ସୁନ୍ଦର ହୁଏ। ଏଣୁ ଆପଣମାନେ ସତ୍ୟଜ୍ଞାନର ପ୍ରସାର କରନ୍ତୁ। ସେଥିପାଇଁ ବୈଦିକ ପୁସ୍ତକ ପଢ଼ନ୍ତୁ-ପଢ଼ାନ୍ତୁ,ବେଦ ପ୍ରବଚନର ଆୟୋଜନ କରନ୍ତୁ, ମନ୍ଦିର ତିଆରି ପାଇଁ ସଞ୍ଚିତ ଅର୍ଥରେ ବୈଦିକ ପ୍ରଚାର ପତ୍ର ଛପାଇ ବାଣ୍ଟନ୍ତୁ। ବେଦ ବିଦ୍ୟା ଦ୍ୱାରା ସଂସାରର ଅବିଦ୍ୟା ଦୂର ହେବ। ଏଣୁ ମନ୍ଦିର ତୋଳିବା ଅପେକ୍ଷା ବେଦର ପ୍ରଚାର-ପ୍ରସାର କରିବା ଅର୍ଥର ଯଥାର୍ଥ ବିନିଯୋଗ, ସବୁଠୁ ପୁଣ୍ୟ କର୍ମ, ଶୁଦ୍ଧ କର୍ମ।

ଈଶ୍ୱର ପ୍ରାପ୍ତିର ଉଚିତ କର୍ମର ଆଉ ଗୋଟିଏ ଭାଗ ହେଲା ଈଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବର ଅନୁକୂଳ କର୍ମ। ଆମେ ଈଶ୍ୱରଙ୍କୁ ପ୍ରାପ୍ତ କରିବାକୁ ଚାହୁଁଛେ, ତାଙ୍କ ସମୀପ୍ୟ ଅନୁଭବ କରିବାକୁ ଚାହୁଁଛେ। ନୀତିକାର କହିଛନ୍ତି— **'ସମାନଗୁଣ-ବ୍ୟସନେଙ୍କୁ ସଖ୍ୟମ୍'**— ଉଭୟଙ୍କ ଗୁଣ-କର୍ମ ସମାନ ହେଲେ ମିତ୍ରତା, ବନ୍ଧୁତା ହୁଏ। ଈଶ୍ୱର ପବିତ୍ର। ତେଣୁ ଈଶ୍ୱରଙ୍କୁ ପାଇବାକୁ ହେଲେ ଆମକୁ ପବିତ୍ର କର୍ମ କରିବାକୁ ପଡ଼ିବ। ଏପଟେ ବ୍ୟକ୍ତି ମୁହଁରେ କହୁଥିବ ଈଶ୍ୱର ପବିତ୍ର, ଆଉ ସେପଟେ ବିନା ଉତ୍କୋଚରେ ଫାଇଲ୍‌ରେ ଦସ୍ତଖତ କରୁନଥିବ, ଫାଇଲ୍ ଆଗକୁ ବଢ଼ଉନଥିବ। ସେ ବ୍ୟକ୍ତି ଈଶ୍ୱରଙ୍କୁ ପାଇବ କେମିତି ? ବ୍ୟକ୍ତି ଯଦି କଳାବଜାରୀ କରୁଛି, ଅପମିଶ୍ରଣ କରୁଛି, ବେଇମାନୀ କରୁଛି, ଶୋଷଣ-ଲୁଣ୍ଠନ କରୁଛି, ଅନୀତି-ଦୁର୍ନୀତିରେ ଲିପ୍ତ ଅଛି, ଅନ୍ୟକୁ ଖାଲରେ ପକାଇବା କାମରେ ସଂଲଗ୍ନ ଅଛି, ଦୋଷୀକୁ ଖସେଇ ଦେଇ ନିର୍ଦ୍ଦୋଷକୁ ଫସେଇ ଦେଉଛି, ସଜ ମାଛରେ ପୋକ ପକାଉଛି ତେବେ ସେ ଲୋକ କେବେ ବି ଈଶ୍ୱର ପ୍ରାପ୍ତି ଦିଗରେ ଗତି କରୁ ନାହିଁ। ଏସବୁ କର୍ମ ବ୍ୟକ୍ତିକୁ ଈଶ୍ୱରଙ୍କଠାରୁ ଦୂରେଇ ନିଏ। ଈଶ୍ୱର ପ୍ରାପ୍ତି ପାଇଁ ଏସବୁ ପ୍ରକାର କର୍ମ ପରିତ୍ୟାଗ କରିବା ଏକାନ୍ତ ଆବଶ୍ୟକ। ନ୍ୟାୟ-ଧର୍ମ ଆଧାରିତ କର୍ମ; ଯଥା — ସେବା, ପରୋପକାର, ବୃତ୍ତିଗତ ଜୀବନର ପବିତ୍ରତା, ସତ୍‌ସଙ୍ଗ, ଅଗ୍ନିହୋତ୍ର, ସତ୍ୟଧର୍ମର ପ୍ରଚାର, ସତ୍‌ପାତ୍ରରେ ଦାନ ଇତ୍ୟାଦି ଶୁଦ୍ଧ କର୍ମ।

**ପ୍ର.କ.** — ଆମ ଆଲୋଚନାରେ ଈଶ୍ୱର ପ୍ରାପ୍ତିର ତୃତୀୟ ସାଧନ ହେଲା ଶୁଦ୍ଧ ଉପାସନା। ଶୁଦ୍ଧ ଉପାସନା କ'ଣ ?

**ସ୍ୱାମୀଜୀ** — 'ଉପ' ମାନେ ସମୀପ। 'ଆସନା' ମାନେ ବସିବା, ଅବସ୍ଥାନ କରିବା। ଏଣୁ ଉପାସନାର ଅର୍ଥ ସମୀପରେ ବସିବା, ସମୀପସ୍ଥ ହେବା, ସମୀପ ସ୍ଥିତି।

ଭଗବାନ ତ ସବୁଠି ଅଛନ୍ତି। ତେଣୁ ଭଗବାନଙ୍କ ଉପାସନା ବା ଭଗବାନଙ୍କ ନିକଟବର୍ତ୍ତୀ ହେବା ପୁଣି କ'ଣ ?

ଭଗବାନ ଆମ ନିକଟରେ ଥିଲେ ବି ତାଙ୍କ ଗୁଣ କର୍ମ ସମ୍ବନ୍ଧୀୟ ଉଚିତ ବିଚାର ଅଭାବରୁ ଆମେ ତାଙ୍କ ସଚ୍ଚିଦାନନ୍ଦ ସ୍ୱରୂପକୁ ଅନୁଭବ କରିପାରୁନାହେଁ। ତେଣୁ ଈଶ୍ୱରଙ୍କ ଶୁଦ୍ଧ ଉପାସନା ହେଲା ଈଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବର ଯଥାର୍ଥ ବାରମ୍ବାର ଚିନ୍ତନ। ଅର୍ଥାତ୍ ଈଶ୍ୱର ସର୍ବବ୍ୟାପକ ଅଟନ୍ତି, ସବୁ ସ୍ଥାନରେ ସବୁ ସମୟରେ ବିଦ୍ୟମାନ। ଈଶ୍ୱର ସର୍ବଜ୍ଞ ଅଟନ୍ତି, ସଂସାରରେ ଯାହା ଯେଉଁଠି ଘଟୁଛି ତତ୍‌କ୍ଷଣାତ୍ ଜାଣୁଛନ୍ତି, କେବଳ ବାହାର କର୍ମ ନୁହେଁ ମନର ଭାବନାକୁ ମଧ୍ୟ ଜାଣୁଛନ୍ତି। ପରମାତ୍ମା ସର୍ବଶକ୍ତିମାନ୍ ଅଟନ୍ତି, ସଂସାରର ଉତ୍ପତ୍ତି-ପାଳନ-ପ୍ରଳୟ ଏସବୁ କାମ କରିବାକୁ ଏକୁଟିଆ ସମର୍ଥ। ଭଗବାନ ନିର୍ବିକାର ଅଟନ୍ତି, ସେ କେବେ ବି ଶିଶୁ, କିଶୋର, ଯୁବକ, ପ୍ରୌଢ଼, ବୃଦ୍ଧ ଇତ୍ୟାଦି ଅବସ୍ଥାକୁ ପ୍ରାପ୍ତ କରନ୍ତି ନାହିଁ। କେତେବେଳେ ଶୁଦ୍ଧ ତ ଆଉ କେତେବେଳେ ଅଶୁଦ୍ଧ, କେତେବେଳେ ଜ୍ଞାନୀ ତ ଆଉ କେତେବେଳେ ଅଜ୍ଞାନ, କେତେବେଳେ ମାୟାଗ୍ରସ୍ତ ତ କେତେବେଳେ ମାୟାମୁକ୍ତ ଏଭଳି ହୁଅନ୍ତି ନାହିଁ। ଆସନରେ ବସି ଈଶ୍ୱରଙ୍କ ଏଭଳି ସ୍ୱରୂପକୁ ଚିନ୍ତାକରିବା; ଓମ୍, ଗାୟତ୍ରୀ ମନ୍ତ୍ର ଆଦି ଈଶ୍ୱରଙ୍କ ଯଥାର୍ଥ ସ୍ୱରୂପ ବର୍ଣ୍ଣିତ ମନ୍ତ୍ରର ଅର୍ଥ ଚିନ୍ତନ ମାଧ୍ୟମରେ ଈଶ୍ୱରୀୟ ଯଥାର୍ଥ ଗୁଣକୁ ଚିନ୍ତା କରିବା ହେଲା ଶୁଦ୍ଧ ଉପାସନା।

**ପ୍ର.କ** — ସ୍ୱାମୀଜୀ! ମୁଁ ଭାବୁଛି ଆମ ପ୍ରଶ୍ନକର୍ତ୍ତା ଦର୍ଶକ ବନ୍ଧୁଜଣକ ଭଲଭାବେ ବୁଝିପାରିଥିବେ ଈଶ୍ୱର ପ୍ରାପ୍ତିର ଏ ତିନୋଟି ସାଧନ — ଶୁଦ୍ଧ ଜ୍ଞାନ, ଶୁଦ୍ଧ କର୍ମ ଓ ଶୁଦ୍ଧଉପାସନା ବିଷୟରେ। ଆପଣ ବୁଝାଇଲେ ଯେ ଈଶ୍ୱରପ୍ରାପ୍ତି ପାଇଁ ଆମକୁ ଈଶ୍ୱରଙ୍କ ସମ୍ବନ୍ଧୀୟ ଭ୍ରମାତ୍ମକ, ସଂଶୟାତ୍ମକ ଓ ଶାବ୍ଦିକ ଜ୍ଞାନ ପରିତ୍ୟାଗ କରି ନିର୍ଣ୍ଣୟାତ୍ମକ ଜ୍ଞାନ ବା ତତ୍ତ୍ୱଜ୍ଞାନର ଆଶ୍ରୟ ନେବାକୁ ହେବ। ଅଯଥା ଜଡ଼ ମୂର୍ତ୍ତିର ପୂଜାରେ ସମୟ ଓ ସାଧନ ନଷ୍ଟ ନ କରି, ଈଶ୍ୱରଙ୍କ ସନ୍ତାନ ଚେତନ ପ୍ରାଣୀଙ୍କ ସେବାରେ ନିୟୋଜିତ ହେବା ସହ ହତ୍ୟା-ମିଥ୍ୟା-ଅନୀତି-ଦୁର୍ନୀତି-ଭ୍ରଷ୍ଟାଚାର-ବ୍ୟଭିଚାର ଆଦିରୁ ଦୂରେଇ ରହିବାକୁ ହେବ। ତା'ସହ ପ୍ରତିଦିନ ସକାଳ-ସନ୍ଧ୍ୟାରେ ଈଶ୍ୱରଙ୍କ ଯଥାର୍ଥ ଗୁଣର ଚିନ୍ତନ ପୂର୍ବକ ଈଶ୍ୱରଙ୍କ ଉପାସନା କରିବାକୁ ହେବ।

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ଦାସ**

**ଗାୟତ୍ରୀ ପାଣିଗ୍ରାହୀ**

❖❖❖

# SHRUTI SOURABHA

**SHRUTINYASA, HIG-152, Phase-VII, PO- Sailashree Vihar, BBSR-21**

## MEMBERSHIP FORM

**(ALL SHOULD BE FILLED IN CAPITAL LETTER)**

NAME -
ADDRESS-
PO-
VIA- Dist - PIN-
Mob. No- Email -
Annual(₹100) ☐ Life (₹1000) ☐ Amount ____________
Date of Birth :
Received by :
Starting Issue : *Signature*

## କିଶୋର ଜୀବନ ସୌରଭ :

# ବିନମ୍ର ହୁଅ

**ସ୍ୱାମୀ ଜଗଦୀଶ୍ୱରାନନ୍ଦ ସରସ୍ୱତୀ**

ବେଦରେ ଆଦେଶ ଦିଆଯାଇଛି —

**ପର୍ଣ୍ଣାଲ୍ଲଘୀୟସୀ ଭବ ।**

(ଅଥର୍ବ.୧୦:୧:୨୯)

ହେ ମାନବ! ତୁମେ ପର୍ଣ୍ଣ ଅର୍ଥାତ୍ ପତ୍ରଠାରୁ ମଧ ହାଲୁକା ହୁଅ ଅର୍ଥାତ୍ ନମ୍ର ହୁଅ ।

ଯିଏ ନମ୍ର, ତାଙ୍କ ପାଖକୁ ସଦ୍‌ଗୁଣ ଏବଂ ସମ୍ପତ୍ତି ଆପେ ଆକର୍ଷିତ ହୋଇ ଆସିଥାଏ । ବିଷ୍ଣୁପୁରାଣ (୧:୧୧:୨୪)ରେ କୁହାଯାଇଛି —

**ସୁଶୀଲୋ ଭବ ଧର୍ମାତ୍ମା ମୈତ୍ରଃ ପ୍ରାଣିହିତେ ରତଃ ।**
**ନିମ୍ନଂ ୟଥାପଃ ପ୍ରବଣାଃ ପାତ୍ରମାୟନ୍ତି ସମ୍ପଦଃ ॥**

ହେ ମନୁଷ୍ୟ! ତୁମେ ସୁଶୀଳ, ପୁଣ୍ୟାତ୍ମା, ପ୍ରେମୀ ଏବଂ ସମସ୍ତ ପ୍ରାଣୀମାନଙ୍କର ହିତକାରୀ ହୁଅ, କାହିଁକିନା ଜଳ ଯେମିତି ତଳ ସ୍ଥାନକୁ ଆପେ ଆପେ ଗଡ଼ିଯାଏ, ସେହିପରି ସତ୍ ପାତ୍ର ଅର୍ଥାତ ବିନୟୀ ମନୁଷ୍ୟ ପାଖକୁ ସମସ୍ତ ସମ୍ପତ୍ତି ସ୍ୱୟଂ ଆସିଥାଏ ।

ଅଧିକାଂଶ ଲୋକ ଅଳ୍ପ ବିଦ୍ୟା ହାସଲ କରି ଅଭିମାନରେ ଭରି ଯାଆନ୍ତି । ବିଦ୍ୟା ପ୍ରାପ୍ତ କରି ଉଦ୍ଧତ ଓ ଅଭିମାନୀ ହୁଅ ନାହିଁ, ବରଂ ଶିଷ୍ଟ ଏବଂ ବିନମ୍ର ହୁଅ । ବିଦ୍ୟାରୁ ଅଭିମାନ ନୁହେଁ, ନମ୍ରତା ଆସିବା ଉଚିତ୍ । ଜଣେ ନୀତିକାର କେତେ ସୁନ୍ଦର କଥା କହିଛନ୍ତି —

**ବିଦ୍ୟା ଦଦାତି ବିନୟଂ, ବିନୟାଦ୍ୟାତି ପାତ୍ରତାମ୍ ।**
**ପାତ୍ରତ୍ୱାଦ୍ ଧନମାପ୍ନୋତି, ଧନାଦ୍ ଧର୍ମସ୍ତତଃ ସୁଖମ୍ ॥**

ବିଦ୍ୟାରୁ ବିନମ୍ରତା ଆସିଥାଏ,ବିନମ୍ରତାରୁ ପାତ୍ରତା ଅର୍ଥାତ୍ ଯୋଗ୍ୟତା ପ୍ରାପ୍ତ ହୋଇଥାଏ, ଯୋଗ୍ୟତାରୁ ଧନ ମିଳିଥାଏ, ଧନ ଦ୍ୱାରା ଧର୍ମକାର୍ଯ୍ୟ ଅନୁଷ୍ଠାନ ହୋଇଥାଏ ଏବଂ ସୁଖ ପ୍ରାପ୍ତି ହୋଇଥାଏ । ଯଦି ତୁମେ ସୁଖ, ଶାନ୍ତି ଏବଂ ଆନନ୍ଦ ଚାହୁଁଥାଅ ତେବେ ନମ୍ର ହୁଅ ।

ଯୁବକଗଣ! ଯେତେବେଳେ ତୁମମାନଙ୍କ ହୃଦୟରେ ଅଭିମାନର ଭାବ ଜାଗ୍ରତ ହେବାକୁ ଆରମ୍ଭ କରେ ସେତେବେଳେ ମହର୍ଷି ଦୟାନନ୍ଦ ଏବଂ ନ୍ୟୁଟନଙ୍କ ଜୀବନୀ ସ୍ମରଣ କର ।

ମହର୍ଷି ଦୟାନନ୍ଦ ଦାନାପୁରରେ ଅବସ୍ଥାନ କରୁଥିଲେ । ଦିନେ ଜଣେ ବ୍ୟକ୍ତି ସ୍ୱାମୀଜୀଙ୍କୁ କହିଲା, 'ସ୍ୱାମୀଜୀ! ଆପଣ ତ ଋଷି ଅଟନ୍ତି ।' ସ୍ୱାମୀଜୀ ଉତ୍ତର ଦେଲେ, 'ଆଜି ଋଷିମାନଙ୍କ ଅଭାବରେ ଆପଣ ମୋତେ ଯାହା ବି କହିପାରନ୍ତି । ଯଦି ମୁଁ ଗୌତମ, କପିଳ, କଣାଦାଦି ଋଷିଙ୍କ ଯୁଗରେ ଜନ୍ମ ହୋଇଥାଆନ୍ତି ତେବେ ମୋର ଗଣନା ସାଧାରଣ ବିଦ୍ୱାନମାନଙ୍କ ମଧ୍ୟରେ ବି କଠିନ ହୋଇଥାଆନ୍ତା ।' ବେଦର ଅଦ୍‌ଭୁତ ବିଦ୍ୱାନଙ୍କର ଏ କେତେ ବିନମ୍ରତା!

ନିଉଟନଙ୍କ ନାମ ତୁମେମାନେ ନିଶ୍ଚୟ ଶୁଣିଥିବ । ସଂସାରରେ ସର୍ବବିଦିତ ଯେ ପ୍ରକୃତିର ଗମ୍ଭୀର ଅଧ୍ୟୟନ କରି ସେ ମାଧ୍ୟାକର୍ଷଣ ସିଦ୍ଧାନ୍ତ (The law of gravitation) ଆବିଷ୍କାର କରିଥିଲେ । ନିଉଟନଙ୍କ ବିଦ୍ୟା ଓ ବୁଦ୍ଧି ପାଇଁ ସାରା ଇଂଲଣ୍ଡ ଗର୍ବିତ ଥିଲା । କିନ୍ତୁ ସ୍ୱୟଂ ନିଉଟନଙ୍କର ନିଜ ବିଦ୍ୟା, ବୁଦ୍ଧିକୁ ନେଇ କୌଣସି ଗର୍ବ ନଥିଲା କି କିଛି ଅହଂକାର ନଥିଲା । ଦିନେ ଜଣେ ମହିଳା ନିଉଟନଙ୍କ ସହିତ ଦେଖା କରିବାକୁ ଆସିଲେ ଏବଂ ତାଙ୍କର ବିଦ୍ୟା, ବୁଦ୍ଧି ଏବଂ ଯୋଗ୍ୟତାର ପ୍ରଶଂସା କରିବାକୁ ଲାଗିଲେ । ନିଜ ପ୍ରଶଂସା ଶୁଣି ନିଉଟନ ଉଲ୍ଲସିତ ହୋଇ ଉଠିନଥିଲେ । ସେ କହିଲେ—

Alas! I am only like a child picking up pebbles on the shore of the giant ocean of truth.

ମୁଁ ସେହି ଛୋଟ ପିଲାଟିଏ ପରି ଯିଏ କି ସତ୍ୟର ବିଶାଳ ସମୁଦ୍ର କୂଳରେ ବସି କେବଳ ବାଲିଗରଡ଼ା ଗୋଟାଉଛି ।

ଥରେ ମହାତ୍ମା ଗାନ୍ଧୀ ଗୋଟିଏ ସ୍ଥାନରେ ବକ୍ତୃତା ଦେବାକୁ ଯାଇଥିଲେ । ସେ ଅତି ସାଧାରଣ ବେଶରେ ଥିଲେ । ଲୋକମାନେ ସେଠାରେ ତାଙ୍କୁ ଚିହ୍ନିନପାରି ପରିବା କାଟିବା ଏବଂ ପାଣି ଆଣିବାକୁ ଆଦେଶ ଦେଇଥିଲେ । ସେ ମଧ୍ୟ ସେହି କାର୍ଯ୍ୟକୁ ପ୍ରସନ୍ନତା ପୂର୍ବକ କରିଥିଲେ ।

ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଜଣେ ଯୁବକଙ୍କ କହିବା ଅନୁସାରେ ତା'ର ଟ୍ରଙ୍କ ବହନ କରି ତାଙ୍କ ସାଙ୍ଗରେ ଚାଲିଥିଲେ । ଏହିପରି ଯଦି ଆମେ ଅନ୍ୟ ମହାପୁରୁଷଙ୍କ ଜୀବନକୁ ଦେଖିବା ତେବେ ଜାଣିପାରିବା ଯେ ମହାପୁରୁଷମାନେ କେତେ ନମ୍ର । ସେମାନଙ୍କର ଜୀବନରୁ ଶିକ୍ଷା ନେଇ ଆମେ ମଧ୍ୟ ନମ୍ର ହେବା ।

ଦେଖ ! ସମୁଦ୍ରରେ ଅନେକ ନଦୀ ଆସି ମିଶିଛନ୍ତି । କିନ୍ତୁ ସମୁଦ୍ର ଶାନ୍ତ ରହିଥାଏ, ସେଥିରେ ବଢ଼ି ଆସେ ନାହିଁ । ତୁମେ ମଧ୍ୟ ଗମ୍ଭୀର ଏବଂ ନମ୍ର ହୁଅ । ବିଦ୍ୟା, ଧନ, ବୈଭବ, ଉଚ୍ଚ ପଦବୀ, ମାନ ଏବଂ ସମ୍ମାନ ପାଇ ଗର୍ବ କରନାହିଁ, ନିଜର ମର୍ଯ୍ୟାଦା ଉଲ୍ଲଙ୍ଘନ କରନାହିଁ ।

ଯିଏ ନମ୍ର, ତାହାର କାହାରିକୁ ଭୟ ନଥାଏ କିମ୍ବା ତା'ର ପତନର ଚିନ୍ତା ନଥାଏ । ତାହାର ସର୍ବତ୍ର ଆଦର ହୋଇଥାଏ । ଯିଏ ଅଭିମାନୀ ହୋଇଥାଏ ତାହାର ସର୍ବତ୍ର ତିରସ୍କାର ହୋଇଥାଏ । ଜଣେ ବ୍ୟକ୍ତି ଫୁଟବଲ୍‌କୁ ପଚାରିଲା, 'ତୁ ଯାହା ପାଦ ପାଖକୁ ଯାଉଛୁ, ସେ ତୋତେ ଗୋଇଠା ମାରୁଛି । ଏହା ପଛରେ କ'ଣ କାରଣ ଅଛି ?' ଫୁଟ୍‌ବଲ୍ କହିଲା, 'ମୋ' ପେଟରେ ଅଭିମାନର ପବନ ଭରି ହୋଇ ରହିଛି । ଏଥିପାଇଁ ଲୋକମାନେ ମୋତେ ଗୋଇଠା ମାରୁଛନ୍ତି ।' ଯଦି ତୁମେ ଚାହୁଁଛ ଯେ ଲୋକେ ତୁମକୁ ତିରସ୍କାର ନ କରି ଆଦର ସମ୍ମାନ କରନ୍ତୁ, ତେବେ ବିନମ୍ର ହୁଅ ।

ନମ୍ରତା ମାନବ ଜୀବନର ଭୂଷଣ । ନମ୍ରତା ଦ୍ୱାରା ମନୁଷ୍ୟର ଗୁଣ ସୁବାସିତ ଏବଂ ସୁଶୋଭିତ ହୋଇଉଠେ । ନମ୍ରତା ବିଦ୍ୱାନଙ୍କର ବିଦ୍‌ବତ୍ତାକୁ, ଧନବାନ୍‌ର ଧନକୁ, ବଳବାନ୍‌ର ବଳକୁ, ରୂପବାନ୍‌ର ରୂପକୁ ଅଧିକ ସୁନ୍ଦର କରିଥାଏ । ପ୍ରକୃତ ବଡ଼ପଣିଆ ଏବଂ ସଭ୍ୟତା ନମ୍ରତାରେ ହିଁ ଥାଏ ।

ଥରେ ଫ୍ରାନ୍ସର ରାଜା ହେନେରୀ ଚତୁର୍ଥ ନିଜ ଅଧିକାରୀମାନଙ୍କ ସହିତ କେଉଁଆଡ଼େ ଯାଉଥିଲେ । ମାର୍ଗରେ ଗୋଟିଏ ଭିକ୍ଷୁକ ନିଜର ଟୋପି ଖୋଲି ମୁଣ୍ଡ ନୁଆଇଁ ରାଜାଙ୍କୁ ଅଭିବାଦନ କଲା । ମହାରାଜା ମଧ୍ୟ ସେହିପରି ଉତ୍ତର ଦେଲେ । ଏହା ଦେଖି ଜଣେ ଅଧିକାରୀ ପଚାରିଲେ, 'ମହାରାଜ ! କ'ଣ ଜଣେ ଭିକାରୀକୁ ଆପଣ ଏପରି ଅଭିବାଦନ ଜଣାଇବା ଉଚିତ୍ ହେଲା ?' ହେନେରୀ ମହୋଦୟ କହିଲେ– 'ସଭ୍ୟତା ମିଥ୍ୟା ଅଭିମାନରେ ନଥାଏ, ନମ୍ରତାରେ ହିଁ ଥାଏ । ମୋତେ ଜଣେ ଭିକ୍ଷୁକ ଏତିକି ନମ୍ର ତ ହେବା ଉଚିତ୍ ।' ଆମେ ମଧ୍ୟ ଏହି ଘଟଣାରୁ ଶିଖିବା ଉଚିତ । ଆମେ କାହାକୁ ଛୋଟ ବୋଲି ଭାବିବାନି । ଯେତେବେଳେ ଅନ୍ୟ ସହିତ ଦେଖାହେବ ସେତେବେଳେ ଯୋଡ଼ହସ୍ତରେ ନମସ୍ତେ କହିବା ଉଚିତ ।

**ଉତ୍ତାନହସ୍ତା ନମସୋପ ସଦ୍ୟ ।**

(ଯଜୁଃ. ୧୮:୭୫)

ଯଦି ସଂସାରରେ ଉନ୍ନତି କରିବାକୁ ଚାହୁଁଛ, ମାନ-ସମ୍ମାନ ଚାହୁଁଛ, ତେବେ ବିନମ୍ର ହୁଅ ।

ଭାଷାନ୍ତର

**ଡଃ. ବସନ୍ତ କୁମାର ଦାସ**

❖❖❖

**ସିଦ୍ଧାନ୍ତ ଚର୍ଚ୍ଚା :**

# ନିରୀଶ୍ୱରବାଦ

**ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ**

ନିରୀଶ୍ୱରବାଦ କ'ଣ ? ଈଶ୍ୱରବାଦର ଖଣ୍ଡନ ! ନିରୀଶ୍ୱରବାଦୀ କ'ଣ ଚାହେଁ ? ତା'ର ଉଦ୍ଦେଶ୍ୟ ହେଉଛି ମାନବ ଜାତିକୁ ଈଶ୍ୱରବାଦର ଦାସତ୍ୱରୁ ମୁକ୍ତ କରିବା । ସେ ମନେକରେ ଯେ ମନୁଷ୍ୟ ଜାତି ଈଶ୍ୱର ନାମକ ଏକ କାଳ୍ପନିକ ସତ୍ତା ଉପରେ ବିଶ୍ୱାସ ରଖିଛି । ଏହି ବିଶ୍ୱାସ ଅନେକ ପ୍ରକାର ଭ୍ରାନ୍ତି ସୃଷ୍ଟି କରିଥାଏ । ସମାଜ ଏସବୁ ଭ୍ରାନ୍ତିରେ ପଡ଼ି ନିଜର ଉନ୍ନତି, ବିକାଶ ତଥା ନିଜର ଆନନ୍ଦ ପ୍ରାପ୍ତିର ସାଧନଗୁଡ଼ିକୁ ଭୁଲି ମିଥ୍ୟା ମୃଗ-ତୃଷ୍ଣା ପଛରେ ଦୌଡୁଛି । ଏଣୁ ଯଦି ମନୁଷ୍ୟ ଈଶ୍ୱରଙ୍କୁ ମାନିବା ଛାଡ଼ି ନିଜର ଉନ୍ନତିରେ ଲାଗେ ତେବେ ସଂସାରର ଅଧିକ କଲ୍ୟାଣ ହେବ ।

ମୁଁ ଭାବୁଛି ଯେ ନିରୀଶ୍ୱରବାଦର ଉଦ୍ଦେଶ୍ୟକୁ ଏଠାରେ ସଂକ୍ଷେପରେ ଉଲ୍ଲେଖ କଲି, ଏହା ପ୍ରତ୍ୟେକ ନିରୀଶ୍ୱରବାଦୀଙ୍କୁ ସ୍ୱୀକାର୍ଯ୍ୟ ହେବ ।

ନିରୀଶ୍ୱରବାଦ ଶବ୍ଦ ହିଁ ପ୍ରକଟ କରେ ଯେ ନିରୀଶ୍ୱରବାଦ ଈଶ୍ୱରବାଦ ଅପେକ୍ଷା ନବୀନ । ଯଦି ନିରୀଶ୍ୱରବାଦୀଙ୍କ ଭାଷାରେ କୁହାଯାଏ ତେବେ ଏହା ଉଚିତ ହେବ ଯେ ଆମେ ଈଶ୍ୱର-ବିଶ୍ୱାସକୁ ରୋଗ ଓ ନିରୀଶ୍ୱରବାଦକୁ ସେହି ରୋଗର ଉପଚାର କହିପାରିବା । ଉପଚାର ଠାରୁ ରୋଗ ପୁରୁଣା ହୋଇଥାଏ, ଅତଃ ଏହା ନିଃସନ୍ଦେହ ରୂପେ ଠିକ୍ ଯେ ଈଶ୍ୱରବାଦ ପ୍ରାଚୀନ ବା ପୁରାତନ ଏବଂ ନିରୀଶ୍ୱରବାଦ ନୂତନ ।

ବର୍ତ୍ତମାନ ଦେଖାଯାଉ ଯେ ଈଶ୍ୱରବାଦର ରୋଗ କେଉଁଠାରୁ ଆରମ୍ଭ ହେଲା ? କ'ଣ ମନୁଷ୍ୟ ସ୍ୱଭାବତଃ ନିରୀଶ୍ୱରବାଦୀ ଉତ୍ପନ୍ନ ହୋଇଥିଲା ? ଋଗ୍‌ବେଦରେ ଏକ ମନ୍ତ୍ର ରହିଛି—

**ଅଗ୍ନିଃ ପୂର୍ବେଭିଃ ଋଷିଭିରୀଡ୍ୟୋ ନୂତନୈରୁତ ।**
**ସେ ଦେବାଁ ଏହ ବକ୍ଷତି ॥** (ଋକ୍. ୧:୧:୨)

ଅର୍ଥାତ୍ ପ୍ରାଚୀନ-ନୂତନ ସମସ୍ତ ଋଷି ଈଶ୍ୱରଙ୍କୁ ପୂଜା କରିଆସିଛନ୍ତି । ସେହି ଈଶ୍ୱର ଦେବତାମାନଙ୍କୁ ହିଁ ଏହି ସଂସାରରେ ପ୍ରାପ୍ତ ହୋଇପାରନ୍ତି ।

ଏଠାରେ ଏହା କୁହାଯାଇଛି କି ଯେଉଁମାନେ ଋଷି ଥିଲେ, ଜ୍ଞାନୀ ଥିଲେ ସେମାନେ ନୂତନ ହୁଅନ୍ତୁ କି ପ୍ରାଚୀନ, ସମସ୍ତେ ଈଶ୍ୱରଙ୍କୁ ମାନିଆସିଛନ୍ତି । ଏବଂ ଯେଉଁମାନେ ବିଦ୍ୱାନ୍ ଅଟନ୍ତି ସେମାନଙ୍କୁ ଏହି ସଂସାରରେ ଈଶ୍ୱରଙ୍କ ପ୍ରତୀତି ସ୍ୱଭାବତଃ ହୋଇଯାଏ । ଉପନିଷଦରେ କୁହାଯାଇଛି—

**ତ୍ୱମେବ ପ୍ରତ୍ୟକ୍ଷମ୍ ।** ହେ ପ୍ରଭୋ, ତୁମେ ହିଁ ପ୍ରତ୍ୟକ୍ଷ ଅଟ ।

**ପ୍ରତ୍ୟକ୍ଷେ କିଂ ପ୍ରମାଣମ୍ ।** ଯେଉଁ ବସ୍ତୁ ପ୍ରତ୍ୟକ୍ଷ ରୂପେ ଦୃଶ୍ୟମାନ, ତା'ର ଅସ୍ତିତ୍ୱ ପାଇଁ ଆଉ ଅନ୍ୟ ପ୍ରମାଣ କ'ଣ ଆବଶ୍ୟକ ? ହଁ, ଯଦି କେହି କହେ କି ପ୍ରତ୍ୟକ୍ଷ ହୋଇଥିଲେ ବି ଅମୁକ ବସ୍ତୁର ପ୍ରତୀତି ଅତଥ୍ୟ ଅଟେ, ତେବେ ଏହାର ଅତଥ୍ୟତା ପାଇଁ ପ୍ରମାଣ ଆବଶ୍ୟକ । ଅତଃ ଈଶ୍ୱରଙ୍କର ଅସ୍ତିତ୍ୱ ପାଇଁ ପ୍ରମାଣର ଆବଶ୍ୟକତା ନାହିଁ । ନିରୀଶ୍ୱରବାଦୀତା ପାଇଁ ପ୍ରମାଣ ଆବଶ୍ୟକ ଏବଂ ସେ ପ୍ରମାଣସବୁର ପରୀକ୍ଷା ବି ଆବଶ୍ୟକ ହେବ । କିନ୍ତୁ କ'ଣ ସମସ୍ତଙ୍କୁ ଈଶ୍ୱର ପ୍ରତ୍ୟକ୍ଷ ହୋଇଥାନ୍ତି ? ଯଦି ଏପରି ହୁଅନ୍ତା, ତେବେ ଈଶ୍ୱର ପ୍ରାପ୍ତି ପାଇଁ ପରିଶ୍ରମ କିମ୍ବା ପ୍ରଶିକ୍ଷଣ ଆବଶ୍ୟକ ପଡ଼ନ୍ତା ନାହିଁ । ଯେମିତିକି ତୁମର ଦୁଇଟି ଆଖି ଅଛି ଓ ତୁମେ ଦାନ୍ତରେ ଚୋବାଇ ଖାଦ୍ୟ ଖାଅ । ଏକଥା ବୁଝାଇବା ପାଇଁ କାହାକୁ ଶିକ୍ଷଣାଳୟ କିମ୍ବା ଉପଦେଶର ଆବଶ୍ୟକତା ନାହିଁ ।

କବିମାନେ ତ ନିଜର କାବ୍ୟରେ ଏପରି ଚିତ୍ରଣ କରିଛନ୍ତି ଯେ ମନୁଷ୍ୟ କ'ଣ ପଶୁ-ପକ୍ଷୀ ବି ଈଶ୍ୱରଙ୍କ ଗୁଣଗାନ କରନ୍ତି । କୋଇଲି ଯେତେବେଳେ କୁହୁତାନ କରେ କବି କହନ୍ତି - ଇଏ ମୋର ପ୍ରଭୁଙ୍କର ହିଁ ସ୍ତୁତି କରୁଛି । ଋଗ୍‌ବେଦର ଏକ ମନ୍ତ୍ରରେ ତ ଏ ପର୍ଯ୍ୟନ୍ତ କୁହାଯାଇଛି କି ବର୍ଷା ଋତୁରେ ବେଙ୍ଗମାନେ ଯେଉଁ ରଡ଼ି କରନ୍ତି ସତେ ଯେପରି ସେମାନେ ବ୍ରହ୍ମଚାରୀମାନଙ୍କ ସଦୃଶ ବେଦପାଠ କରୁଛନ୍ତି । ଏହା ଏକ ମନୋବୈଜ୍ଞାନିକ ତଥ୍ୟ କି ସଂସାର ଯେପରି ମୋତେ ପ୍ରତୀତ ହୁଏ, ମୁଁ ବିଚାରେ ଯେ ସମସ୍ତଙ୍କୁ ସେପରି ହିଁ ପ୍ରତୀତ ହେଉଥିବ । ଯେଉଁ କପାକୁ ମୁଁ ଧଳା ଦେଖେ ମୋର ବୁଝିବାରେ ମୋର କୁକୁର ବି ତାକୁ ଧଳା ଭାବିଥାଏ ; କିନ୍ତୁ ପ୍ରାୟ ଏହି ନିୟମ ସର୍ବତନ୍ତ୍ର ନୁହେଁ । ଯେଉଁ ବସ୍ତୁ ମୋତେ ଅତ୍ୟନ୍ତ ଘୃଣିତ ପ୍ରତୀତ ହୁଏ ଘୁଷୁରୀ ଜାତି ତାହାକୁ ଅତି ଶ୍ରଦ୍ଧାରେ ଖାଆନ୍ତି । ଅତଃ ଈଶ୍ୱରଭକ୍ତମାନଙ୍କ ଏହି ଚିନ୍ତନ କି ସଂସାରର ସମସ୍ତ ପଶୁ-ପକ୍ଷୀ ତାଙ୍କର ଉପାସ୍ୟ ଇଷ୍ଟଦେବଙ୍କର ପୂଜା କରନ୍ତି, ଉଚିତ ପ୍ରତୀତ ହୁଏ ନାହିଁ ।

ଏଣୁ ବେଦର ପୂର୍ବୋକ୍ତ ମନ୍ତ୍ରରେ 'ଋଷି' ଓ 'ଦେବ' ଦୁଇଟି ଶବ୍ଦ ପଢ଼ାଯାଇଛି । ଯେଉଁଥିରୁ ପ୍ରକଟ ହୁଏ କି ଈଶ୍ୱରଙ୍କର ପ୍ରତ୍ୟକ୍ଷ ବା ପ୍ରାପ୍ତି କେବଳ ଋଷି ଓ ଜ୍ଞାନୀମାନଙ୍କୁ ହିଁ ହୁଏ । ଅନ୍ୟମାନଙ୍କୁ ଶିକ୍ଷା ଓ ଉପଦେଶ ଦ୍ୱାରା ବୁଝାଇବାକୁ ହେବ କି ଈଶ୍ୱର ଅଛନ୍ତି ଓ ଈଶ୍ୱର ଏପରି ଅଟନ୍ତି ତଥା ଈଶ୍ୱର-ପ୍ରାପ୍ତି ଏହିପରି ହୋଇପାରେ ।

ଶିଶୁ ଓ ସାଧାରଣ ମନୁଷ୍ୟଙ୍କର ପ୍ରକୃତି ଉପରେ ଦୃଷ୍ଟିପାତ କରନ୍ତୁ । ପ୍ରାୟତଃ ଅଧିକାଂଶ ତ କେବଳ ଖାଇବା-ପିଇବାରେ ହିଁ ବୁଡ଼ି ରହିଥାନ୍ତି । ଥରେ ପେଟ ପୂରିବା ପରେ ପରବର୍ତ୍ତୀ ଭୋଜନ ପାଇଁ ଚିନ୍ତା ତ ରହେ, ତା'ଠାରୁ ଅଧିକ ନୁହେଁ ।

ମନୁଷ୍ୟ ସର୍ବଦା ଏହି ଅବସ୍ଥାରେ ରହେ ନାହିଁ । ସେ ମନୁଷ୍ୟ ଅଟେ ଏବଂ ପ୍ରଥମରୁ ହିଁ ମନୁଷ୍ୟ ହୋଇ ରହିଛି ଅର୍ଥାତ୍ କିଛି ନା କିଛି ବିଚାର କରୁଥାଏ । ଯଦି କେହି ଉଚ୍ଚ ଶିକ୍ଷା ଦେବା ବ୍ୟକ୍ତି ବି ନ ରହନ୍ତି ତଥାପି ମଧ୍ୟ ସେ ବିଚାର କରେ ଯେ ମୁଁ କ'ଣ ଅଟେ, ମୋର ଶକ୍ତି କ'ଣ ? ବିଶେଷ କରି ଏପରି କେଉଁ ଶକ୍ତି ଅଛି ଯାହା ମୋର ଶକ୍ତିର ପ୍ରତିରୋଧ କରେ । ଇଂରାଜୀରେ ଏକ ଲୋକୋକ୍ତି ରହିଛି-"Man proposes and God disposes."

ଅର୍ଥାତ୍ ମନୁଷ୍ୟଠାରୁ ଊର୍ଦ୍ଧ୍ୱରେ କୌଣସି ଶକ୍ତି ରହିଛି ଯିଏ ତା'ର ଇଚ୍ଛାର ପ୍ରତିରୋଧ କରେ । ଯେତେକ ନିରୀଶ୍ୱରବାଦୀ ରହିଛନ୍ତି ସେମାନେ ବି ଏହି କଥାକୁ ଅଗ୍ରାହ୍ୟ କରନ୍ତି ନାହିଁ କି ମନୁଷ୍ୟ ଶକ୍ତିଶାଳୀ ହୋଇଥିଲେ ବି ସୀମିତ ଶକ୍ତି ସମ୍ପନ୍ନ ଅଟେ ଏବଂ ସେହି ଶକ୍ତିଠାରୁ ଅଧିକ ବଳଶାଳୀ କୌଣସି ଶକ୍ତି ବି ରହିଛି ।

ଏଠାରେ ପ୍ରଶ୍ନ ଉଠେ ଯେ ସେହି ଶକ୍ତି କ'ଣ ? ଯେଉଁମାନେ ଈଶ୍ୱରଙ୍କୁ ମାନିଥାନ୍ତି, ସେମାନେ ସେହି ଶକ୍ତିର ଅନେକ ରୂପ ମାନିଥାନ୍ତି । ସେ ଭିତରୁ କିଛି ତ ଏପରି ରହିଛି ଯେଉଁସବୁ ସୃଷ୍ଟିର ଗବେଷଣା ପରେ ପ୍ରାପ୍ତ ହୋଇଛି ଏବଂ କେତେକ କାଳ୍ପନିକ ଅଟେ । ଯେପରିକି ପୌରାଣିକ ଲୋକେ ମହାଦେବଙ୍କୁ ପରମେଶ୍ୱର ବୋଲି କହନ୍ତି । ଯଦି ଏତିକି ହିଁ ମାନିନିଆଯାଏ କି ସୃଷ୍ଟି ଭିତରେ କୌଣସି ଏପରି ସତ୍ତା ରହିଛି ଯିଏ ସମସ୍ତ ମନୁଷ୍ୟଙ୍କ ଶକ୍ତିଠାରୁ ଅଧିକ ଶକ୍ତିଶାଳୀ ଏବଂ ତାହାକୁ ପରମେଶ୍ୱର କହିବା ଉଚିତ, ତେବେ ସମ୍ଭବତଃ ନିରୀଶ୍ୱରବାଦର ଆବଶ୍ୟକତା ପଡ଼େ ନାହିଁ । ହକ୍ସଲେ ଆଦି ବୈଜ୍ଞାନିକ ଏବଂ ଏଞ୍ଜେଲସ୍ ଆଦି କମ୍ୟୁନିଷ୍ଟମାନେ, ଯେଉଁମାନେ କି ପ୍ରସିଦ୍ଧ ନିରୀଶ୍ୱରବାଦୀ ଅଟନ୍ତ, ଏପରି କୌଣସି ସତ୍ତାକୁ ମାନିଛନ୍ତି । ସେମାନେ ସୃଷ୍ଟି-ନିୟମ (Law of Nature)ର ଗୁରୁତ୍ୱକୁ ତ ଅସ୍ୱୀକାର କରନ୍ତି ନାହିଁ । କିନ୍ତୁ ଯଦି ଏହି ମହାଦେବ ପରମେଶ୍ୱରଙ୍କୁ ପାର୍ବତୀଙ୍କ ପତି ଓ ଡମ୍ବରୁଧାରୀ ଆଦି ରୂପେ ମାନି ନିଆଯାଏ ତେବେ ଶଙ୍କା ହୋଇପାରେ । ସେହିପରି ଯଦି ଈଶ୍ୱରଙ୍କୁ ଏକମାତ୍ର ପୁତ୍ର ଯୀଶୁଙ୍କ ପିତା ବୋଲି ମାନି ନିଆଯାଏ, ତେବେ ଜଣେ ବୁଦ୍ଧିମାନର ହୃଦୟରେ ଅନେକ ଶଙ୍କା ଉତ୍ପନ୍ନ ହୋଇପାରେ । ପୁଣି ଯେତେବେଳେ ଆମେ ଦେଖୁ କି ଏପରି କଳ୍ପନାଗୁଡ଼ିକ କେବଳ କବିତା ପର୍ଯ୍ୟନ୍ତ ସୀମିତ ନୁହନ୍ତି, ସେସବୁ ଅନେକ ମତ-ମତାନ୍ତରର ଜଞ୍ଜାଳକୁ ଜନ୍ମ ଦେଇଛନ୍ତି ଏବଂ ମନୁଷ୍ୟ ଜାତିର ଅଧିକାଂଶ ଭାଗ ଦିବାରାତ୍ର ଘଣ୍ଟି ହଲାଇବା, ମନ୍ଦିର

ତିଆରି କରିବା କାମରେ ଲାଗି ରହିଛନ୍ତି ଏବଂ ପଣ୍ଡା, ପୂଜାରୀ, ପୁରୋହିତ, ପାଦ୍ରୀ, ମୁଲ୍ଲା, ମୌଲବୀଙ୍କ ଅନେକ ପ୍ରକାର ଦାସତାରେ ଛନ୍ଦି ହୋଇ ରହିଛନ୍ତି ସେତେବେଳେ ତାଦ୍ୱାରା ଘୃଣା ଓ ନିରୀଶ୍ୱରବାଦ ପାଇଁ ପ୍ରେରଣା ହୋଇପାରେ । ତତ୍ ସଙ୍ଗେ-ସଙ୍ଗେ ଈଶ୍ୱର-ବିଶ୍ୱାସ ନୈସର୍ଗିକ ତଥା ସର୍ବଦା ସତ୍ୟ ହୋଇଥିଲେ ସୁଦ୍ଧା ନିରୀଶ୍ୱରବାଦ ପାଇଁ ଉପଯୁକ୍ତ କ୍ଷେତ୍ର ପ୍ରାପ୍ତ ହୋଇପାରେ । ଅନ୍ନ କେତେ ବି ଜରୁରୀ ହେଉ ନା କାହିଁକି ଯେତେବେଳେ ସେହି ଅନ୍ନରୁ ରୋଗ ଉତ୍ପନ୍ନ ହୁଏ ସେତେବେଳେ ବୈଦ୍ୟ ତାକୁ ଛାଡିବା ପାଇଁ ନିଶ୍ଚିତ ରୂପେ ପରାମର୍ଶ ଦେବେ ।

ଏହି କାରଣରୁ ହିଁ ପ୍ରତ୍ୟେକ ଈଶ୍ୱରବାଦ ବିରୋଧରେ ହୁଏତ ନିରୀଶ୍ୱରବାଦ ଉତ୍ପନ୍ନ ହୋଇଛି କିମ୍ବା ଅନ୍ୟ ପ୍ରକାର ଈଶ୍ୱରବାଦ ନୂଆ-ନୂଆ ମତ ରୂପେ ପ୍ରକଟ ହୋଇଆସିଛି ।

ଋଷି ଦୟାନନ୍ଦ ଆର୍ଯ୍ୟସମାଜର ପ୍ରଥମ ଦୁଇ ନିୟମରେ ଈଶ୍ୱରଙ୍କର ଯେଉଁ ଗୁଣ, କର୍ମ ଓ ସ୍ୱଭାବର ନିରୂପଣ କରିଛନ୍ତି ତାକୁ ଯଦି ପ୍ରଚଳିତ ଧର୍ମର କାହାଣୀ ଓ ଭ୍ରାନ୍ତିଯୁକ୍ତ କଳ୍ପନାର ବାତାବରଣରୁ ଦୂରରେ ରଖି ଦେଖାଯାଏ ତେବେ ନିରୀଶ୍ୱରବାଦୀମାନଙ୍କୁ ଅଧିକ କହିବାକୁ ସୁଯୋଗ ମିଳିପାରେ ନାହିଁ, କିନ୍ତୁ ୟୁରୋପର ଜଣେ ନାସ୍ତିକ ଯେତେବେଳେ ଈଶ୍ୱରଙ୍କର ନାମକୁ ଶୁଣିଥାଏ ସେତେବେଳେ ତା' ଭିତରେ ସେ ସମସ୍ତ ସଂସ୍କାର ଜାଗ୍ରତ ହୋଇଉଠେ ଯାହା ବାଇବେଲର ପୁରାତନ ଓ ନୂତନ ନିୟମ ଗ୍ରନ୍ଥରେ ଲେଖାଅଛି । ସେହିପରି ଭାରତରେ ଶିବ ବା ବିଷ୍ଣୁଙ୍କ ନାମ ଶୁଣିବା ମାତ୍ରେ ପୌରାଣିକ କାହାଣୀଗୁଡ଼ିକ ମନକୁ ଆସିଯାଆନ୍ତି ଏବଂ ନିରୀଶ୍ୱରବାଦ ସେସବୁର ଖଣ୍ଡନରେ ସଂଲଗ୍ନ ହୋଇଯାଏ ।

ନିରୀଶ୍ୱରବାଦ ସେ ସମୟ ପର୍ଯ୍ୟନ୍ତ ତ ରହିବ ଯେତେବେଳ ପର୍ଯ୍ୟନ୍ତ ଈଶ୍ୱରବାଦ ରୋଗ ହୋଇ ରହିଥିବ ଓ ଲୋକେ ସେଥିରେ ଆକ୍ରାନ୍ତ ହୋଇ ରହିଥିବେ । ଋଷି ଦୟାନନ୍ଦ ଏଥିପାଇଁ ମତ-ମତାନ୍ତରଗୁଡ଼ିକୁ ମଦୁଆଲା କହନ୍ତି । ଯଦି ଏହି ନିଶାକୁ ହଟେଇ ଦିଆଯାଏ, ତେବେ ନିରୀଶ୍ୱରବାଦ ପାଇଁ ନିଶ୍ଚିତ ରୂପେ ସ୍ଥାନ ମିଳିବ ନାହିଁ ।

ଏହା କିପରି ହେବ ? ଏଥିପାଇଁ ସତ୍ୟାର୍ଥପ୍ରକାଶ ପଢ଼ନ୍ତୁ । ଏ ଛୋଟ ନିବନ୍ଧରେ ତ ଅବକାଶ ନାହିଁ ଅଧିକ କହିବା ପାଇଁ ।

ଭାଷାନ୍ତର
**ପଦ୍ମନାଭ ସ୍ୱାଇଁ**

❖❖❖

**ଶେଷ ପୃଷ୍ଠାର ଅବଶିଷ୍ଟାଂଶ**

**ବାଲେଶ୍ୱର ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ନିରଞ୍ଜନ ମହାନ୍ତି
ସହ-ସଂଯୋଜକ - ଶ୍ରୀମାନ୍ ଶୁଚିସ୍ମିତା ଦାସ

**ଭଦ୍ରକ ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ରମେଶ ଚନ୍ଦ୍ର ପାତ୍ର
ସହ-ସଂଯୋଜକ - ଶ୍ରୀମାନ୍ ନୀଳକଣ୍ଠ ବାରିକ

**ମୟୂରଭଞ୍ଜ ଜିଲ୍ଲା**
ସଂଯୋଜକ - ଡାକ୍ତର ଆଦିତ୍ୟ କୁମାର ପଣ୍ଡା
ସହ-ସଂଯୋଜକ - ଶ୍ରୀମାନ୍ ନିକୁଞ୍ଜ ବିହାରୀ ମହାନ୍ତ

**କେନ୍ଦୁଝର ଜିଲ୍ଲା**
ସଂଯୋଜକ - ଡାକ୍ତର ସୁବଳ କୁମାର ନାୟକ
ସହ-ସଂଯୋଜକ - ଶ୍ରୀମାନ୍ ଅଶୋକ କୁମାର ମିଶ୍ର

**ସୁବର୍ଣ୍ଣପୁର ବିଭାଗ**
ସଂଯୋଜକ - ଶ୍ରୀମାନ୍ ପଙ୍କଜ ମେହେର
ସହ-ସଂଯୋଜକ - ଶ୍ରୀମାନ୍ ସୁନୀଲ କୁମାର ଗରିଆ

**ସୁବର୍ଣ୍ଣପୁର ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ବିରଞ୍ଚି ନାରାୟଣ ଆର୍ଯ୍ୟ
ସହ-ସଂଯୋଜକ - ଶ୍ରୀମାନ୍ ହୃଷିକେଶ ପ୍ରଧାନ
- ଶ୍ରୀମାନ୍ ବୈଦ୍ୟନାଥ ଜାଲ

**କନ୍ଧମାଳ ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ
ସହ-ସଂଯୋଜକ - ଶ୍ରୀମାନ୍ ପୀତାମ୍ବର ମେହେର

# ଅଥ ତୃତୀୟସମୁଲ୍ଲାସାରମ୍ଭଃ

## ଅଥାଽଧ୍ୟୟନାଽଧ୍ୟାପନବିଧିଂ ବ୍ୟାଖ୍ୟାସ୍ୟାମଃ

**ମହର୍ଷି ଦୟାନନ୍ଦ ସରସ୍ୱତୀ**

(ପୂର୍ବାନୁକ୍ରମିକ....)

**ବ୍ୟାପ୍ତି –**

**ନିୟତଧର୍ମସାହିତ୍ୟମୁଭୟୋରେକତରସ୍ୟ ବା ବ୍ୟାପ୍ତିଃ ।**

**ନିଜଶକ୍ତ୍ୟୁଦ୍‌ଭବମିତ୍ୟାଚାର୍ଯ୍ୟାଃ ।**

**ଆଧେୟଶକ୍ତିୟୋଗ ଇତି ପଞ୍ଚଶିଖଃ ।** ( ସାଂଖ୍ୟ. ୫:୨୯,୩୧,୩୨)

ସାଧ୍ୟ ଓ ସାଧନ ଅର୍ଥାତ୍ ଯାହାକୁ ସିଦ୍ଧ କରିବାକୁ ହେବ ଓ ଯାହାଦ୍ୱାରା ସିଦ୍ଧ କରାଯିବ, ସେ ଉଭୟର ଧର୍ମ ମଧ୍ୟରେ ଥିବା ପାରସ୍ପରିକ ନିୟତ ସାହଚର୍ଯ୍ୟକୁ କିମ୍ବା କେବଳ ସାଧନ ଧର୍ମର ସାଧ୍ୟ ସହ ଥିବା ନିଶ୍ଚିତ ସାହଚର୍ଯ୍ୟକୁ **'ବ୍ୟାପ୍ତି'** କହନ୍ତି । ଯଥା – ଧୂଆଁ ଓ ଅଗ୍ନିର ସହଚରତ୍ୱ । ନିଆଁ ନଥିଲେ ଧୂଆଁ ବାହାରେ ନାହିଁ । ଧୂଆଁ ଓ ଅଗ୍ନି ମଧ୍ୟରେ ଥିବା ଏହି ନିୟତ ସାହଚର୍ଯ୍ୟ ବା ସଦା ସାଥିରେ ରହିବା ଧର୍ମ ହେଉଛି 'ବ୍ୟାପ୍ତି' । ଏଠାରେ ଧୂଆଁ ସାଧନ ଓ ନିଆଁ ସାଧ୍ୟ । କିନ୍ତୁ ଧୂଆଁ ନଥିଲେ ବି ନିଆଁ ଥାଇପାରେ । ଯଥା – ହିଟର ଆଦିରେ ।। ୨୯ ।।

ପଦାର୍ଥ ଅଥବା ଧର୍ମ ନିଜର ସ୍ୱାଭାବିକ ଶକ୍ତି ଦ୍ୱାରା ଅଭିବ୍ୟକ୍ତ ହେବା ସେହି ବସ୍ତୁ ବା ଧର୍ମର ସାହଚର୍ଯ୍ୟ ଅଟେ । ଯଥା – ନିଆଁ ଜଳିଲେ ଧୂଆଁ ଉଠିବା ପରେ ଦୂରକୁ ଯାଏ ଓ ସେଠାରେ ବିନା ଅଗ୍ନିର ସହଯୋଗରେ ବି ବିଦ୍ୟମାନ ଥାଏ । ଏ କ୍ଷେତ୍ରରେ ଅଗ୍ନିର ଛେଦନ, ଭେଦନ, ସାମର୍ଥ୍ୟ ଦ୍ୱାରା ଜଳାଦି ପଦାର୍ଥ ଧୂଆଁ ରୂପେ ପ୍ରକଟିତ ହୋଇଥାଆନ୍ତି । ଏହାକୁ ବ୍ୟାପ୍ତି କୁହାଯାଏ ।। ୩୧ ।।

ଆଧାର ଓ ଆଧେୟ ମଧ୍ୟରେ ଥିବା ସମ୍ବନ୍ଧ ବା ବ୍ୟାପକ ଓ ବ୍ୟାପ୍ୟ ମଧ୍ୟରେ ଥିବା ସମ୍ବନ୍ଧକୁ **ବ୍ୟାପ୍ତି** କୁହାଯାଏ । ଯଥା – ପ୍ରକୃତିର ବ୍ୟାପକତା ଓ ବୁଦ୍ଧିର ବ୍ୟାପ୍ୟତା ଏ ଉଭୟ ଧର୍ମ ମଧ୍ୟରେ ଥିବା ସମ୍ବନ୍ଧର ନାମ ବ୍ୟାପ୍ତି ।। ୩୨ ।।

ଏ ସବୁ ଶାସ୍ତ୍ରୀୟ ପ୍ରମାଣ ଦ୍ୱାରା ପରୀକ୍ଷା କରି ପଢ଼ିବେ ଓ ପଢ଼ାଇବେ । ନଚେତ୍ ବିଦ୍ୟାର୍ଥୀମାନଙ୍କୁ କେବେ ବି ସତ୍ୟ ଜ୍ଞାନ ହୋଇପାରିବ ନାହିଁ । ପୁସ୍ତକ ପଢ଼ାଇବା ପୂର୍ବରୁ ପ୍ରଥମେ ସେସବୁକୁ ପୂର୍ବୋକ୍ତ ପ୍ରକାରେ ପରୀକ୍ଷା କରି ଯେଉଁ ଗ୍ରନ୍ଥ ସତ୍ୟ ପ୍ରମାଣିତ ହେବ, ସେ ଗ୍ରନ୍ଥ ପଢ଼ାଇବେ । ଯେଉଁ-ଯେଉଁ ଗ୍ରନ୍ଥ ଏ ସବୁ ପରୀକ୍ଷାରେ ଅସତ୍ୟ ଜଣାଯିବ, ସେସବୁ ପୁସ୍ତକ ପଢ଼ିବେ ନାହିଁ କି ପଢ଼ାଇବେ ନାହିଁ । କାରଣ –

**ଲକ୍ଷଣପ୍ରମାଣାଭ୍ୟାଂ ବସ୍ତୁସିଦ୍ଧିଃ ।** (ନ୍ୟାୟ. ବାତ୍ସ୍ୟା. ୩:୧: ୨୮)

ଲକ୍ଷଣ – **'ଗନ୍ଧବତୀ ପୃଥିବୀ'** – ପୃଥିବୀ ତାହା, ଯାହା ଗନ୍ଧଗୁଣ ବିଶିଷ୍ଟ । ଏପରି ଲକ୍ଷଣ ଓ ପ୍ରତ୍ୟକ୍ଷାଦି ପ୍ରମାଣ ଦ୍ୱାରା ସତ୍ୟାସତ୍ୟ ଓ ପଦାର୍ଥର ନିର୍ଣ୍ଣୟ ହୋଇଥାଏ । ଲକ୍ଷଣ ଓ ପ୍ରମାଣ ବିନା କିଛି ବି ନିର୍ଣ୍ଣୟ ହୋଇପାରେ ନାହିଁ ।

## ଅଥ ପଠନପାଠନବିଧିଃ

ବର୍ତ୍ତମାନ ପଠନ-ପାଠନ ପ୍ରଣାଳୀ ବିଷୟରେ ଲେଖାଯାଉଛି । ପ୍ରଥମେ ସୂତ୍ର ଆକାରରେ ଲିଖିତ ଥିବା ପାଣିନି ମୁନି କୃତ **'ଶିକ୍ଷା'** ବିଷୟରେ ଶିକ୍ଷା ଦେବେ । ତା'ର ରୀତି ହେଲା ଯେ ଅମୁକ ଅକ୍ଷରର ଉଚ୍ଚାରଣ ସ୍ଥାନ ଏଇଟି, ପ୍ରଯତ୍ନ ଏପରି ଓ ଏହା କରଣ । ଯଥା– 'ପ' ବର୍ଣ୍ଣର ଉଚ୍ଚାରଣ ସ୍ଥାନ ହେଲା ଓଷ୍ଠ, ସ୍ପୃଷ୍ଟ ପ୍ରଯତ୍ନ ଏବଂ ଉଚ୍ଚାରଣ ନିମନ୍ତେ ପ୍ରାଣ ଓ ଜିଭର କ୍ରିୟା କରିବାକୁ 'କରଣ' କହନ୍ତି । ଏହିପରି ସବୁ ଅକ୍ଷରର ଯଥାଯଥ ଉଚ୍ଚାରଣ ମାତା, ପିତା ଓ ଆଚାର୍ଯ୍ୟ ଶିଖାଇବେ ।

ତା'ପରେ ବ୍ୟାକରଣ ଶିକ୍ଷା ଦେବେ । ତା'ର ପଦ୍ଧତି ହେଲା– ପ୍ରଥମେ ଅଷ୍ଟାଧ୍ୟାୟୀର ସୂତ୍ରପାଠ । ଯଥା– **'ବୃଦ୍ଧିରାଦୈଚ୍'** (ଅଷ୍ଟା. ୧:୧:୧) । ତା' ପରେ ପଦଚ୍ଛେଦ, ଯଥା– **'ବୃଦ୍ଧିଃ, ଆତ୍, ଐଚ୍'** । ତତ୍‌ପଶ୍ଚାତ୍ ସମାସ, ଯଥା– **'ଆଚ୍ଚ ଐଚ୍ଚ ଆଦୈଚ୍'** । ତା' ପରେ ଅର୍ଥ, ଯଥା– **'ଆଦୈଚାଂ ବୃଦ୍ଧିସଂଜ୍ଞା କ୍ରିୟତେ'** – ଆ,ଐ, ଔ-ଏ ତିନୋଟିକୁ ବୃଦ୍ଧି ବୋଲି କୁହାଯାଏ । **'ତଃ ପରୋ ଯସ୍ମାତ୍ ସ ତପରଃ, ତାଦପି ପରସ୍ତପରଃ'** – ଯାହାପରେ 'ତ'କାର ଥାଏ ତାକୁ 'ତପର' କୁହାଯାଏ ଓ 'ତ'କାର ପରେ ଯିଏ ଥାଏ ତାକୁ ବି 'ତପର' କୁହାଯାଏ । ଏହି ନିୟମ ଅନୁସାରେ ଉପରୋକ୍ତ ଉଦାହରଣରେ 'ଆ'କାର ପରେ 'ତ୍' ଥିବାରୁ ଏବଂ 'ତ୍'କାର ପରେ 'ଐଚ୍' ଥିବାରୁ 'ଆ' ଓ 'ଐଚ୍' ଉଭୟ 'ତପର' ଅଟନ୍ତି । 'ତପର'ର ପ୍ରୟୋଜନ ଏହି ଯେ ହ୍ରସ୍ୱ ଓ ପ୍ଲୁତର ବୃଦ୍ଧି ସଂଜ୍ଞା ହୁଏ ନାହିଁ ।

ଉଦାହରଣ – **'ଭାଗଃ'** । ଏଠାରେ **'ଭଜ୍'** ଧାତୁ ପରେ **'ଘଞ୍'** ପ୍ରତ୍ୟୟ ଥିବାରୁ **'ଘ୍'** ଓ **'ଞ୍'** ର ଇତ୍ ସଂଜ୍ଞା ହେବା ଦ୍ୱାରା ଲୋପ ହୋଇଗଲା । ତା'ପରେ **'ଭଜ୍ ଅ'** ବଳକା ରହିଲା । ଏଠାରେ 'ଜ୍'କାର ପୂର୍ବରୁ ଥିବା 'ଭ'(ଭ୍+ଅ)କାରସ୍ଥ 'ଅ' ର ବୃଦ୍ଧି ହୋଇ 'ଆ' ହୋଇଗଲା । ଏଣୁ **'ଭଜ୍'** ଟି **'ଭାଜ୍'** ହେଲା । ତା'ପରେ ପୁଣି **'ଜ୍'** ସ୍ଥାନରେ **'ଗ୍'** ହୋଇ 'ଅ'କାର ସହ ମିଶି **'ଭାଗଃ'** ଶବ୍ଦ ସିଦ୍ଧ ହେଲା ।

**'ଅଧ୍ୟାୟଃ'** – ଏଠାରେ ଅଧିପୂର୍ବକ **'ଇଙ୍'** ଧାତୁର ପରେ **'ଘଞ୍'** ପ୍ରତ୍ୟୟ ଥିବାରୁ **'ଇଙ୍'**ର ହ୍ରସ୍ୱ 'ଇ' ସ୍ଥାନରେ ବୃଦ୍ଧି ହୋଇ 'ଐ' ହେଲା । ପରେ 'ଐ' ଟି 'ଆୟ୍' ହୋଇ ଅଧି ସହ ମିଶି **'ଅଧ୍ୟାୟଃ'** ଶବ୍ଦ ନିର୍ମିତ ହେଲା ।

**'ନାୟକଃ'** – ଏଠରେ **'ନୀଞ୍'** ଧାତୁ ପରେ **'ଣ୍ୱୁଲ୍'** ପ୍ରତ୍ୟୟ ଥିବାରୁ 'ଣ୍ୱୁଲ୍' ର 'ଣ୍' ଓ 'ଲ୍' ର ଇତ୍ ସଂଜ୍ଞା ଓ ଲୋପ ତଥା 'ନୀ' ର ଦୀର୍ଘ 'ଈ' ସ୍ଥାନରେ ବୃଦ୍ଧି ହୋଇ 'ଐ' ହେଲା । ତା'ପରେ 'ଐ' 'ଆୟ୍' ରେ ପରିବର୍ତ୍ତିତ ହୋଇ 'ନ୍' ସହ ମିଶି ତଥା 'ବୁ' କୁ 'ଅକ' ଆଦେଶ ହୋଇ **'ନାୟକଃ'** ହେଲା ।

**'ସ୍ତାବକଃ'** – ଏଠାରେ **'ସ୍ତୁ'** ଧାତୁରେ **'ଣ୍ୱୁଲ୍'** ପ୍ରତ୍ୟୟ ଯୋଗ ହେବାରୁ 'ଣ୍ୱୁଲ୍' ର 'ଣ୍' ଓ 'ଲ୍' ଲୋପ ତଥା ହ୍ରସ୍ୱ 'ଉ' ସ୍ଥାନରେ ବୃଦ୍ଧି ହୋଇ 'ଔ' ହେଲା । ତା'ପରେ 'ଆବ୍' ଆଦେଶ ହେଲା । 'ବୁ' କୁ 'ଅକ' ଆଦେଶ ହେବାରୁ **'ସ୍ତାବକଃ'** ଶବ୍ଦ ତିଆରି ହେଲା ।

**କାରକଃ – 'କୃଞ୍'** ଧାତୁରେ **'ଣ୍ୱୁଲ୍'** ପ୍ରତ୍ୟୟ, 'ଣ୍ୱୁଲ୍' ର **'ଣ୍'** ଓ **'ଲ୍'** ର ଇତ୍ ସଂଜ୍ଞା ହୋଇ ଲୋପ, **'ବୁ'** ସ୍ଥାନରେ **'ଅକ'** ଆଦେଶ, **'ଋ'** ସ୍ଥାନରେ ବୃଦ୍ଧି ହୋଇ **'ଆର୍'** ହେଲା, ସବୁ ମିଳିତ ହୋଇ **'କାରକଃ'** ଶବ୍ଦ ନିର୍ମିତ ହେଲା ।

ଯେଉଁ-ଯେଉଁ ସୂତ୍ର ଶବ୍ଦ ସିଦ୍ଧି କରିବାରେ ବ୍ୟବହୃତ ହୁଏ ସେମାନଙ୍କ କାର୍ଯ୍ୟଗୁଡ଼ିକ ବୁଝାଇଚାଲିବେ ଏବଂ ସ୍ଲେଟ୍ ବା କଳାପଟା ଉପରେ ଲେଖି ଦେଖାଇ ଉତ୍ତମ ରୂପେ ହୃଦୟଙ୍ଗମ କରାଇବେ । ଯଥା–**'ଭଜ+ଘଞ୍+ସୁ'** ଏପରି ଲେଖିବେ । ପ୍ରଥମେ ଧାତୁର 'ଅ'କାର ଲୋପ, ତା'ପରେ 'ଘ୍'କାର ଓ 'ଞ୍' ଲୋପ ହୋଇ ହେଲା

**'ଭଜ୍+ଅ+ସୁ'** । ପୁନଶ୍ଚ 'ଭ' ର 'ଅ' ବୃଦ୍ଧି ହୋଇ 'ଆ' ହେବାରୁ ଏବଂ 'ଜ୍' ସ୍ଥାନରେ 'ଗ୍' ହେବାରୁ ହେଲା **'ଭାଗ୍+ଅ+ସୁ'** । ତା' ପରେ 'ଅ'କାର ପୂର୍ବ ବର୍ଣ୍ଣ ସହ ମିଶି ଯିବାରୁ ହେଲା **'ଭାଗ+ସୁ'** । ବର୍ତ୍ତମାନ 'ଉ'କାରର ଇତ୍ ସଂଜ୍ଞା ଓ ଲୋପ, 'ସ୍' ସ୍ଥାନରେ 'ରୁଁ' ହୋଇ ହେଲା **'ଭାଗ + ରୁଁ'** । ତଦନନ୍ତର 'ଉ'କାରର ଇତ୍ ସଂଜ୍ଞା ଓ ଲୋପ ହେବା ପରେ ହେଲା **'ଭାଗର୍'** । ବର୍ତ୍ତମାନ ରେଫ୍ (ˊ) ସ୍ଥାନରେ ବିସର୍ଗ(ଃ) ହୋଇ **'ଭାଗଃ'** ଶବ୍ଦ ସିଦ୍ଧ ହେଲା । ଏହିପରି ଯେଉଁ-ଯେଉଁ ସୂତ୍ର ଦ୍ୱାରା ଯେଉଁ-ଯେଉଁ କାର୍ଯ୍ୟ ହୁଏ, ତତ୍-ତତ୍ ସୂତ୍ର ପଢ଼ି-ପଢ଼ାଇ ଓ ଲେଖି-ଲେଖାଇ କାର୍ଯ୍ୟ କରି-କରାଇ ଚାଲିବେ । ଏପରି ପଢ଼ିବା-ପଢ଼ାଇବା ଦ୍ୱାରା ବିଷୟବସ୍ତୁ ଅତି ଶୀଘ୍ର ଓ ଭଲ ଭାବେ ହୃଦୟଙ୍ଗମ ହୁଏ ।

ଥରେ ଏପରି ଭାବେ **'ଅଷ୍ଟାଧ୍ୟାୟୀ'** ପଢ଼ାଇ **'ଧାତୁପାଠ'**, ଅର୍ଥ ସହିତ ଓ ଦଶ ଲକାରର ରୂପ ତଥା ପ୍ରକ୍ରିୟା ସହିତ ସୂତ୍ରଗୁଡ଼ିକର ଉତ୍ସର୍ଗ ଓ ଅପବାଦ ସମ୍ପର୍କରେ ଶିକ୍ଷା ଦେବେ । ଉତ୍ସର୍ଗର ଅର୍ଥ ସାମାନ୍ୟ ସୂତ୍ର । ଯଥା – **'କର୍ମଣ୍ୟଣ୍'** (ଅଷ୍ଟା. ୩:୨:୧) – କର୍ମ ଉପପଦ ଲାଗିଥିଲେ ସବୁ ଧାତୁରେ 'ଅଣ୍' ପ୍ରତ୍ୟୟ ହେବ । ଯଥା – କୁମ୍ଭକାରଃ । ତା'ପରେ ଅପବାଦ ଅର୍ଥାତ୍ ବିଶେଷ ସୂତ୍ର । ଯଥା – **'ଆତୋଽନୁପସର୍ଗେ କଃ'** (ଅଷ୍ଟା. ୩:୨:୩) – କର୍ମ ଉପପଦ ଥିଲେ ଉପସର୍ଗ ଭିନ୍ନ ଆକାରାନ୍ତ ଧାତୁରେ 'କ' ପ୍ରତ୍ୟୟ ହେବ । ସାମାନ୍ୟ ଅର୍ଥାତ୍ ବହୁତ ବ୍ୟାପକ, ଯଥା – କର୍ମ ଉପପଦ ଲାଗିଥିଲେ ସବୁ ଧାତୁରେ 'ଅଣ୍' ପ୍ରତ୍ୟୟ ହୁଏ; ଅପବାଦ ଅର୍ଥାତ୍ ତା' ଠାରୁ ବିଶେଷ ଅର୍ଥାତ୍ ଅଳ୍ପ ବିଷୟ, ଯଥା – ସେହି ପୂର୍ବ ସୂତ୍ରର ବ୍ୟାପକ କ୍ଷେତ୍ର ଭିତରୁ ଆକାରାନ୍ତ ଧାତୁକୁ 'କ' ପ୍ରତ୍ୟୟ ଗ୍ରହଣ କରି ନେଲା । ଉତ୍ସର୍ଗ ବିଷୟରେ ଯେପରି ଅପବାଦ ସୂତ୍ରର ପ୍ରଚଳନ, ସ୍ୱୀକୃତି ହୁଏ, ଅପବାଦ ବିଷୟରେ ସେପରି ଉତ୍ସର୍ଗର ପ୍ରଚଳନ, ସ୍ୱୀକୃତି ହୁଏ ନାହିଁ । ଉଦାହରଣ ସ୍ୱରୂପ – ଯେଉଁପରି ଚକ୍ରବର୍ତ୍ତୀ ରାଜାଙ୍କ ରାଜ୍ୟ ଭିତରେ ସାମନ୍ତ ରାଜା ଓ ଜମିଦାରଙ୍କ ପ୍ରଚଳନ, ସ୍ୱୀକୃତି ଥାଏ, ସାମନ୍ତ ରାଜା ଆଦିଙ୍କ ରାଜ୍ୟ ଭିତରେ ଚକ୍ରବର୍ତ୍ତୀ ରାଜାଙ୍କ ସେପରି ପ୍ରଚଳନ ନ ଥାଏ । ଏହିପରି ଭାବେ ପାଣିନି ମହର୍ଷି ହଜାରେ ଶ୍ଳୋକର ପରିମାଣ ମଧ୍ୟରେ ଅଖିଳ ଶବ୍ଦ, ଅର୍ଥ ଓ ସମ୍ବନ୍ଧର ବିଦ୍ୟା ପ୍ରତିପାଦିତ କରିଦେଇଛନ୍ତି ।

'ଧାତୁପାଠ' ପରେ 'ଉଣାଦିଗଣ' ପଢ଼ାଇବା ଅବସରରେ ସମସ୍ତ ସୁବନ୍ତ ବିଷୟ ପଢ଼ାଇ, ପୁଣି ଦ୍ୱିତୀୟ ଥର ଶଙ୍କା, ସମାଧାନ, ବାର୍ତ୍ତିକ, କାରିକା, ପରିଭାଷା ସମ୍ବଳିତ ଅଷ୍ଟାଧ୍ୟାୟୀର **ଦ୍ୱିତୀୟାବୃତ୍ତି** ପଢ଼ାଇବେ । ତା'ପରେ **'ମହାଭାଷ୍ୟ'** ପଢ଼ାଇବେ । ଯଦି ବୁଦ୍ଧିମାନ୍, ପରିଶ୍ରମୀ, ନିଷ୍କପଟ, ବିଦ୍ୟାବୃଦ୍ଧି ଅଭିଳାଷୀ ବିଦ୍ୟାର୍ଥୀ ପ୍ରତିଦିନ ନିୟମିତ ଅଧ୍ୟୟନ କରନ୍ତି, ତେବେ ସେ ଦେଢ଼ ବର୍ଷରେ ଅଷ୍ଟାଧ୍ୟାୟୀ ଓ ଦେଢ଼ ବର୍ଷରେ ମହାଭାଷ୍ୟ ଏପରି ଭାବେ ପଢ଼ି ତିନି ବର୍ଷରେ ପୂର୍ଣ୍ଣ ବୈୟାକରଣ ହୋଇ, ବୈଦିକ ଓ ଲୌକିକ ଶବ୍ଦର ବ୍ୟାକରଣ ବିଷୟରେ ଭଲ ଭାବେ ଜ୍ଞାନ ଲାଭ କରି, ଅନ୍ୟାନ୍ୟ ଶାସ୍ତ୍ରଗୁଡ଼ିକୁ ଶୀଘ୍ର ଓ ସହଜରେ ଅଧ୍ୟୟନ-ଅଧ୍ୟାପନା କରିପାରିବେ । ଅବଶ୍ୟ ବ୍ୟାକରଣ ନିମନ୍ତେ ଯେପରି ବହୁତ ପରିଶ୍ରମ କରିବାକୁ ପଡ଼ିଥାଏ, ଅନ୍ୟ ଶାସ୍ତ୍ରଗୁଡ଼ିକ ପାଇଁ ସେପରି ପରିଶ୍ରମ କରିବାକୁ ପଡ଼େ ନାହିଁ । ବିଶେଷ ଧ୍ୟାତବ୍ୟ ଯେ ଅଷ୍ଟାଧ୍ୟାୟୀ ଓ ମହାଭାଷ୍ୟ ଅଧ୍ୟୟନ ଦ୍ୱାରା ୩ ବର୍ଷରେ ଯେତିକି ଜ୍ଞାନ ହୁଏ, ସେତିକି ଜ୍ଞାନ କୁଗ୍ରନ୍ଥ ଅର୍ଥାତ୍ ସାରସ୍ୱତ, ଚନ୍ଦ୍ରିକା, କୌମୁଦୀ, ମନୋରମାଦି ପଢ଼ିବା ଦ୍ୱାରା ପଚାଶ ବର୍ଷରେ ବି ଲାଭ ହୋଇପାରେ ନହିଁ । କାରଣ ମହଦାଶୟ ମହର୍ଷିଗଣ ସ୍ୱ ଗ୍ରନ୍ଥମାନଙ୍କରେ ମହାନ୍ ବିଷୟଗୁଡ଼ିକୁ ଯେପରି ସରଳ ଭାବେ ପ୍ରକାଶିତ କରିଛନ୍ତି, ତାହା ଏ କ୍ଷୁଦ୍ରାଶୟ ମନୁଷ୍ୟଙ୍କ କଳ୍ପିତ ଗ୍ରନ୍ଥରେ କିପରି ହୋଇପାରିବ ? **ମହର୍ଷିମାନଙ୍କ ଆଶୟ ଯଥାସମ୍ଭବ**

**ସୁଗମ ଓ ବୁଝିବାକୁ ଅଳ୍ପ ସମୟ ଲାଗିବା ଭଳି ହୋଇଥାଏ । କିନ୍ତୁ କ୍ଷୁଦ୍ରାଶୟ ଲୋକଙ୍କ ଉଦ୍ଦେଶ୍ୟ ହୋଇଥାଏ ଯେ ଯେତେ ସମ୍ଭବ କଠିନ ରଚନା କରିବା । ଯାହାକୁ କି ବହୁତ ପରିଶ୍ରମରେ ପଢ଼ି ଅଳ୍ପ ଲାଭ ମିଳିପାରେ – 'ଖୋଳ ପରବତ, ମାର ମୂଷା' ଭଳି । ଅଥଚ ଆର୍ଷଗ୍ରନ୍ଥର ଅଧ୍ୟୟନ ଗୋଟିଏ ବୁଡ଼ରେ କୋଟିଏ ମୁକ୍ତା ପାଇବା ଭଳି ହୋଇଥାଏ ।**

ବ୍ୟାକରଣ ପଢ଼ିସାରି ଯାସ୍କମୁନିକୃତ **ନିଘଣ୍ଟୁ** ଓ **ନିରୁକ୍ତ** ୬-୮ ମାସରେ ଅର୍ଥ ସହିତ ପଢ଼ିବେ-ପଢ଼ାଇବେ । ନାସ୍ତିକ କୃତ ଅମରକୋଷାଦି ଅନ୍ୟ ପୁସ୍ତକରେ ଅନେକ ବର୍ଷ ଅଯଥା ନଷ୍ଟ କରିବେ ନାହିଁ । ତା'ପରେ ପିଙ୍ଗଳାଚାର୍ଯ୍ୟ କୃତ **ଛନ୍ଦୋଗ୍ରନ୍ଥ,** ଯେଉଁଥିରେ କି ବୈଦିକ ଓ ଲୌକିକ ଛନ୍ଦ ବିଷୟକ ଜ୍ଞାନ, ନବୀନ ରଚନା ଓ ଶ୍ଳୋକ ତିଆରି କରିବାର ରୀତି ରହିଛି ତାହା ବି ଯଥାଯଥ ଭାବେ ଶିକ୍ଷା କରିବେ । ଏହି ଗ୍ରନ୍ଥର ଅଧ୍ୟୟନ ଓ ଶ୍ଳୋକ ରଚନା କୌଶଳ ୪ ମାସରେ ହୋଇପାରିବ । ଅଳ୍ପବୁଦ୍ଧି ସମ୍ପନ୍ନ ବ୍ୟକ୍ତିଙ୍କ କଳ୍ପିତ ବୃତ୍ତରତ୍ନାକର ଆଦି ଗ୍ରନ୍ଥରେ ଅନେକ ବର୍ଷ ବୃଥା ନଷ୍ଟ କରିବେ ନାହିଁ । ତତ୍‌ପରେ **ମନୁସ୍ମୃତି, ବାଲ୍ମୀକି ରାମାୟଣ ଓ ମହାଭାରତର** ଉଦ୍ୟୋଗ ପର୍ବ ଅନ୍ତର୍ଗତ **ବିଦୁରନୀତି** ପ୍ରଭୃତି ଉତ୍ତମ ପ୍ରକରଣ, ଯଦ୍ଦ୍ୱାରା ଦୁର୍ବ୍ୟସନ ଦୂର ହେବ ଓ ଉତ୍ତମତା, ସଭ୍ୟତା ପ୍ରାପ୍ତ ହେବ, ସେସବୁକୁ କାବ୍ୟରୀତିରେ ଅର୍ଥାତ୍ ପଦଚ୍ଛେଦ, ପଦାର୍ଥୋକ୍ତି, ଅନ୍ୱୟ, ବିଶେଷ୍ୟ, ବିଶେଷଣ ଓ ଭାବାର୍ଥ ସହିତ ଅଧ୍ୟାପକଗଣ ବୁଝାଇବେ ଓ ବିଦ୍ୟାର୍ଥୀମାନେ ବୁଝି ଚାଲିବେ । ଏ ସବୁ ୧ ବର୍ଷ ଭିତରେ ପଢ଼ିନେବେ ।

ତା'ପରେ **ପୂର୍ବମୀମାଂସା, ବୈଶେଷିକ, ନ୍ୟାୟ, ଯୋଗ, ସାଂଖ୍ୟ ଓ ବେଦାନ୍ତ –** ଏ ଛଅଟି ଶାସ୍ତ୍ର ଯଥାସମ୍ଭବ ଋଷିକୃତ ବ୍ୟାଖ୍ୟା ସହିତ କିମ୍ବା ଉତ୍ତମ ବିଦ୍ୱାନଙ୍କ ସରଳ ବ୍ୟାଖ୍ୟା ସହ ପଢ଼ିବେ-ପଢ଼ାଇବେ । କିନ୍ତୁ ବେଦାନ୍ତ ଦର୍ଶନ ପଢ଼ିବା ପୂର୍ବରୁ **ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୂକ୍ୟ, ଐତରେୟ, ତୈତ୍ତିରୀୟ, ଛାନ୍ଦୋଗ୍ୟ ଓ ବୃହଦାରଣ୍ୟକ –**ଏ ଦଶଟି ଉପନିଷଦ ପଢ଼ିବେ । ଭାଷ୍ୟ-ବୃତ୍ତି ସହିତ ଛଅ ଶାସ୍ତ୍ରର ସୂତ୍ରଗୁଡ଼ିକୁ ୨ ବର୍ଷ ଭିତରେ ଅଧ୍ୟାପକଗଣ ପଢ଼ାଇବେ ଓ ବିଦ୍ୟାର୍ଥିଗଣ ପଢ଼ିନେବେ । ତତ୍‌ପଶ୍ଚାତ୍ ୬ ବର୍ଷ ଭିତରେ **ଐତରେୟ, ଶତପଥ, ସାମ ଓ ଗୋପଥ –** ଏ ଚାରି ବ୍ରାହ୍ମଣ ସହ ଚାରି ବେଦକୁ ସ୍ୱର, ଶବ୍ଦ-ଅର୍ଥ-ସମ୍ବନ୍ଧ ଓ କ୍ରିୟାସହିତ ପଢ଼ିବା ଉଚିତ । କାରଣ ଏ ସମ୍ବନ୍ଧରେ କୁହାଯାଇଛି –

**ସ୍ଥାଣୁରୟଂ ଭାରହାରଃ କିଲାଭୂଦଧୀତ୍ୟ ବେଦଂ ନ ବିଜାନାତି ଯୋଽର୍ଥମ୍ ।**
**ଯୋଽର୍ଥଜ୍ଞ ଇତ୍‌ସକଳଂ ଭଦ୍ରମଶ୍ନୁତେ ନାକମେତି ଜ୍ଞାନବିଧୂତପାପ୍ମା ।।** (ନିରୁକ୍ତ. ୧:୧୮)

ଯେଉଁ ବ୍ୟକ୍ତି ସ୍ୱର ସହ ବେଦପାଠ ମାତ୍ର କରେ, କିନ୍ତୁ ତା'ର ଅର୍ଥ ବୁଝେ ନାହିଁ; ବୃକ୍ଷ ଯେପରି ଡାଳ, ପତ୍ର, ଫୁଲ, ଫଳର ଭାର ବହନ କରେ ଓ ପଶୁ ଯେପରି ଧାନ ଆଦି ଦ୍ରବ୍ୟର ବୋଝ ବୋହିଥାଏ; ସେହି ବ୍ୟକ୍ତି ସେପରି ଭାରବାହକ ମାତ୍ର ହୋଇଥାଏ । ଯେଉଁ ବ୍ୟକ୍ତି ବେଦ ପଢ଼ିବା ସହ ତା'ର ଯଥାଯଥ ଅର୍ଥ ହୃଦୟଙ୍ଗମ କରେ, ସେ ହିଁ ଏହି ଜ୍ଞାନ ଦ୍ୱାରା ପାପ ପରିତ୍ୟାଗ କରି, ପବିତ୍ର ଧର୍ମାଚରଣ ପୂର୍ବକ ପୂର୍ଣ୍ଣ ଆନନ୍ଦ ଲାଭ କରିବା ସଙ୍ଗେ ସଙ୍ଗେ ମୃତ୍ୟୁ ପରେ ସର୍ବାନନ୍ଦ ପ୍ରାପ୍ତ କରେ ।

**ଉତ ତ୍ୱଃ ପଶ୍ୟନ୍ନ ଦଦର୍ଶ ବାଚମୁତ ତ୍ୱଃ ଶୃଣ୍ୱନ୍ନ ଶୃଣୋତ୍ୟେନାମ୍ ।**
**ଉତୋ ତ୍ୱସ୍ମୈ ତନ୍ୱଂ ବି ସସ୍ରେ ଜାୟେବ ପତ୍ୟ ଉଶତୀ ସୁବାସାଃ ।।** (ଋକ୍. ୧୦:୭୧:୪)

ଯେଉଁମାନେ ଅବିଦ୍ୱାନ୍ ଅଟନ୍ତି ସେମାନେ ଶୁଣି ମଧ୍ୟ ଶୁଣିପାରନ୍ତି ନାହିଁ, ଦେଖି ମଧ୍ୟ ଦେଖିପାରନ୍ତି ନାହିଁ, କହି

ମଧ କହିପାରନ୍ତି ନାହିଁ  ଅର୍ଥାତ୍ ଅଜ୍ଞ ଲୋକ ଏହି ବିଦ୍ୟା-ବାଣୀର ରହସ୍ୟ ଜାଣିପାରନ୍ତି ନାହିଁ । ଯେପରି ସୁନ୍ଦର ବସ୍ତ୍ର-ଅଳଙ୍କାର ଧାରିଣୀ, ନିଜ ପତିଙ୍କୁ କାମନାକାରିଣୀ ସ୍ତ୍ରୀ ନିଜ ଶରୀର ଓ ସ୍ୱରୂପକୁ ସ୍ୱାମୀଙ୍କ ଆଗରେ ହିଁ ପ୍ରକାଶ କରେ, ବିଦ୍ୟା ସେପରି ଶବ୍ଦ, ଅର୍ଥ ଓ ସମ୍ବନ୍ଧର ଜ୍ଞାତା ବିଦ୍ୱାନଙ୍କ ନିକଟରେ ନିଜ ସ୍ୱରୂପ ପ୍ରକାଶ କରେ, ଅବିଦ୍ୱାନଙ୍କ ପାଖରେ ନୁହେଁ ।

**ଋଚୋ ଅକ୍ଷରେ ପରମେ ବ୍ୟୋମନ୍ୟସ୍ମିନ୍‌ଦେବା ଅଧି ବିଶ୍ୱେ ନିଷେଦୁଃ ।**

**ୟସ୍ତନ୍ନ ବେଦ କିମୃଚା କରିଷ୍ୟତି  ୟ ଇତ୍ତଦ୍‌ବିଦୁସ୍ତ ଇମେ ସମାସତେ ॥** (ଋକ୍ ୧:୧୬୪:୩୯)

ଯେଉଁ ସର୍ବବ୍ୟାପକ, ଅବିନାଶୀ, ସର୍ବୋତ୍କୃଷ୍ଟ ପରମେଶ୍ୱରଙ୍କଠାରେ ସମସ୍ତ ବିଦ୍ୱାନ୍ ଏବଂ ପୃଥିବୀ, ସୂର୍ଯ୍ୟାଦି ସକଳ ଲୋକ-ଲୋକାନ୍ତର ଅବସ୍ଥିତ, ଯିଏ ସକଳ ବେଦର ମୁଖ୍ୟ ପ୍ରୟୋଜନ, ସେହି ବ୍ରହ୍ମଙ୍କୁ ଯିଏ ଜାଣେ ନାହିଁ, ସିଏ ଋଗ୍‌ବେଦାଦି ଦ୍ୱାରା କ'ଣ ସୁଖ ପ୍ରାପ୍ତ କରିପାରିବ? ନା-ନା । ବରଂ **ଯିଏ ବେଦାଧ୍ୟୟନ କରି ଧର୍ମାତ୍ମା, ଯୋଗୀ ହୋଇ ସେହି ବ୍ରହ୍ମଙ୍କୁ ଜାଣେ, ସେ ପରମେଶ୍ୱରଙ୍କଠାରେ ସ୍ଥିତ ହୋଇ ମୁକ୍ତିରୂପୀ ପରମାନନ୍ଦ ପ୍ରାପ୍ତ କରେ । ଏଣୁ ଅଧ୍ୟୟନ-ଅଧ୍ୟାପନା ଅର୍ଥଜ୍ଞାନ ସହିତ କରିବା ଆବଶ୍ୟକ ।**

ଏହିପରି ଭାବେ ସକଳ ବେଦ ପଢ଼ିସାରି **'ଆୟୁର୍ବେଦ'** ଅର୍ଥାତ୍ ଚରକ, ସୁଶ୍ରୁତ ପ୍ରଭୃତି ଋଷି-ମୁନିଙ୍କ ପ୍ରଣୀତ ଚିକିତ୍ସା-ଶାସ୍ତ୍ର ଅର୍ଥ, କ୍ରିୟା, ଶସ୍ତ୍ର, ଛେଦନ-ଭେଦନ, ଲେପ, ଚିକିତ୍ସା, ନିଦାନ, ଔଷଧ, ପଥ୍ୟ, ଶରୀର, ଦେଶ, କାଳ ଓ ବସ୍ତୁର ଗୁଣଜ୍ଞାନ ପୂର୍ବକ ୪ ବର୍ଷ ଭିତରେ ପଢ଼ିବେ-ପଢ଼ାଇବେ । ତଦନନ୍ତର **'ଧନୁର୍ବେଦ'** ଅର୍ଥାତ୍ ରାଜ୍ୟ ଶାସନ ସମ୍ବନ୍ଧୀୟ ବିଦ୍ୟା ଶିକ୍ଷା କରିବେ । ଏହା ଦୁଇ ଭାଗରେ ବିଭକ୍ତ, ଯଥା– ୧. ରାଜ-କର୍ମଚାରୀ ସମ୍ବନ୍ଧୀୟ ଓ ୨. ପ୍ରଜା ସମ୍ବନ୍ଧୀୟ । ରାଜକାର୍ଯ୍ୟ ସମ୍ବନ୍ଧୀୟ ବିଦ୍ୟା ଭିତରେ ସମସ୍ତ ସଭାର ବିଷୟ, ସେନାଧ୍ୟକ୍ଷ, ଶସ୍ତ୍ରାସ୍ତ୍ର ବିଦ୍ୟା, ନାନା ପ୍ରକାର ବ୍ୟୂହ ରଚନାର ଅଭ୍ୟାସ ଅର୍ଥାତ୍ 'ସମରାଭ୍ୟାସ', ଯାହାକି ଶତ୍ରୁଙ୍କ ସହ ଯୁଦ୍ଧ କରିବା ସମୟରେ କରିବାକୁ ପଡୁଥିବା କ୍ରିୟାସମୂହ, ସେ ସବୁକୁ ଯଥାଯଥ ଭାବେ ଶିଖିବେ । ପ୍ରଜା ସମ୍ବନ୍ଧୀୟ ବିଦ୍ୟା ଭିତରେ ପ୍ରଜାଙ୍କ ପାଳନ ଓ ସମ୍ବର୍ଦ୍ଧନ କରିବାର ଯେଉଁ ସବୁ ପଦ୍ଧତି ଅଛି, ଯଥା– ନ୍ୟାୟପୂର୍ବକ ସବୁ ପ୍ରଜାଙ୍କୁ ପ୍ରସନ୍ନ ରଖିବା, ଦୁଷ୍ଟଙ୍କୁ ଯଥାଯୋଗ୍ୟ ଦଣ୍ଡ ଦେବା ଓ ଶିଷ୍ଟମାନଙ୍କୁ ପାଳନ କରିବା, ସେସବୁ ଉପାୟଗୁଡ଼ିକୁ ଉତ୍ତମ ରୂପେ ଶିଖିନେବେ । ରାଜ୍ୟ ଶାସନର ଏ ଉଭୟ ବିଦ୍ୟା ୨-୨ ବର୍ଷରେ ଶିକ୍ଷା କରିବେ । ଏହାପରେ **'ଗାନ୍ଧର୍ବବେଦ'** ଅର୍ଥାତ୍ ସଂଗୀତ ବିଦ୍ୟା, ଯେଉଁଥିରେ କି ସ୍ୱର, ରାଗ, ରାଗିଣୀ, ସମୟ, ତାଳ, ଗ୍ରାମ, ତାନ, ବାଦ୍ୟ, ନୃତ୍ୟ, ଗୀତ ଆଦି ଅନ୍ତର୍ଭୁକ୍ତ, ତାହାକୁ ୪ ବର୍ଷରେ ଯଥାଯଥ ଭାବେ ଶିଖିବେ । ଏଥିରେ ବାଦ୍ୟ ବାଦନ ପୂର୍ବକ 'ସାମବେଦ'ର ଗାନ ମୁଖ୍ୟତଃ ଶିଖିବେ ଓ 'ନାରଦ ସଂହିତା' ଆଦି ଯେଉଁ ଆର୍ଷଗ୍ରନ୍ଥ ସବୁ ଅଛି, ସେଗୁଡ଼ିକୁ ପଢ଼ିବେ । କିନ୍ତୁ ଭଡୁଆ, ବେଶ୍ୟାଙ୍କ ଶୃଙ୍ଗାର ରସାତ୍ମକ ଗୀତ ଗାଇବେ ନାହିଁ ଓ ବିଷୟାସକ୍ତ ବୈରାଗୀଙ୍କ ବିଷୟାସକ୍ତିକାରକ ଗର୍ଦ୍ଦଭ ରାବ ଭଳି ବ୍ୟର୍ଥ ଆଳାପ କେବେ ବି କରିବେ ନାହିଁ । ତା'ପରେ **'ଅର୍ଥବେଦ'** ଯାହାକୁ କି **ଶିଳ୍ପବିଦ୍ୟା** କହନ୍ତି । ଏଥିରେ ପଦାର୍ଥ ଗୁଣ-ବିଜ୍ଞାନ, କ୍ରିୟା-କୌଶଳ, ନାନା ପ୍ରକାର ପଦାର୍ଥ ନିର୍ମାଣ, ପୃଥିବୀଠାରୁ ଆକାଶ ପର୍ଯ୍ୟନ୍ତ ବିଦ୍ୟା ଏବଂ ଅର୍ଥ ଅର୍ଥାତ୍ ଐଶ୍ୱର୍ଯ୍ୟବର୍ଦ୍ଧକ ବିଦ୍ୟାକୁ ୪ ବର୍ଷରେ ଯଥାଯଥ ଭାବେ ଶିକ୍ଷା କରିବେ ।  ତା' ପରେ ୨ ବର୍ଷରେ **ଜ୍ୟୋତିଷଶାସ୍ତ୍ର** 'ସୂର୍ଯ୍ୟସିଦ୍ଧାନ୍ତ' ପ୍ରଭୃତି, ଯେଉଁଥିରେ କି ବୀଜଗଣିତ, ଅଙ୍କ, ଭୂଗୋଳ, ଖଗୋଳ ଓ ଭୂଗର୍ଭ ବିଦ୍ୟା ଅଛି, ତାହାକୁ ଯଥାବତ୍ ଶିକ୍ଷା କରିବେ । ତତ୍‌ପଶ୍ଚାତ୍ ସମସ୍ତ ପ୍ରକାର ହସ୍ତକ୍ରିୟା ଓ ଯନ୍ତ୍ରକଳା ଆଦି ଶିଖିବେ । କିନ୍ତୁ ଗ୍ରହ, ନକ୍ଷତ୍ର, ଜନ୍ମପତ୍ର, ରାଶି,

ମୁହୂର୍ତ୍ତ ଆଦିର ଫଳ ବିଧାୟକ ଯେତେସବୁ ପୁସ୍ତକ ଅଛି, ସେସବୁକୁ ମିଥ୍ୟା ବୋଲି ବୁଝି କେବେ ବି ପଢ଼ିବେ ନାହିଁ କି ପଢ଼ାଇବେ ନାହିଁ ।

ପଢ଼ିବା ଓ ପଢ଼ାଇବା ବ୍ୟକ୍ତି ଏପରି ପ୍ରଯତ୍ନ କରିବେ ଯଦ୍ଦ୍ୱାରା ୩୦-୩୧ ବର୍ଷ ମଧ୍ୟରେ ସମସ୍ତ ବିଦ୍ୟା, ଉତ୍ତମ ଶିକ୍ଷା ଲାଭ କରି ମନୁଷ୍ୟମାନେ କୃତକୃତ୍ୟ ହୋଇ ସଦା ଆନନ୍ଦରେ ରହିବେ । ଏପରି ରୀତିରେ ୩୦-୩୧ ବର୍ଷରେ ଯେତେ ବିଦ୍ୟା ଲାଭ ହୁଏ, ଅନ୍ୟ ପ୍ରକାରେ ଶହେ ବର୍ଷରେ ବି ସେତିକି ପ୍ରାପ୍ତ ହୋଇପାରେ ନାହିଁ ।

**ଋଷିପ୍ରଣୀତ ଗ୍ରନ୍ଥ ଏଇଥିପାଇଁ ପଢ଼ିବା ଉଚିତ କାରଣ ଏସବୁର ପ୍ରଣୟନକାରୀ ଋଷିଗଣ ମହାବିଦ୍ୱାନ୍, ସର୍ବଶାସ୍ତ୍ରବିତ୍ ଓ ଧର୍ମାତ୍ମା ଥିଲେ । ଅନୃଷି ଅର୍ଥାତ୍ ଯେଉଁମାନେ ଅଳ୍ପ ଶାସ୍ତ୍ର ପଢ଼ିଛନ୍ତି ଓ ଯେଉଁମାନଙ୍କ ଆତ୍ମା ପକ୍ଷପାତଯୁକ୍ତ, ସେମାନଙ୍କ ରଚିତ ଗ୍ରନ୍ଥ ବି ତଦନୁରୂପେ ହିଁ ହୋଇଥାଏ । ଏଣୁ ସେସବୁ ପଢ଼ିବା ଅନୁଚିତ ।** '**ପୂର୍ବମୀମାଂସା**'ର ବ୍ୟାସମୁନିକୃତ ବ୍ୟାଖ୍ୟା, '**ବୈଶେଷିକ**'ର ଗୌତମ ମୁନିକୃତ ପ୍ରଶସ୍ତପାଦ ଭାଷ୍ୟ, ଗୌତମ ମୁନିକୃତ '**ନ୍ୟାୟସୂତ୍ର**'ର ବାତ୍ସ୍ୟାୟନ ମୁନିକୃତ ଭାଷ୍ୟ, ପତଞ୍ଜଳି ମୁନିକୃତ '**ଯୋଗସୂତ୍ର**'ର ବ୍ୟାସମୁନିକୃତ ଭାଷ୍ୟ, କପିଳ ମୁନିକୃତ '**ସାଂଖ୍ୟସୂତ୍ର**'ର ଭାଗୁରି ମୁନିକୃତ ଭାଷ୍ୟ, ବ୍ୟାସମୁନିକୃତ '**ବେଦାନ୍ତ-ସୂତ୍ର**' ଉପରେ ବାତ୍ସ୍ୟାୟନ ମୁନିକୃତ ଭାଷ୍ୟ ଅଥବା ବୌଧାୟନ ମୁନିକୃତ ଭାଷ୍ୟ ବୃତ୍ତିସହିତ ପଢ଼ିବେ-ପଢ଼ାଇବେ । ଏସବୁ ଗ୍ରନ୍ଥକୁ 'କଳ୍ପ' ବେଦାଙ୍ଗ ମଧ୍ୟରେ ବି ପରିଗଣନ କରିବା ଉଚିତ ।

ଯେପରି ଋକ୍, ଯଜୁଃ, ସାମ ଓ ଅଥର୍ବ - ଏହି ଚାରି ବେଦ ଈଶ୍ୱରକୃତ ହୋଇଥିବାରୁ ପ୍ରମାଣ, ସେହିପରି ଐତରେୟ, ଶତପଥ, ସାମ ଓ ଗୋପଥ - ଏ ଚାରି ବ୍ରାହ୍ମଣ; ଶିକ୍ଷା, କଳ୍ପ, ବ୍ୟାକରଣ, ନିଘଣ୍ଟୁ-ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ - ଏ ଛଅ ବେଦାଙ୍ଗ; ବେଦର ଉପାଙ୍ଗ ହୋଇଥିବା ମୀମାଂସାଦି ଛଅ ଶାସ୍ତ୍ର; ଆୟୁର୍ବେଦ, ଧନୁର୍ବେଦ, ଗାନ୍ଧର୍ବବେଦ ଓ ଅର୍ଥବେଦ - ଏ ଚାରି ଉପବେଦ ଇତ୍ୟାଦି ସବୁ ଋଷି-ମୁନିକୃତ ଗ୍ରନ୍ଥ ହୋଇଥିବାରୁ ପ୍ରମାଣ ଅଟନ୍ତି । **ଏସବୁ ଋଷି-ମୁନିକୃତ ଗ୍ରନ୍ଥରେ ବି ଯାହା-ଯାହା ବେଦବିରୁଦ୍ଧ ପ୍ରତୀତ ହେବ, ସେସବୁ ତ୍ୟାଜ୍ୟ । କାରଣ ବେଦ ଈଶ୍ୱରକୃତ ହୋଇଥିବାରୁ ନିର୍ଭ୍ରାନ୍ତ, ସ୍ୱତଃପ୍ରମାଣ ଅର୍ଥାତ୍ ବେଦର ପ୍ରମାଣ ବେଦଦ୍ୱାରା ହିଁ ହୁଏ । ଅଥଚ ବ୍ରାହ୍ମଣାଦି ଅନ୍ୟ ସମସ୍ତ ଗ୍ରନ୍ଥ ପରତଃପ୍ରମାଣ ଅର୍ଥାତ୍ ଏସବୁର ପ୍ରାମାଣିକତା ବେଦର ଅଧୀନ ।** ବେଦର ବିଶେଷ ବ୍ୟାଖ୍ୟା 'ଋଗ୍‌ବେଦାଦିଭାଷ୍ୟଭୂମିକା'ରେ ଦେଖିନେବେ ଏବଂ ଏ ଗ୍ରନ୍ଥରେ ବି ଆଗକୁ ଏ ବିଷୟରେ କିଛି ଲେଖାଯିବ ।

ବର୍ତ୍ତମାନ **ବର୍ଜନୀୟ ପୁସ୍ତକଗୁଡ଼ିକର ପରିଗଣନା ସଂକ୍ଷେପରେ କରାଯାଉଛି** । ନିମ୍ନରେ ଯେଉଁସବୁ ପୁସ୍ତକଗୁଡ଼ିକର ନାମ ଲେଖାଯିବ ସେସବୁକୁ ମିଥ୍ୟା ଗ୍ରନ୍ଥ ବୋଲି ବୁଝିବା ଉଚିତ । **ବ୍ୟାକରଣରେ** କାତନ୍ତ୍ର, ସାରସ୍ୱତ, ଚନ୍ଦ୍ରିକା, ମୁଗ୍ଧବୋଧ, କୌମୁଦୀ, ଶେଖର, ମନୋରମା ଇତ୍ୟାଦି । **କୋଶ** ଗ୍ରନ୍ଥ ମଧ୍ୟରେ ଅମରକୋଷ ଆଦି । **ଛନ୍ଦୋଗ୍ରନ୍ଥ** ଭିତରେ ବୃତ୍ତରତ୍ନାକର ଆଦି । **ଶିକ୍ଷା** ଗ୍ରନ୍ଥ ମଧ୍ୟରେ **'ଅଥ ଶିକ୍ଷାଂ ପ୍ରବକ୍ଷ୍ୟାମି ପାଣିନୀୟଂ ମତଂ ଯଥା'** ଇତ୍ୟାଦି । **ଜ୍ୟୋତିଷ**ରେ ଶୀଘ୍ରବୋଧ, ମୁହୂର୍ତ୍ତଚିନ୍ତାମଣି ପ୍ରଭୃତି । **କାବ୍ୟ**ରେ ନାୟିକାଭେଦ, କୁବଳୟାନନ୍ଦ, ରଘୁବଂଶ, ମାଘ, କିରାତାର୍ଜ୍ଜୁନୀୟ ଇତ୍ୟାଦି । **ମୀମାଂସା**ରେ ଧର୍ମସିନ୍ଧୁ, ବ୍ରତାର୍କାଦି । **ବୈଶେଷିକ**ରେ ତର୍କସଂଗ୍ରହାଦି । **ନ୍ୟାୟ**ରେ ଜାଗଦୀଶୀ ଆଦି । **ଯୋଗ**ରେ ହଠ-ପ୍ରଦୀପିକାଦି । **ସାଂଖ୍ୟ**ରେ ସାଂଖ୍ୟତତ୍ତ୍ୱ କୌମୁଦୀ ପ୍ରଭୃତି । **ବେଦାନ୍ତ**ରେ ଯୋଗବାଶିଷ୍ଠ, ପଞ୍ଚଦଶୀ ଆଦି । **ବୈଦ୍ୟକ**ରେ ଶାର୍ଙ୍ଗଧରାଦି । **ସ୍ମୃତି**ରେ ମନୁସ୍ମୃତିର ପ୍ରକ୍ଷିପ୍ତ ଶ୍ଳୋକ, ଅନ୍ୟ ସମସ୍ତ ସ୍ମୃତି, ସମସ୍ତ ତନ୍ତ୍ରଗ୍ରନ୍ଥ, ସବୁ ପୁରାଣ, ସବୁ ଉପପୁରାଣ, ତୁଳସୀ ଦାସ କୃତ ଭାଷାର ରାମାୟଣ, ରୁକ୍ମିଣୀ ମଙ୍ଗଳ ଆଦି ଏବଂ ଭାଷାରେ ରଚିତ ସକଳ ଗ୍ରନ୍ଥ **-** ଏସବୁ କପୋଳକଳ୍ପିତ ଓ ମିଥ୍ୟାଗ୍ରନ୍ଥ ।

**ପ୍ରଶ୍ନ –** କ'ଣ ଏସବୁ ଗ୍ରନ୍ଥରେ କିଛି ବି ସତ୍ୟ କଥା ନାହିଁ ?

**ଉତ୍ତର –** ଅଳ୍ପ ସତ୍ୟ ତ ଅଛି, କିନ୍ତୁ ତା' ସହିତ ବହୁତ ଅସତ୍ୟ ବି ଅଛି । ଏଣୁ **'ବିଷସମ୍ପୃକ୍ତାନ୍ନବତ୍ ତ୍ୟାଜ୍ୟାଃ' –** ଅତି ଉତ୍ତମ ଅନ୍ନ ବି ବିଷମିଶ୍ରିତ ହୋଇଥିଲେ ଯେପରି ତାହା ତ୍ୟାଜ୍ୟ ହୋଇଥାଏ, ସେପରି ଏସବୁ ଗ୍ରନ୍ଥ ମଧ୍ୟ ତ୍ୟାଜ୍ୟ ।

**ପ୍ରଶ୍ନ –** କ'ଣ ଆପଣ ପୁରାଣ-ଇତିହାସକୁ ମାନନ୍ତି ନାହିଁ ?

**ଉତ୍ତର –** ହଁ, ମାନେ । କିନ୍ତୁ ସତ୍ୟକୁ ମାନେ, ମିଥ୍ୟାକୁ ନୁହେଁ ।

**ପ୍ରଶ୍ନ –** କେଉଁଟି ସତ୍ୟ ଓ କେଉଁଟି ମିଥ୍ୟା ?

**ଉତ୍ତର – ବ୍ରାହ୍ମଣାନୀତିହାସାନ୍ ପୁରାଣାନି କଳ୍ପାନ୍ ଗାଥା ନାରାଶଂସୀରିତି ।**

(ଆଶ୍ୱ. ୩:୩:୧-୨, ତୈ.ଆ. ୨:୯)

ଐତରେୟ, ଶତପଥ ଇତ୍ୟାଦି ଯେଉଁ ବ୍ରାହ୍ମଣ ଗ୍ରନ୍ଥର ନାମ ପୂର୍ବରୁ ଉଲ୍ଲେଖ କରାଯାଇଛି ସେସବୁର ହିଁ ଇତିହାସ, ପୁରାଣ, କଳ୍ପ, ଗାଥା ଓ ନାରାଶଂସୀ - ଏ ପାଞ୍ଚ ନାମ । **ଶ୍ରୀମଦ୍‌ଭାଗବତ ଆଦି ବାସ୍ତବରେ ପୁରାଣ ପଦବାଚ୍ୟ ନୁହେଁ ।**

**ପ୍ରଶ୍ନ –** ତ୍ୟାଜ୍ୟ ଗ୍ରନ୍ଥଗୁଡ଼ିକରେ ଯେଉଁସବୁ ସତ୍ୟ ବିଷୟ ରହିଛି, ତାକୁ କାହିଁକି ଗ୍ରହଣ କରୁନାହାନ୍ତି ?

**ଉତ୍ତର –** ସେସବୁରେ ଯେଉଁ ସତ୍ୟ କଥାଗୁଡ଼ିକ ରହିଛି, ସେସବୁ ବେଦାଦି ସତ୍ୟ ଶାସ୍ତ୍ରମାନଙ୍କର ଏବଂ ଯେଉଁସବୁ ମିଥ୍ୟା ଅଛି ସେସବୁ ସେମାନଙ୍କ ନିଜ ଘରର । ବେଦାଦି ସତ୍ୟ ଶାସ୍ତ୍ର ଅଧ୍ୟୟନ କରିବା ଦ୍ୱାରା ସବୁ ସତ୍ୟର ପ୍ରାପ୍ତି ହୋଇଯାଏ । ତେଣୁ ଆଉ କୌଣସି ସତ୍ୟ ବିଷୟ ପାଇଁ ଏ ମିଥ୍ୟା ଗ୍ରନ୍ଥଗୁଡ଼ିକର ଅଧ୍ୟୟନ ଆବଶ୍ୟକ ନାହିଁ । ଦ୍ୱିତୀୟତଃ, ଯଦି କେହି ଏ ସବୁ ମିଥ୍ୟା ଗ୍ରନ୍ଥରୁ ସତ୍ୟ ଗ୍ରହଣ କରିବାକୁ ଚାହେଁ, ତେବେ ମିଥ୍ୟା ବି ସେମାନଙ୍କ ବେକରେ ଗୁଡ଼େଇ ହୋଇଯାଏ । ଏଣୁ **'ଅସତ୍ୟମିଶ୍ରଂ ସତ୍ୟଂ ଦୂରତସ୍ତ୍ୟାଜ୍ୟମିତି' –** ବିଷମିଶ୍ରିତ ଅନ୍ନ ତ୍ୟାଜ୍ୟ ହେଲା ଭଳି ଅସତ୍ୟ ମିଶ୍ରିତ ଗ୍ରନ୍ଥକୁ ବି ଦୂରରୁ ପରିତ୍ୟାଗ କରିଦେବା ଉଚିତ ।

**ପ୍ରଶ୍ନ –** ଆପଣଙ୍କର ମତ କ'ଣ ?

**ଉତ୍ତର –** ବୈଦିକ ଅର୍ଥାତ୍ ବେଦରେ ଯାହା-ଯାହା କରିବା ପାଇଁ ଶିକ୍ଷା ଦିଆଯାଇଛି, ସେସବୁକୁ ଯଥାଯଥ ଭାବେ କରିବା ଏବଂ ଯାହାସବୁ ଛାଡ଼ିବାକୁ କୁହାଯାଇଛି ସେସବୁକୁ ପରିତ୍ୟାଗ କରିବା ଉଚିତ ବୋଲି ମାନେ । ଯେହେତୁ ବେଦ ଆମକୁ ମାନ୍ୟ, ଏଣୁ ଆମ ମତ ହେଲା ବେଦ ମତ । ସକଳ ମନୁଷ୍ୟ, ବିଶେଷତଃ ଆର୍ଯ୍ୟମାନେ ଏପରି ହିଁ ମାନି ଏକମତ ହୋଇ ରହିବା ଉଚିତ ।

**ପ୍ରଶ୍ନ –** ଯେପରି ସତ୍ୟ-ଅସତ୍ୟ ଗ୍ରନ୍ଥ ମଧ୍ୟରେ ପାରସ୍ପରିକ ବିରୋଧ ଅଛି ଏବଂ ଅନାର୍ଷ ବା ମିଥ୍ୟା ଗ୍ରନ୍ଥଗୁଡ଼ିକ ମଧ୍ୟରେ ପାରସ୍ପରିକ ବିରୋଧ ରହିଛି, ସେହିପରି ଋଷି-ମୁନି କୃତ ଗ୍ରନ୍ଥମାନଙ୍କରେ ବି ପରସ୍ପର ବିରୋଧ ଭାବ ଅଛି । ଉଦାହରଣସ୍ୱରୂପ **–** ଛଅ ଶାସ୍ତ୍ରରେ(ଷଡ଼ଦର୍ଶନରେ)ପରସ୍ପର ବିରୋଧ ଅଛି, ଯଥା **–** 'ମୀମାଂସା' କର୍ମରୁ, 'ବୈଶେଷିକ' କାଳରୁ, 'ନ୍ୟାୟ' ପରମାଣୁରୁ, 'ଯୋଗ' ପୁରୁଷାର୍ଥରୁ, 'ସାଂଖ୍ୟ' ପ୍ରକୃତିରୁ ଓ 'ବେଦାନ୍ତ' ଶାସ୍ତ୍ର ବ୍ରହ୍ମଙ୍କଠାରୁ ସୃଷ୍ଟି ଉତ୍ପନ୍ନ ହୋଇଛି ବୋଲି ମାନେ । କ'ଣ ଏହା ବିରୋଧ ନୁହେଁ ?

**ଉତ୍ତର –** ନା । ପ୍ରଥମ କଥା ହେଲା ଯେ ସାଂଖ୍ୟ ଓ ବେଦାନ୍ତ ବ୍ୟତୀତ ଅନ୍ୟ ଚାରୋଟି ଶାସ୍ତ୍ରରେ ସୃଷ୍ଟି ଉତ୍ପତ୍ତି ବିଷୟରେ ବିଶଦ ଭାବେ କିଛି ଉଲ୍ଲେଖ କରାଯାଇନାହିଁ । ଦ୍ୱିତୀୟତଃ, ଏସବୁରେ ଯାହା ଲେଖାଯାଇଛି ସେଥିରେ

କୌଣସି ବିରୋଧ ବି ନାହିଁ । ବୋଧହୁଏ ବିରୋଧ-ଅବିରୋଧ ବିଷୟରେ ତୁମର ଜ୍ଞାନ ନାହିଁ । ମୁଁ ତୁମକୁ ପଚାରୁଛି, ବିରୋଧ କେଉଁ ସ୍ଥାନରେ ହୋଇଥାଏ ? କୌଣସି ନିର୍ଦ୍ଦିଷ୍ଟ ବିଷୟରେ ନା ଭିନ୍ନ-ଭିନ୍ନ ବିଷୟରେ ?

**ପ୍ରଶ୍ନ –** ଏକ ନିର୍ଦ୍ଦିଷ୍ଟ ବିଷୟରେ ଅନେକଙ୍କ ପରସ୍ପର-ବିରୁଦ୍ଧ କଥନକୁ ବିରୋଧ କହନ୍ତି । ଏଠାରେ ବି ତ ସୃଷ୍ଟି ଏକ ନିର୍ଦ୍ଦିଷ୍ଟ ବିଷୟ ।

**ଉତ୍ତର –** ଆଚ୍ଛା, ବିଦ୍ୟା ଏକ ନା ଦୁଇ ?

**ପ୍ରଶ୍ନ – ଏକ ।**

**ଉତ୍ତର –** ଯଦି ବିଦ୍ୟା ଏକ ତେବେ ବ୍ୟାକରଣ, ବୈଦ୍ୟକ, ଜ୍ୟୋତିଷ ଆଦି ଭିନ୍ନ-ଭିନ୍ନ ବିଷୟ କାହିଁକି ଅଛି ? ଯେପରି ଏକ ବିଦ୍ୟା ଭିତରେ ବିଦ୍ୟାର ଅନେକ ଅବୟବ ଗୋଟିଏ ଅନ୍ୟଟିଠାରୁ ଭିନ୍ନ ପ୍ରତିପାଦିତ ହୋଇଥାଏ, ସେହିପରି ସୃଷ୍ଟି-ବିଦ୍ୟାର ଭିନ୍ନ-ଭିନ୍ନ ଛଅ ଅବୟବ ଛଅ ଶାସ୍ତ୍ରରେ ପ୍ରତିପାଦନ କରାଯାଇଥିବାରୁ ଏହାକୁ କଦାପି ପାରସ୍ପରିକ ବିରୋଧ ବୋଲି କୁହାଯିବ ନାହିଁ । ଯେଉଁପରି ହାଣ୍ଡି ତିଆରି କରିବାରେ କର୍ମ, ସମୟ, ମାଟି, ବିଚାର, ସଂଯୋଗ-ବିଯୋଗ ଆଦି ପୁରୁଷାର୍ଥ, ପ୍ରକୃତିର ଗୁଣ ଓ କୁମ୍ଭାର କାରଣ ଅଟନ୍ତି; ସେହିପରି ସୃଷ୍ଟିର କାରଣ ହୋଇଥିବା କର୍ମର ବ୍ୟାଖ୍ୟା 'ମୀମାଂସା'ରେ, ସମୟର ବ୍ୟାଖ୍ୟା 'ବୈଶେଷିକ'ରେ, ଉପାଦାନ କାରଣର ବ୍ୟାଖ୍ୟା 'ନ୍ୟାୟ'ରେ, ପୁରୁଷାର୍ଥର ବ୍ୟାଖ୍ୟା 'ଯୋଗ'ରେ, ତତ୍ତ୍ୱ ଅନୁକ୍ରମରେ ପରିଗଣନର ବ୍ୟାଖ୍ୟା 'ସାଂଖ୍ୟ'ରେ ଓ ନିମିତ୍ତ କାରଣ ପରମେଶ୍ୱରଙ୍କ ବ୍ୟାଖ୍ୟା 'ବେଦାନ୍ତ-ଶାସ୍ତ୍ର'ରେ କରାଯାଇଛି । ଏଣୁ ଏସବୁ ମଧ୍ୟରେ କୌଣସି ବି ବିରୋଧ ନାହିଁ । ଯେପରି ଆୟୁର୍ବେଦ ଶାସ୍ତ୍ରରେ ନିଦାନ, ଚିକିତ୍ସା, ଔଷଧ ଦାନ ଓ ପଥ୍ୟର ପ୍ରକରଣ ଭିନ୍ନ-ଭିନ୍ନ ଭାବେ କୁହାଯାଇଛି, କିନ୍ତୁ ସବୁର ଉଦ୍ଦେଶ୍ୟ ରୋଗର ନିବୃତ୍ତି, ସେହିପରି ସୃଷ୍ଟିର ଛଅଟି କାରଣ । ଏ ମଧ୍ୟରୁ ଗୋଟିଏ-ଗୋଟିଏ କାରଣର ବ୍ୟାଖ୍ୟା ଏକ-ଏକ ଶାସ୍ତ୍ରକାର କରିଛନ୍ତି । ଏଣୁ ଏସବୁ ମଧ୍ୟରେ କୌଣସି ବିରୋଧ ନାହିଁ । ଏ ବିଷୟରେ ବିଶେଷ ଆଲୋଚନା ସୃଷ୍ଟି ପ୍ରକରଣରେ କରାଯିବ ।

ବିଦ୍ୟା ପଢ଼ିବା-ପଢ଼ାଇବାରେ ଯାହାସବୁ ବିଘ୍ନ-ପ୍ରତିବନ୍ଧକ, ସେସବୁକୁ ତ୍ୟାଗ କରିବେ । ଯଥା – କୁସଙ୍ଗ ବା ଦୁଷ୍ଟ ବିଷୟୀ ଲୋକଙ୍କ ସଙ୍ଗ; ଦୁଷ୍ଟ ବ୍ୟସନ, ଯଥା-ମଦ୍ୟାଦି ସେବନ ଓ ବେଶ୍ୟାଗମନ ଆଦି; ବାଲ୍ୟବିବାହ ଅର୍ଥାତ୍ ୨୫ ବର୍ଷ ବୟସ ପୂର୍ବରୁ ପୁଅର ଓ ୧୬ ବର୍ଷ ବୟସ ପୂର୍ବରୁ ଝିଅର ବିବାହ; ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ ନକରିବା; ଶାସକ, ମାତା, ପିତା ଓ ବିଦ୍ୱାନମାନଙ୍କର ବେଦାଦି ଶାସ୍ତ୍ର ପ୍ରଚାରରେ ଅଶ୍ରଦ୍ଧା; ଅତି ଭୋଜନ, ଅତି ଜାଗରଣ; ପଢ଼ିବା-ପଢ଼େଇବା ଓ ପରୀକ୍ଷା ଦେବା-ନେବାରେ ଆଳସ୍ୟ ବା କପଟ କରିବା, ବିଦ୍ୟାର ଲାଭକୁ ସର୍ବଶ୍ରେଷ୍ଠ ବୋଲି ବିଚାର ନ କରିବା; ବ୍ରହ୍ମଚର୍ଯ୍ୟ ଦ୍ୱାରା ବଳ, ବୁଦ୍ଧି, ପରାକ୍ରମ, ଆରୋଗ୍ୟ, ରାଜ୍ୟ ଓ ଧନର ବୃଦ୍ଧି ହୁଏ ବୋଲି ବିଶ୍ୱାସ ନ କରିବା; ଈଶ୍ୱରଙ୍କ ଧ୍ୟାନ ଛାଡ଼ି ଅନ୍ୟ ପାଷାଣାଦି ଜଡ଼ ମୂର୍ତ୍ତିର ଦର୍ଶନ-ପୂଜନରେ ବ୍ୟର୍ଥ ସମୟ ନଷ୍ଟ କରିବା; ମାତା, ପିତା, ଆଚାର୍ଯ୍ୟ, ଅତିଥି ଓ ବିଦ୍ୱାନ୍ ଏହି ସତ୍ୟ ମୂର୍ତ୍ତିମାନଙ୍କ ସେବା ଓ ସତ୍ସଙ୍ଗ ନ କରିବା; ବର୍ଣ୍ଣାଶ୍ରମ ଧର୍ମ ଛାଡ଼ି ଊର୍ଦ୍ଧ୍ୱପୁଣ୍ଡ୍ର, ତ୍ରିପୁଣ୍ଡ୍ର, ତିଳକ, କଣ୍ଠି, ମାଳା ଧାରଣ ତଥା ଏକାଦଶୀ, ତ୍ରୟୋଦଶୀ ଆଦି ବ୍ରତ ଅନୁଷ୍ଠାନ; କାଶୀ ପ୍ରଭୃତି ତୀର୍ଥ ଓ ରାମ, କୃଷ୍ଣ, ନାରାୟଣ, ଶିବ, ଭଗବତୀ, ଗଣେଶ ଇତ୍ୟାଦିଙ୍କ ନାମସ୍ମରଣ ଦ୍ୱାରା ପାପ ଦୂର ହେବାର ବିଶ୍ୱାସ; ପାଷାଣ୍ଡମାନଙ୍କ ଉପଦେଶରେ ବିଦ୍ୟା ପଢ଼ିବାରେ ଅଶ୍ରଦ୍ଧା ତଥା ବିଦ୍ୟା, ଧର୍ମ, ଯୋଗ, ପରମେଶ୍ୱରଙ୍କ ଉପାସନା ବିନା ମିଥ୍ୟା ପୁରାଣ ନାମକ ଭାଗବତ ଆଦିର କଥା ଶ୍ରବଣରେ ମୁକ୍ତି ମିଳେ ବୋଲି ମାନିବା; ଲୋଭବଶତଃ ଧନ ଅର୍ଜନରେ ପ୍ରବୃତ୍ତ ହୋଇ ବିଦ୍ୟାରେ ପ୍ରୀତି ନ ରଖିବା; ଏଣେ-ତେଣେ ବ୍ୟର୍ଥ ଭ୍ରମଣ କରିବା ଇତ୍ୟାଦି; ଏ ସମସ୍ତ

ମିଥ୍ୟା ବ୍ୟବହାରରେ ଛନ୍ଦି ହୋଇ ଲୋକେ ବ୍ରହ୍ମଚର୍ଯ୍ୟ ଓ ବିଦ୍ୟା ଲାଭରୁ ବଞ୍ଚିତ ହୋଇ ରୋଗୀ ଓ ମୂର୍ଖ ହୋଇ ରହିଥାନ୍ତି ।

ଆଜିକାଲିର ସମ୍ପ୍ରଦାୟୀ ଓ ସ୍ୱାର୍ଥୀ ବ୍ରାହ୍ମଣ ଆଦି ଲୋକେ ଅନ୍ୟମାନଙ୍କୁ ବିଦ୍ୟା-ସତ୍‌ସଙ୍ଗରୁ ଦୂରେଇ ଓ ନିଜ ଜାଲରେ ଫସେଇ ସେମାନଙ୍କ ତନୁ, ମନ ଓ ଧନ ନଷ୍ଟ କରିଦେଉଛନ୍ତି । ଏମାନଙ୍କ ଆଶଙ୍କା ଯେ ଯଦି କ୍ଷତ୍ରିୟାଦି ବର୍ଣ୍ଣ ପାଠ ପଢ଼ି ବିଦ୍ୱାନ୍ ହୋଇଯିବେ, ତେବେ ଆମର ପାଖଣ୍ଡ ଜାଲରୁ ମୁକୁଳି ଯାଇ ଓ ଆମର ଛଳ-କପଟକୁ ଜାଣିପାରି ଆମର ଅପମାନ କରିବେ ଇତ୍ୟାଦି । ଅତଃ ରାଜା ଓ ପ୍ରଜା ଏ ସକଳ ବାଧା-ପ୍ରତିବନ୍ଧକକୁ ଦୂର କରି ନିଜ ସନ୍ତାନ-ସନ୍ତତିଙ୍କୁ ବିଦ୍ୱାନ୍ କରିବା ନିମନ୍ତେ ତନୁ, ମନ, ଧନରେ ପ୍ରଯତ୍ନ କରିବା ବିଧେୟ ।

**ପ୍ରଶ୍ନ –** କ'ଣ ସ୍ତ୍ରୀ ଓ ଶୂଦ୍ରମାନେ ବି ବେଦ ପଢ଼ିବେ ? ଯଦି ଏମାନେ ବେଦ ପଢ଼ିବେ ତେବେ ଆମେ ଫେରେ କ'ଣ କରିବୁ ? ତା'ଛଡ଼ା ଏମାନଙ୍କ ବେଦ ପଢ଼ିବା ସପକ୍ଷରେ ପ୍ରମାଣ ବି ତ ନାହିଁ, ବରଂ ଏମାନଙ୍କୁ ବେଦାଧ୍ୟୟନରେ ନିଷେଧ ଅଛି –**'ସ୍ତ୍ରୀଶୂଦ୍ରୌ ନାଧୀୟାତାମିତି ଶ୍ରୁତେଃ ।'**(ବେଦାନ୍ତ. ଶାଙ୍କରଭାଷ୍ୟ. ୧:୩:୪) – ସ୍ତ୍ରୀ ଓ ଶୂଦ୍ର ବେଦ ପଢ଼ିବେ ନାହିଁ – ଏହା ଶ୍ରୁତିର ସିଦ୍ଧାନ୍ତ ।

**ଉତ୍ତର – ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କର ଅର୍ଥାତ୍ ମନୁଷ୍ୟମାତ୍ରକେ ପ୍ରତ୍ୟେକଙ୍କର ବେଦ ପଢ଼ିବାର ଅଧିକାର ଅଛି ।** ଆଉ ତୁମେ କୂଅରେ ପଡ଼ । ତୁମର ଏ 'ଶ୍ରୁତି' କପୋଳକଳ୍ପିତ । ଏହା କୌଣସି ପ୍ରାମାଣିକ ଗ୍ରନ୍ଥର ବଚନ ନୁହେଁ । ତା' ଛଡ଼ା ବେଦାଦି ଶାସ୍ତ୍ର ପଢ଼ିବା-ଶୁଣିବାର ଅଧିକାର ସକଳ ମନୁଷ୍ୟଙ୍କର ଅଛି ବୋଲି ପ୍ରମାଣ ଯଜୁର୍ବେଦରେ ରହିଛି –

**ଯଥେମାଂ ବାଚଂ କଲ୍ୟାଣୀମାବଦାନି ଜନେଭ୍ୟଃ ।**
**ବ୍ରହ୍ମରାଜନ୍ୟାଭ୍ୟାଂ ଶୂଦ୍ରାୟ ଚାର୍ଯ୍ୟାୟ ଚ ସ୍ୱାୟ ଚାରଣାୟ ॥** (ଯଜୁଃ. ୨୬:୨)

ପରମେଶ୍ୱର କହୁଛନ୍ତି କି **(ଯଥା)** ଯେପରି ମୁଁ **(ଜନେଭ୍ୟଃ)** ସକଳ ମନୁଷ୍ୟଙ୍କ ପାଇଁ **(ଇମାମ୍)** ଏହି **(କଲ୍ୟାଣୀମ୍)** କଲ୍ୟାଣୀ ଅର୍ଥାତ୍ ସାଂସାରିକ ସୁଖ ଓ ମୁକ୍ତିର ଆନନ୍ଦ ପ୍ରଦାୟିନୀ **(ବାଚମ୍)** ଋଗ୍‌ବେଦାଦି ଚାରି ବେଦର ବାଣୀ **(ଆବଦାନି)** ଉପଦେଶ ଦେଇଛି, ସେପରି ତୁମେ ବି ଉପଦେଶ ଦିଅ ।

**ପ୍ରଶ୍ନ –**ଏଠାରେ କେହି ଏପରି ତର୍କ ବି ଦେଇପାରେ ଯେ 'ଜନ' ଶବ୍ଦ ଦ୍ୱିଜ ଅର୍ଥରେ ଗ୍ରହଣ କରିବା ଉଚିତ, କାରଣ ସ୍ମୃତି ଆଦି ଗ୍ରନ୍ଥରେ ଉଲ୍ଲେଖ ଅଛି ଯେ, ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟଙ୍କର ହିଁ ବେଦପାଠରେ ଅଧିକାର ଅଛି; ସ୍ତ୍ରୀ ଓ ଶୂଦ୍ରାଦିଙ୍କର ନାହିଁ ।

**ଉତ୍ତର – (ବ୍ରହ୍ମରାଜନ୍ୟାଭ୍ୟାମ୍)** ଦେଖ ! ପରମେଶ୍ୱର ସ୍ୱୟଂ କହୁଛନ୍ତି ଯେ ମୁଁ ବ୍ରାହ୍ମଣ, କ୍ଷତ୍ରିୟ, **(ଅର୍ଯ୍ୟାୟ)** ବୈଶ୍ୟ, **(ଶୂଦ୍ରାୟ)** ଶୂଦ୍ର ଓ **(ସ୍ୱାୟ)** ସ୍ୱ ଭୃତ୍ୟ ବା ସ୍ତ୍ରୀ ଆଦି ଏବଂ **(ଅରଣାୟ)** ଅତିଶୂଦ୍ରାଦିଙ୍କ ପାଇଁ ମଧ୍ୟ ବେଦ ପ୍ରକାଶିତ କରିଅଛି । ଅର୍ଥାତ୍ **ସକଳ ମନୁଷ୍ୟ ବେଦର ଅଧ୍ୟୟନ-ଅଧ୍ୟାପନା ଓ ଶ୍ରବଣ-ଶ୍ରାବଣ ଦ୍ୱାରା ଜ୍ଞାନ-ବିଜ୍ଞାନ ବୃଦ୍ଧି କରି, ଭଲ କଥା ଗ୍ରହଣ ଓ ଖରାପ କଥା ତ୍ୟାଗ କରି ଦୁଃଖରୁ ଉଦ୍ଧାର ପାଇ ଆନନ୍ଦ ଲାଭ କରନ୍ତୁ ।** ବର୍ତ୍ତମାନ କୁହ ! ତୁମ କଥା ମାନିବା ନା ପରମେଶ୍ୱରଙ୍କ କଥା ? ପରମେଶ୍ୱରଙ୍କ କଥା ଅବଶ୍ୟ ମାନନୀୟ । ଏହା ସତ୍ତ୍ୱେ ଯଦି କେହି ଏହାକୁ ନ ମାନେ ତେବେ ତାକୁ **'ନାସ୍ତିକ'** କୁହାଯିବ, କାରଣ **'ନାସ୍ତିକୋ ବେଦନିନ୍ଦକଃ'** (ମନୁ. ୨:୧୧) – ବେଦର ନିନ୍ଦକ ଓ ବେଦକୁ ମାନୁ ନ ଥିବା ବ୍ୟକ୍ତିକୁ **'ନାସ୍ତିକ'** କୁହାଯାଏ ।

**କ'ଣ ପରମେଶ୍ୱର ଶୂଦ୍ରଙ୍କ କଲ୍ୟାଣ ଚାହାଁନ୍ତି ନାହିଁ ? ଈଶ୍ୱର କ'ଣ ପକ୍ଷପାତୀ ଯେ ବେଦ ପଢ଼ିବା-ଶୁଣିବା ଦ୍ୱିଜଙ୍କ ପାଇଁ ବିଧି ଓ ଶୂଦ୍ରଙ୍କ ପାଇଁ ନିଷେଧ କରିବେ ? ଯଦି ଶୂଦ୍ରାଦିଙ୍କୁ ପଢ଼ାଇବା-ଶୁଣାଇବା**

**ପରମେଶ୍ୱରଙ୍କ ଅଭିପ୍ରାୟ ନଥାନ୍ତା, ତେବେ ଏମାନଙ୍କ ଶରୀରରେ ବାଣୀ ଓ କାନ କାହିଁକି ତିଆରି କରିଥାନ୍ତେ ? ପରମାତ୍ମା ଯେପରି ପୃଥିବୀ, ଜଳ, ଅଗ୍ନି, ବାୟୁ, ଚନ୍ଦ୍ର, ସୂର୍ଯ୍ୟ ଓ ଅନ୍ନାଦି ପଦାର୍ଥ ସମସ୍ତଙ୍କ ପାଇଁ ତିଆରି କରିଛନ୍ତି, ସେହିପରି ବେଦ ବି ସମସ୍ତଙ୍କ ପାଇଁ ପ୍ରକାଶିତ କରିଛନ୍ତି । ଆଉ ଯଦି ଶାସ୍ତ୍ରରେ କେଉଁଠି ଶୂଦ୍ରର ବେଦପାଠ କଥା ନିଷେଧ କରାଯାଇଛି, ତେବେ ତା'ର ଅଭିପ୍ରାୟ ଅଲଗା । ସେ କଥନର ଅଭିପ୍ରାୟ ହେଲା ଯେ, ପଢ଼ିବା-ପଢ଼ାଇବା ଦ୍ୱାରା ମଧ୍ୟ ଯାହାକୁ କିଛି ବି ଆସେ ନାହିଁ, ସେ ବୁଦ୍ଧିହୀନ ଓ ମୂର୍ଖ ହୋଇଥିବାରୁ ତାକୁ ଶୂଦ୍ର କୁହାଯାଏ । ତାକୁ ସ୍ୱର, ଶବ୍ଦ-ଅର୍ଥ-ସମ୍ବନ୍ଧ ସହ ବେଦ ପଢ଼ାଇବା ବୃଥା; ସମୟ ଓ ଶ୍ରମର ଅପବ୍ୟୟ ମାତ୍ର । ବୈଦିକ ସିଦ୍ଧାନ୍ତ ସମ୍ବନ୍ଧୀୟ ବ୍ୟାବହାରିକ ଜ୍ଞାନ ତ ଶୂଦ୍ରକୁ ବି ଦିଆଯିବା ଉଚିତ । ଆଉ ସ୍ତ୍ରୀଲୋକଙ୍କ ବେଦ ପଢ଼ିବା ବିଷୟକୁ ତୁମେ ଯେଉଁ ନିଷେଧ କରୁଛ, ତାହା ତୁମର ମୂର୍ଖତା, ସ୍ୱାର୍ଥପରତା ଓ ବୁଦ୍ଧିହୀନତାର ଉପଜ ।** ଦେଖ କନ୍ୟାମାନଙ୍କର ବେଦାଧ୍ୟୟନ ସମ୍ପର୍କରେ ବେଦର ପ୍ରମାଣ **–**

**ବ୍ରହ୍ମଚର୍ଯ୍ୟେଣ କନ୍ୟା ଯୁବାନଂ ବିନ୍ଦତେ ପତିମ୍ ।** (ଅଥର୍ବ. ୧୧:୫:୧୮)

ବାଳକ ଯେପରି ବ୍ରହ୍ମଚର୍ଯ୍ୟ ଆଶ୍ରମର ଅନୁଷ୍ଠାନ ଦ୍ୱାରା ପୂର୍ଣ୍ଣ ବିଦ୍ୟା ଓ ସୁଶିକ୍ଷା ପ୍ରାପ୍ତ ହୋଇ ଯୁବାବସ୍ଥା ପ୍ରାପ୍ତ ହେବା ପରେ ଯୁବତୀ, ବିଦୁଷୀ, ନିଜର ଅନୁକୂଳ, ପ୍ରିୟ, ଗୁଣ-କର୍ମରେ ସଦୃଶ କନ୍ୟା ସହ ବିବାହ କରେ, ସେହିପରି **(କନ୍ୟା)** କୁମାରୀ **(ବ୍ରହ୍ମଚର୍ଯ୍ୟେଣ)** ବ୍ରହ୍ମଚର୍ଯ୍ୟାଶ୍ରମ ଅନୁଷ୍ଠାନ ଦ୍ୱାରା ବେଦାଦି ଶାସ୍ତ୍ର ଅଧ୍ୟୟନ କରି, ପୂର୍ଣ୍ଣ ବିଦ୍ୟା ଓ ଉତ୍ତମ ଶିକ୍ଷା ଲାଭ କରି, ଯୁବତୀ ହୋଇ, ପୂର୍ଣ୍ଣ ଯୁବାବସ୍ଥାରେ ନିଜ ସଦୃଶ, ପ୍ରିୟ, ବିଦ୍ୱାନ୍ ଓ **(ଯୁବାନମ୍-ପତିମ୍)** ପୂର୍ଣ୍ଣ ଯୌବନାବସ୍ଥା ଯୁକ୍ତ ପୁରୁଷକୁ **(ବିନ୍ଦତେ)** ପ୍ରାପ୍ତ ହେବେ । ଅତଏବ **ସ୍ତ୍ରୀଲୋକମାନେ ବି ବ୍ରହ୍ମଚର୍ଯ୍ୟ ପାଳନ ଓ ବିଦ୍ୟା ଅଧ୍ୟୟନ ନିଶ୍ଚିତ ରୂପେ କରିବା ଉଚିତ ।**

**ପ୍ରଶ୍ନ –** ତେବେ କ'ଣ ମହିଳାମାନେ ବି ବେଦ ପଢ଼ିବେ ?

**ଉତ୍ତର –** ନିଶ୍ଚୟ । ଦେଖ, ଶ୍ରୌତସୂତ୍ରାଦିରେ ଅଛି –

**ଇମଂ ମନ୍ତ୍ରଂ ପତ୍ନୀ ପଠେତ୍ ।** (ଶାଂଖ୍ୟା. ଶ୍ରୌତ. ୧:୧୫:୧୩)

ଯଜ୍ଞରେ ଏହି ମନ୍ତ୍ର ସ୍ତ୍ରୀ ପଢ଼ିବେ । ଯଦି ସ୍ତ୍ରୀ ବେଦାଦି ଶାସ୍ତ୍ର ପଢ଼ିନଥିବେ, ତେବେ ଯଜ୍ଞରେ ମନ୍ତ୍ରର ସ୍ୱର ସହିତ ଉଚ୍ଚାରଣ ଓ ସଂସ୍କୃତରେ କଥାବାର୍ତ୍ତା କିପରି କରିପାରିବେ ? ଭାରତବର୍ଷର ନାରୀସମାଜର ମଥାମଣି ସ୍ୱରୂପା ଗାର୍ଗୀ ପ୍ରଭୃତି ବେଦାଦି ଶାସ୍ତ୍ର ଅଧ୍ୟୟନ କରି ପୂର୍ଣ୍ଣ ବିଦୁଷୀ ହୋଇଥିଲେ, ଏହା 'ଶତପଥ ବ୍ରାହ୍ମଣ' (୧୪:୬:୬)ରେ ସ୍ପଷ୍ଟ ଉଲ୍ଲେଖ ଅଛି । ଆଉ ଯଦି ପରିବାରରେ ସ୍ୱାମୀ ବିଦ୍ୱାନ୍ ଓ ସ୍ତ୍ରୀ ଅପାଠୋଇ କିମ୍ବା ସ୍ତ୍ରୀ ବିଦୁଷୀ ଓ ସ୍ୱାମୀ ଅବିଦ୍ୱାନ୍ ହୁଅନ୍ତି ତେବେ ଘରେ ପ୍ରତିଦିନ ଦେବାସୁର-ସଂଗ୍ରାମ ଚାଲିବ, ଆଉ ସୁଖ-ଶାନ୍ତି ରହିବ କେଉଁଠି ? ତା' ଛଡ଼ା ଯଦି ନାରୀମାନେ ପାଠ ନ ପଢ଼ନ୍ତି ତେବେ ବାଳିକାଙ୍କ ପାଠଶାଳାରେ ଶିକ୍ଷୟିତ୍ରୀ କେମିତି ହେବେ, ବାଳିକା ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ଚାଲିବ କେମିତି ? ତା' ସହ ପ୍ରଶାସନ, ନ୍ୟାୟାଳୟର କାର୍ଯ୍ୟ ଏବଂ ଗୃହାଶ୍ରମର କାର୍ଯ୍ୟ, ଯଥା **–** ପତିଙ୍କୁ ତାଙ୍କ କର୍ମରେ ସହଯୋଗ, ଅନୁକୂଳ କର୍ମଦ୍ୱାରା ପ୍ରସନ୍ନତା ସମ୍ପାଦନ, ଗୃହର ଯାବତୀୟ କର୍ମର ନିରୀକ୍ଷଣ ଓ ସମ୍ପାଦନ ଇତ୍ୟାଦି କର୍ମ ବିନା ବିଦ୍ୟାରେ ତ ଉତ୍ତମ ରୂପେ କେବେ ବି ସମ୍ପନ୍ନ ହୋଇପାରିବ ନାହିଁ ।

**ଦେଖ ! ଆର୍ଯ୍ୟାବର୍ତ୍ତର ରାଜପୁରୁଷମାନଙ୍କ ସ୍ତ୍ରୀମାନେ 'ଧନୁର୍ବେଦ' ଅର୍ଥାତ୍ ଯୁଦ୍ଧବିଦ୍ୟା ବି ଭଲ ଭାବେ ଜାଣିଥିଲେ ।** କାହିଁକିନା, ଯଦି ଜାଣି ନ ଥାନ୍ତେ ତେବେ କୈକେୟୀ ଆଦି ଦଶରଥ ପ୍ରଭୃତିଙ୍କ ସହ ଯୁଦ୍ଧକୁ କେମିତି ଯାଇଥାନ୍ତେ ଓ ଯୁଦ୍ଧ କରିଥାନ୍ତେ ? ଏଣୁ ବ୍ରାହ୍ମଣୀ ସକଳ ବିଦ୍ୟା, କ୍ଷତ୍ରିୟା ସବୁ ବିଦ୍ୟା ବିଶେଷ ରୂପେ ଯୁଦ୍ଧବିଦ୍ୟା ଓ

ରାଜବିଦ୍ୟା, ବୈଶ୍ୟା ବ୍ୟବହାର-ବିଦ୍ୟା ଏବଂ ଶୂଦ୍ରା ପାକାଦି ସେବା କରିବା ବିଦ୍ୟା ଅବଶ୍ୟ ଶିକ୍ଷା କରିବା ଉଚିତ । ପୁରୁଷମାନେ ଯେପରି ଅନ୍ୟୂନ ପକ୍ଷେ ବ୍ୟାକରଣ, ଧର୍ମ ଓ ନିଜର ଆଜୀବିକା ବ୍ୟବହାର ସମ୍ବନ୍ଧୀୟ ବିଦ୍ୟା ଅବଶ୍ୟ ପଢ଼ିବା ଉଚିତ, ମହିଳାମାନେ ମଧ୍ୟ ସେହିପରି ବ୍ୟାକରଣ, ଧର୍ମ, ଆୟୁର୍ବେଦ, ଗଣିତ, ଶିଳ୍ପବିଦ୍ୟା ତ ନିଶ୍ଚିତ ରୂପେ ଶିକ୍ଷା କରିବା ଦରକାର । କାରଣ ଏ ସବୁ ନ ଶିଖିଲେ ସତ୍ୟ-ଅସତ୍ୟର ନିର୍ଣ୍ଣୟ; ପତି ଆଦିଙ୍କ ସହ ଅନୁକୂଳ ବ୍ୟବହାର; ଯଥାଯୋଗ୍ୟ ସନ୍ତାନୋତ୍ପତ୍ତି, ସେମାନଙ୍କ ଲାଳନ-ପାଳନ, ସମ୍ବର୍ଦ୍ଧନ ଓ ସୁଶିକ୍ଷା ପ୍ରଦାନ; ଘରର ସବୁ କାମ ଯଥାଯଥ ରୂପେ କରିବା-କରାଇବା; ଆୟୁର୍ବେଦ ବିଦ୍ୟାନୁସାରେ ଔଷଧ ଭଳି ଖାଦ୍ୟ-ପାନୀୟ ତିଆରି କରିବା ଓ କରାଇବା; ଯଦ୍ଵାରା କି ଘରକୁ କେବେ ରୋଗ ପଶିପାରିବ ନାହିଁ ଓ ପରିବାରର ସମସ୍ତେ ଆନନ୍ଦରେ ରହିବେ, ଇତ୍ୟାଦି କାମ କରିପାରିବେ ନାହିଁ । ନାରୀମାନେ ଶିଳ୍ପବିଦ୍ୟା ନ ଶିଖିଲେ ଘର ତିଆରି କରିବା-କରେଇବା, ବସନ-ଭୂଷଣ ଆଦି ତିଆରି କରିବା-କରାଇବା; ଗଣିତ ବିଦ୍ୟା ନ ଜାଣିଲେ ସବୁ ହିସାବପତ୍ର ବୁଝିବା-ବୁଝେଇବା; ବେଦାଦି ଶାସ୍ତ୍ରବିଦ୍ୟା ନ ଶିଖିଲେ ଈଶ୍ୱର ଓ ଧର୍ମକୁ ଜାଣି ଅଧର୍ମରୁ ଦୂରେଇ ରହିବା ଆଦି କାର୍ଯ୍ୟଗୁଡ଼ିକ କେବେ ବି ସୁଚାରୁ ରୂପେ ସମ୍ପାଦନ କରିପାରିବେ ନାହିଁ ।

ଏଣୁ ସେମାନେ ହିଁ ଧନ୍ୟ ଓ କୃତକୃତ୍ୟ ଅଟନ୍ତି ଯେଉଁମାନେ ବ୍ରହ୍ମଚର୍ଯ୍ୟ, ଉତ୍ତମ ଶିକ୍ଷା ଓ ବିଦ୍ୟା ଦ୍ୱାରା ନିଜ ସନ୍ତାନଙ୍କ ଶରୀର ଓ ଆତ୍ମାର ବଳକୁ ବୃଦ୍ଧି କରନ୍ତି, ଯଦ୍ଵାରା କି ସେ ସନ୍ତାନମାନେ ମାତା, ପିତା, ପତି, ଶାଶୁ, ଶ୍ୱଶୁର, ରାଜା, ପ୍ରଜା, ପଡ଼ୋଶୀ, ଇଷ୍ଟମିତ୍ର ଓ ସନ୍ତାନ ପ୍ରଭୃତିଙ୍କ ସହ ଧର୍ମପୂର୍ବକ ଯଥାଯୋଗ୍ୟ ବ୍ୟବହାର କରିବେ । ଏହି ବିଦ୍ୟା କୋଷ ଅକ୍ଷୟ । ଏହାକୁ ଯେତେ ବ୍ୟୟ କରାଯାଏ, ଏହା ସେତେ ଅଧିକ ବଢ଼ିଚାଲେ । ଅନ୍ୟ ସବୁ କୋଷ ବ୍ୟୟ କଲେ କମିଯାଏ ଏବଂ ଉତ୍ତରାଧିକାରୀ ଥିବା ଭାଗୀଦାରମାନେ ବି ନିଜ ଭାଗ ନେଇଯାଆନ୍ତି; କିନ୍ତୁ ବିଦ୍ୟା କୋଷକୁ ଚୋର କି ଭାଗୀଦାର କେହି ବି ନେଇପାରନ୍ତି ନାହିଁ । ଏହି କୋଷର ରକ୍ଷା ଓ ବୃଦ୍ଧି କରିବାର  ବିଶେଷ ଦାୟିତ୍ୱ ରାଜାଙ୍କର ଓ ପ୍ରଜାଙ୍କର ବି ଦାୟିତ୍ୱ ଅଛି ।

**କନ୍ୟାନାଂ ସମ୍ପ୍ରଦାନଂ ଚ କୁମାରାଣାଂ ଚ ରକ୍ଷଣମ୍ ।** (ମନୁ. ୭:୧୫୨)

ପ୍ରତ୍ୟେକ ବାଳକ-ବାଳିକାଙ୍କୁ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ଆଶ୍ରମରେ ରଖି ବିଦ୍ୱାନ୍ କରାଇବା ରାଜାଙ୍କ କର୍ତ୍ତବ୍ୟ । ରାଜାଙ୍କ ଆଦେଶ ଅନୁସାରେ ୮ ବର୍ଷ ବୟସ ପରେ କୌଣସି ବାଳକ-ବାଳିକା ମାତା-ପିତାଙ୍କ ପାଖରେ ଘରେ ରହିପାରିବେ ନାହିଁ, ଗୁରୁକୁଳରେ ରହିବେ । ସମାବର୍ତ୍ତନ ସମୟ ନ ଆସିବା ପର୍ଯ୍ୟନ୍ତ କାହାରି ବିବାହ ହୋଇପାରିବ ନାହିଁ । ଯେଉଁ ମାତା-ପିତା ରାଜାଙ୍କ ଏହି ଆଦେଶ ଅମାନ୍ୟ କରିବେ ସେମାନେ ଦଣ୍ଡିତ ହେବେ ।

**ସର୍ବେଷାମେବ ଦାନାନାଂ ବ୍ରହ୍ମଦାନଂ ବିଶିଷ୍ୟତେ ।**
**ବାର୍ୟନ୍ନଗୋମହୀବାସସ୍ତିଲକାଞ୍ଚନସର୍ପିଷାମ୍ ।।** (ମନୁ. ୪:୨୩୩)

ସଂସାରରେ ଜଳ, ଅନ୍ନ, ଗୋ, ଭୂମି, ବସ୍ତ୍ର, ତିଳ, ସୁବର୍ଣ୍ଣ ଓ ଘୃତ ଇତ୍ୟାଦି ଯେତେ ପ୍ରକାର ଦାନ ଅଛି ଏ ସମସ୍ତ ଦାନ ମଧ୍ୟରେ 'ବେଦବିଦ୍ୟା'ର ଦାନ ସର୍ବଶ୍ରେଷ୍ଠ ଦାନ ।

ଏଣୁ ଯାହାଦ୍ୱାରା ଯେତେ ଅଧିକ ପ୍ରଯତ୍ନ ଓ ଧନ ବ୍ୟୟ ସମ୍ଭବ ବିଦ୍ୟା ବୃଦ୍ଧି ପାଇଁ ସେତିକି ଅବଶ୍ୟ କରିବେ । ଯେଉଁ ଦେଶରେ ଯଥାଯୋଗ୍ୟ ବ୍ରହ୍ମଚର୍ଯ୍ୟ, ବିଦ୍ୟା ଓ ବେଦୋକ୍ତ ଧର୍ମର ପ୍ରଚାର ହୁଏ, ସେ ଦେଶ ସେତେ ସୁଖ-ସମୃଦ୍ଧି ସମ୍ପନ୍ନ ହୋଇଥାଏ ।

ଏଠରେ ବ୍ରହ୍ମଚର୍ଯ୍ୟାଶ୍ରମର ଶିକ୍ଷା ସମ୍ପର୍କରେ ସଂକ୍ଷେପରେ ଲେଖାଗଲା । ଆଗକୁ, ଚତୁର୍ଥ ସମୁଲ୍ଲାସରେ ସମାବର୍ତ୍ତନ, ବିବାହ ଓ ଗୃହସ୍ଥାଶ୍ରମ ଶିକ୍ଷା ବିଷୟରେ ଲେଖାଯିବ ।

**ଇତି ଶ୍ରୀମଦ୍‌ଦୟାନନ୍ଦସରସ୍ୱତୀସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ**

**ସୁଭାଷାବିଭୂଷିତେ ଶିକ୍ଷାବିଷୟେ**

**ତୃତୀୟଃ ସମୁଲ୍ଲାସଃ ସମ୍ପୂର୍ଣ୍ଣଃ ॥୩॥**

ଭାଷାନ୍ତର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

❖❖❖

**୩୮ ପୃଷ୍ଠାର ଅବଶିଷ୍ଟାଂଶ**

| | | | |
|---|---|---|---|
| ଇଂ. ଅଭିମନ୍ୟୁ ମହାରଣା | କୋରାପୁଟ | ୦୬ | ୦୬ |
| ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୦୬ | ୦୬ |
| ଶ୍ରୀମାନ୍ ଦିବାକର ବାରିକ | ସୁନ୍ଦରଗଡ଼ | ୦୧ | ୫୩ |
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୬ | ୦୩ |
| ଶ୍ରୀମାନ୍ ଅରୁଣ ନାୟକ | ସୁନ୍ଦରଗଡ଼ | ୦୨ | ୪୨ |
| ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଖୋର୍ଦ୍ଧା | ୦୬ | ୦୧ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୬ | ୦୧ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |
| ଡକ୍ଟର ଉଷା ପାଢ଼ୀ | ଗଞ୍ଜାମ | ୦୫ | ୦୮ |
| ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୦୫ | ୦୮ |
| ଶ୍ରୀମାନ୍ ଅରୂପାନନ୍ଦ ପାଣିଗ୍ରାହୀ | ଗଞ୍ଜାମ | ୦୫ | ୦୭ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୪ | ୧୬ |
| ଶ୍ରୀମତୀ ମମତା ଶତପଥି | ଗଞ୍ଜାମ | ୦୫ | ୦୫ |
| ସୁଶ୍ରୀ ରାଜଲକ୍ଷ୍ମୀ ସାହୁ | ଗଞ୍ଜାମ | ୦୪ | ୧୫ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୩ | ୨୪ |
| ଶ୍ରୀମତୀ ମମତା ଦାସ | ଗଞ୍ଜାମ | ୦୪ | ୧୨ |
| ଶ୍ରୀମାନ୍ ଦୁଷ୍ମନ୍ତ କୁମାର ସାହୁ | ବଲାଙ୍ଗିର | ୦୫ | ୦୨ |
| ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୦୫ | ୦୦ |
| ଶ୍ରୀମତୀ ଲକ୍ଷ୍ମୀ ପଣ୍ଡା | ଖୋର୍ଦ୍ଧା | ୦୫ | ୦୦ |
| ଇଂ. ବିପିନ ବିହାରୀ ଦୀକ୍ଷିତ | ଗଞ୍ଜାମ | ୦୫ | ୦୦ |
| ଇଂ. ପ୍ରଦୀପ କୁମାର ତ୍ରିପାଠୀ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ନିରଞ୍ଜନ ମଲ୍ଲିକ | ଝାରସୁଗୁଡ଼ା | ୦୫ | ୦୦ |
| ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୦୪ | ୧୦ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୪ | ୦୯ |
| ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୦୪ | ୦୭ |
| ଶ୍ରୀମାନ୍ ଗଣେଶ ବାରିକ | ସୁନ୍ଦରଗଡ଼ | ୦୧ | ୩୬ |
| ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ସୁନ୍ଦରଗଡ଼ | ୦୨ | ୨୬ |
| ଶ୍ରୀମାନ୍ ରବି ନାରାୟଣ ପ୍ରଧାନ | ଢେଙ୍କାନାଳ | ୦୨ | ୨୬ |
| ଶ୍ରୀମାନ୍ ଅଜିତ୍ କୁମାର ପଣ୍ଡା | ଗଞ୍ଜାମ | ୦୪ | ୦୪ |
| ଶ୍ରୀମାନ୍ ସଙ୍କର୍ଷଣ ସାହୁ | ରାୟଗଡ଼ା | ୦୪ | ୦୪ |
| ଶ୍ରୀମାନ୍ ଅରୁଣ କୁମାର ସେଠୀ | ଖୋର୍ଦ୍ଧା | ୦୪ | ୦୪ |
| ଇଂ. କାଳୁଚରଣ ବେହେରା | କଟକ | ୦୪ | ୦୩ |
| ବେଦ ପ୍ରଚାର ସମିତି, ଚିକିଟି | | ୦୪ | ୦୩ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ମହାରଣା | ଗଞ୍ଜାମ | ୦୪ | ୦୨ |
| ଶ୍ରୀମାନ୍ ଅଶୋକ କୁମାର ମେହେର | ବରଗଡ଼ | ୦୪ | ୦୧ |
| ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୦୪ | ୦୦ |
| ଇଂ. ସୁଧାକର ପତ୍ରୀ | ଖୋର୍ଦ୍ଧା | ୦୪ | ୦୦ |
| ଡକ୍ଟର ନୃପରାଜ ସାହୁ | ଖୋର୍ଦ୍ଧା | ୦୪ | ୦୦ |
| ଶ୍ରୀମାନ୍ ନବୀନ କୁମାର ପଟେଲ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମାନ୍ ବିଜୟ କୁମାର ପରିଡ଼ା | ରାଉରକେଲା | ୦୪ | ୦୦ |
| ଶ୍ରୀମାନ୍ ବିରଞ୍ଚି ନାରାୟଣ ଆର୍ଯ୍ୟ | ସୁବର୍ଣ୍ଣପୁର | ୦୩ | ୦୫ |
| ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର | ସୁବର୍ଣ୍ଣପୁର | ୦୩ | ୦୪ |
| ଶ୍ରୀମାନ୍ ଲକ୍ଷ୍ମଣ ମହାନ୍ତି | କୋରାପୁଟ | ୦୧ | ୨୪ |
| ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ସୁନ୍ଦରଗଡ଼ | ୦୨ | ୧୪ |
| ବେଦ ପ୍ରଚାର ସମିତି, ସୁବର୍ଣ୍ଣପୁର | | ୦୨ | ୦୯ |
| ଶ୍ରୀମତୀ ନର୍ମଦା ପାତ୍ର | ଖୋର୍ଦ୍ଧା | ୦୨ | ୧୧ |
| ଡାକ୍ତର ଆଦିତ୍ୟ କୁମାର ପଣ୍ଡା | ମୟୂରଭଞ୍ଜ | ୦୦ | ୩୨ |
| ଶ୍ରୀମାନ୍ ଅମୂଲ୍ୟ କୁମାର ମଲ୍ଲିକ | କେନ୍ଦ୍ରାପଡ଼ା | ୦୩ | ୦୧ |

*କ୍ରମଶଃ...*

# ଆତ୍ମୀୟ ନିବେଦନ

ବେଦ ଈଶ୍ୱରୀୟ ବାଣୀ। ଏହା ସମସ୍ତ ଜ୍ଞାନ-ବିଜ୍ଞାନର ଭଣ୍ଡାର। ବେଦର ପ୍ରତ୍ୟେକ ସିଦ୍ଧାନ୍ତ ତର୍କସଙ୍ଗତ, ବୁଦ୍ଧିସମ୍ମତ ଓ ବିଜ୍ଞାନସମ୍ମତ। ଏଥିରେ କୌଣସି ବୁଦ୍ଧିହୀନ, ତର୍କହୀନ ଓ ବିଜ୍ଞାନବିରୁଦ୍ଧ କଥା, କାହାଣୀ ନାହିଁ। ପ୍ରତ୍ୟେକ ଖ୍ରୀଷ୍ଟିୟାନ୍‌ଙ୍କ ଘରେ ସେମାନଙ୍କ ମୂଳ ଧର୍ମଗ୍ରନ୍ଥ ବାଇବେଲ୍ ଅଛି। ସେମାନେ ବାଇବେଲ୍ ପଢ଼ନ୍ତି ମଧ୍ୟ। ପ୍ରତ୍ୟେକ ମୁସଲମାନଙ୍କ ଘରେ ସେମାନଙ୍କ ମୂଳ ଧର୍ମଗ୍ରନ୍ଥ କୋରାନ୍ ଅଛି ଏବଂ ସେମାନେ କୋରାନ୍ ଅଧ୍ୟୟନ କରନ୍ତି। ପ୍ରତ୍ୟେକ ଶିଖଙ୍କ ଘରେ ଗୁରୁଗ୍ରନ୍ଥ ସାହେବ ଅଛି ଓ ସେମାନେ ତାହା ପାଠ କରନ୍ତି। କିନ୍ତୁ ଆମେ ପ୍ରତ୍ୟେକ ସନାତନ(ହିନ୍ଦୁ) ଧର୍ମୀ ଏ କଥା କେବେ ଆତ୍ମାବଲୋକନ କରି ଦେଖିଛେ କି ଯେ, ଆମ ଘରେ ଆମ ଧର୍ମର ମୂଳ ଧର୍ମଗ୍ରନ୍ଥ 'ବେଦ' ଅଛି କି ? ଆମ ମୂଳ ଧର୍ମଗ୍ରନ୍ଥ 'ବେଦ' ବିଷୟରେ ଆମର ସର୍ବନିମ୍ନ ଜ୍ଞାନ ବି ଅଛି କି? ଯଦି ଆମେ ମାତା-ପିତାଦି ଅଭିଭାବକମାନେ ହିଁ ଆମ ମୂଳ ଧର୍ମଗ୍ରନ୍ଥ ବିଷୟରେ କିଛି ଜାଣିବା ନାହିଁ, ତେବେ ଆମ ସନ୍ତାନ-ସନ୍ତତି କେମିତି ଆମ ଧର୍ମର ମୌଳିକ ସିଦ୍ଧାନ୍ତ ବିଷୟରେ ଜାଣିପାରିବେ? ଆଜିର ନୂଆ ପିଢ଼ି ଧାର୍ମିକ କାର୍ଯ୍ୟକ୍ରମ ପ୍ରତି ବିମୁଖ ହେବାର ମୂଳ କାରଣ ହେଲା ସେମାନେ ଧର୍ମ ନାମରେ ଚାଲିଥିବା କ୍ରିୟା-କର୍ମ, କଥା-କାହାଣୀ ଆଦି ବିଷୟରେ ସେମାନଙ୍କ ଜିଜ୍ଞାସା ଯେତେବେଳେ ଗୁରୁଜନ ଅଥବା ଧର୍ମ ପ୍ରଚାରକମାନଙ୍କ ଆଗରେ ଉତ୍‌ଥାପନ କରୁଛନ୍ତି, ସେତେବେଳେ ଯା'ତ ଉତ୍ତର ମିଳୁନି ଅଥବା ଯେଉଁ କେତେକ ଉତ୍ତର ମିଳୁଛି ସେ ସବୁ ସେମାନଙ୍କୁ କେବଳ ବୁଦ୍ଧିହୀନ, ତର୍କହୀନ, ଅନ୍ଧବିଶ୍ୱାସ, ପାଖଣ୍ଡପୂର୍ଣ୍ଣ ଥିବା ଅନୁଭବ ହେଉଛି। ଏଣୁ ଆମର ଉତ୍ତରଦାୟାଦମାନଙ୍କୁ ଧର୍ମ ପ୍ରତି ରୁଚି ସମ୍ପନ୍ନ କରିବା ତଥା ଆମ ଧର୍ମ ସଂସ୍କୃତିକୁ ସୁରକ୍ଷିତ ରଖିବାର ବଳିଷ୍ଠ ଓ ଏକମାତ୍ର ଉପାୟ ହେଲା ବୈଦିକ ସିଦ୍ଧାନ୍ତ ଜାଣିବା ଓ ଅନ୍ୟକୁ ଜଣାଇବା।

ଅତୀବ ଆନନ୍ଦର ବିଷୟ ଯେ, 'ଓଟିଭି'ର ସର୍ବେ ଭବନ୍ତୁ ସୁଖିନଃ କାର୍ଯ୍ୟକ୍ରମ ଜରିଆରେ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ସରଳ-ସାବଲୀଳ-ବୋଧଗମ୍ୟ ତର୍କପୂର୍ଣ୍ଣ, ବୈଜ୍ଞାନିକ ଉପାୟରେ ବୈଦିକ ସିଦ୍ଧାନ୍ତ ଉପସ୍ଥାପନା ସମାଜରେ ବେଦ ପ୍ରତି ଏକ ଅଭିରୁଚି, ନବୀନ ଉନ୍ମାଦନା ସୃଷ୍ଟି କରିପାରିଛି। ଏଣୁ ବର୍ତ୍ତମାନ ସମୟ ଆମ ଧର୍ମ ଓ ସଂସ୍କୃତିକୁ ସୁରକ୍ଷିତ ରଖିବା ତଥା ସଗୌରବେ ସଂସାରରେ ପ୍ରତିଷ୍ଠାପିତ କରିବାର ଏକ ସ୍ୱର୍ଣ୍ଣିମ ସମୟ। ବାସ୍! ଏଥିପାଇଁ ଆମମାନଙ୍କୁ ସଂଗଠିତ ଓ ଯୋଜନାବଦ୍ଧ ଭାବରେ ଟିକିଏ ପ୍ରୟାସ କରିବାକୁ ପଡ଼ିବ। 'ସର୍ବେ ଭବନ୍ତୁ ସୁଖିନଃ'ରେ ସ୍ୱାମୀଜୀଙ୍କ କାର୍ଯ୍ୟକ୍ରମ ଆମେ ଦେଖିବା ଏବଂ ଆମ ଆତ୍ମୀୟ-ବନ୍ଧୁ-ପରିଚିତଙ୍କୁ ଏହା ଦେଖିବା ପାଇଁ ପ୍ରେରିତ କରିବା। ତା' ସାଙ୍ଗକୁ ସେହି ଆଲୋଚନାଗୁଡ଼ିକୁ ଆହୁରି ପ୍ରାଞ୍ଜଳ ଭାବେ ବୁଝିବା ତଥା ସେହି ଆଲୋଚିତ ଜ୍ଞାନକୁ ଆମ ପାଖରେ ସୁରକ୍ଷିତ ରଖିବା ପାଇଁ ଆମେ 'ଶ୍ରୁତିସୌରଭ' ପତ୍ରିକାର ସଦସ୍ୟ ହେବା ଓ ଆମ ଆତ୍ମୀୟ-ସ୍ୱଜନ, ବନ୍ଧୁବାନ୍ଧବଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ପତ୍ରିକାର ସଦସ୍ୟ କରିବା। କାରଣ ଶାସ୍ତ୍ରର ନିର୍ଦ୍ଦେଶ ହେଉଛି — **'ଇଷ୍ଟଂ ଧର୍ମେଣ ଯୋଜୟେତ୍'**(ପଞ୍ଚତନ୍ତ୍ର)— ବନ୍ଧୁମାନଙ୍କ କଲ୍ୟାଣ କରିବା ପାଇଁ ହେଲେ ଜଣେ ପ୍ରକୃତ ବନ୍ଧୁର କାର୍ଯ୍ୟ ହେଲା ବନ୍ଧୁମାନଙ୍କୁ ଧର୍ମ, ସଦ୍‌ଜ୍ଞାନ ସହ ଯୋଡ଼ିବା। ତେଣୁ ଆମେ ଆମର ଅଧିକରୁ ଅଧିକ ବନ୍ଧୁମାନଙ୍କୁ ପତ୍ରିକାର ସଦସ୍ୟ କରାଇ ବୈଦିକ ବିଚାର ସହ ଯୋଡ଼ିବାକୁ ଚେଷ୍ଟାକରିବା ଅତ୍ୟନ୍ତ ମହନୀୟ, ସମାଜକଲ୍ୟାଣକର କାର୍ଯ୍ୟ। ଯେଉଁମାନେ ବର୍ତ୍ତମାନ ସୁଦ୍ଧା 'ଶ୍ରୁତିସୌରଭ' ପତ୍ରିକାର ବାର୍ଷିକ ସଦସ୍ୟ ହୋଇସାରିଛନ୍ତି, ପତ୍ରିକା ମାଧ୍ୟମରେ ପରମାତ୍ମାଙ୍କ ଦିବ୍ୟ ପ୍ରକାଶରେ ସେମାନଙ୍କ ବ୍ୟକ୍ତିଗତ ଓ ପାରିବାରିକ ଜୀବନରୁ ଅବିଦ୍ୟା-ଅନ୍ଧକାର ଦୂର କରିଚାଲିଛି, ଏହି ଦିବ୍ୟ ପ୍ରକାଶରେ ନିଜକୁ ନିରନ୍ତର ପ୍ରକାଶିତ କରି ରଖିବା ପାଇଁ ସେମାନେ ସେମାନଙ୍କ 'ବାର୍ଷିକ ସଦସ୍ୟତା'କୁ ଯଥାଶୀଘ୍ର 'ଆଜୀବନ ସଦସ୍ୟତା'ରେ ପରିବର୍ତ୍ତନ କରିଦିଅନ୍ତୁ। ଦୀପାବଳୀ ଅନ୍ଧକାରରୁ ଆଲୋକ ଆଡ଼କୁ ଯିବାର ମହାନ ପର୍ବ ହୋଇଥିବାରୁ 'ଶ୍ରୁତିସୌରଭ'ର ସମସ୍ତ ବାର୍ଷିକ ସଦସ୍ୟଙ୍କୁ ନିବେଦନ ଯେ, ସେମାନେ ଏହି ପବିତ୍ର ସାଂସ୍କୃତିକ ଅବସରରେ ନିଜ ସଦସ୍ୟତାକୁ ଆଜୀବନ ସଦସ୍ୟତାରେ ପରିବର୍ତ୍ତନ କରନ୍ତୁ। ଏଥିପାଇଁ ସେମାନଙ୍କୁ ଆଜୀବନ ଶୁଳ୍କ ରୂପେ ଆଉଥରେ ₹୧୦୦୦/- ଦେବା ପରିବର୍ତ୍ତେ ₹୯୦୦/- ଦେବାକୁ ପଡ଼ିବ। ଆଶା ଈଶ୍ୱରୀୟ ବେଦଜ୍ଞାନର ଆମ ହୃଦୟରେ ଓ ପରିବାରରେ ଦୃଢ଼ୀକରଣ ନିମନ୍ତେ ଆମେ ସମସ୍ତେ ଏ ଦିଗରେ ଅବଶ୍ୟ ଯତ୍ନବାନ ହେବା।

**- ସଂପାଦକ**

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ – **'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି । ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୨୬୮ | ୪୮୪ | ୭୫୨ | ୧୭. | ଭଦ୍ରକ | ୧୫ | ୧୫ | ୩୦ |
| ୦୨. | ଖୋର୍ଦ୍ଧା | ୧୬୧ | ୨୫୧ | ୪୧୨ | ୧୮. | ନୟାଗଡ଼ | ୧୩ | ୨୯ | ୪୨ |
| ୦୩. | ସୁନ୍ଦରଗଡ଼ | ୧୦୪ | ୪୪୪ | ୫୪୮ | ୧୯. | ମୟୂରଭଞ୍ଜ | ୧୧ | ୪୫ | ୫୬ |
| ୦୪. | ବରଗଡ଼ | ୮୭ | ୧୮୮ | ୨୭୫ | ୨୦. | ଜଗତସିଂହପୁର | ୦୭ | ୬୨ | ୬୯ |
| ୦୫. | କଟକ | ୬୩ | ୧୯୪ | ୨୫୭ | ୨୧. | ଢେଙ୍କାନାଳ | ୦୭ | ୩୭ | ୪୪ |
| ୦୬. | କୋରାପୁଟ | ୬୬ | ୧୨୧ | ୧୮୭ | ୨୨. | କଳାହାଣ୍ଡି | ୦୭ | ୧୦ | ୧୭ |
| ୦୭. | ବଲାଙ୍ଗିର | ୪୯ | ୧୭୬ | ୨୨୫ | ୨୩. | ଯାଜପୁର | ୦୪ | ୪୧ | ୪୫ |
| ୦୮. | ରାୟଗଡ଼ା | ୪୦ | ୭୯ | ୧୧୯ | ୨୪. | କେନ୍ଦ୍ରାପଡ଼ା | ୦୪ | ୧୮ | ୨୨ |
| ୦୯. | ସୁବର୍ଣ୍ଣପୁର | ୩୧ | ୧୦୧ | ୧୩୨ | ୨୫. | ଗଜପତି | ୦୪ | ୧୫ | ୧୯ |
| ୧୦. | ବାଲେଶ୍ୱର | ୩୪ | ୪୯ | ୮୩ | ୨୬. | ଝାରସୁଗୁଡ଼ା | ୦୫ | ୦୪ | ୦୯ |
| ୧୧. | କନ୍ଧମାଳ | ୨୩ | ୧୬୨ | ୧୮୫ | ୨୭. | କେନ୍ଦୁଝର | ୦୩ | ୦୮ | ୧୧ |
| ୧୨. | ସମ୍ବଲପୁର | ୨୯ | ୧୦୯ | ୧୩୮ | ୨୮. | ନୂଆପଡ଼ା | ୦୨ | ୦୪ | ୦୬ |
| ୧୩. | ପୁରୀ | ୨୩ | ୨୫ | ୪୮ | ୨୯. | ଦେବଗଡ଼ | ୦୧ | ୧୨ | ୧୩ |
| ୧୪. | ମାଲକାନଗିରି | ୧୫ | ୯୩ | ୧୦୮ | ୩୦. | ନବରଙ୍ଗପୁର | ୦ | ୦୫ | ୦୫ |
| ୧୫. | ଅନୁଗୁଳ | ୧୭ | ୪୪ | ୬୧ | ୩୧. | ଅନ୍ୟାନ୍ୟ | ୩୧ | ୬୨ | ୯୩ |
| ୧୬. | ବୌଦ୍ଧ | ୧୦ | ୭୩ | ୮୩ | | **ମୋଟ** | **୧୧୩୪** | **୨୯୬୦** | **୪୦୯୪** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି । ଆମେ ସମସ୍ତ

ସହଯୋଗୀଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛୁ ତଥା ପ୍ରତ୍ୟେକ ସଦସ୍ୟଙ୍କୁ ବିନମ୍ର ଅନୁରୋଧ କରୁଛୁ ଯେ ପ୍ରତ୍ୟେକେ ବେଦ-ପ୍ରଚାର କାର୍ଯ୍ୟକ୍ରମର ଏହି ମହତ୍ତ୍ୱପୂର୍ଣ୍ଣ ଅଭିଯାନରେ ଈଶ୍ୱରୀୟ କାର୍ଯ୍ୟର ଏକ ଦିବ୍ୟ ସୈନିକ ରୂପେ ନିଜକୁ ବିବେଚନା କରି ନିଜେ ଆଜୀବନ ସଦସ୍ୟ ହେବା ସହ ଅନ୍ୟୂନ ଆଉ ୨/୩ଟି ଆଜୀବନ ସଦସ୍ୟ କରିବା ପାଇଁ ପ୍ରଚେଷ୍ଟା କରନ୍ତୁ, ଯଦ୍ଦ୍ୱାରା ପତ୍ରିକାଟି ଆର୍ଥିକ ସମସ୍ୟାର ସମ୍ମୁଖୀନ ନ ହୋଇ ନିର୍ବାଧ ରୂପେ ପ୍ରକାଶିତ ହୋଇଚାଲିବ ଏବଂ ଈଶ୍ୱରୀୟ ଜ୍ଞାନର ପବିତ୍ର ମନ୍ଦାକିନୀରେ ନିରନ୍ତର ଅବଗାହନ କରି ଅଶାନ୍ତିର ଜ୍ୱାଳାରେ ସନ୍ତପ୍ତ ସାମ୍ପ୍ରତିକ ସମାଜ ଦିବ୍ୟ ଶାନ୍ତି ଲାଭ କରିପାରିବ। ବେଦପ୍ରଚାରର ଏହି ଦିବ୍ୟ କାର୍ଯ୍ୟରେ ନିଜର ସହଯୋଗ ପ୍ରଦାନ କରିବା ପ୍ରତ୍ୟେକ ବ୍ୟକ୍ତି ପରମାତ୍ମାଙ୍କ ଅମୃତ ଆଶିଷ ଲାଭର ଅଧିକାରୀ ଅବଶ୍ୟ ହୋଇପାରିବେ। ବର୍ତ୍ତମାନ ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ | ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|---|---|---|---|
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୩୦ | ୬୦ | ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୦୭ | ୬୦ |
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୩୫ | ୦୬ | ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୨ | ୦୯ |
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୩୦ | ୨୫ | ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୧୨ | ୦୫ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | କନ୍ଧମାଳ | ୧୮ | ୧୨୬ | ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୧ | ୧୪ |
| ଶ୍ରୀମତୀ ରାସେଶ୍ୱରୀ ଦେଇ | ସୁନ୍ଦରଗଡ଼ | ୨୪ | ୩୫ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଛତ୍ରପୁର | | ୧୧ | ୧୦ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୨୫ | ୧୧ | ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୦୭ | ୪୬ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୧୯ | ୩୯ | ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ | ସମ୍ବଲପୁର | ୦୭ | ୪୧ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୨୦ | ୨୯ | ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡାଳ | ରାୟଗଡ଼ା | ୧୧ | ୦୦ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୨୨ | ୦୩ | ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୦୭ | ୩୭ |
| ବେଦ ପ୍ରଚାର ସମିତି, କଟକ | | ୦୯ | ୧୨୬ | ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୦ | ୦୬ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୧୯ | ୨୨ | ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | ବୌଦ୍ଧ | ୦୭ | ୩୩ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୧୪ | ୬୧ | ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୨ |
| ବେଦ ପ୍ରଚାର ସମିତି, ଜୟପୁର | | ୧୪ | ୪୫ | ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୦୯ | ୧୦ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୧୪ | ୩୧ | ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୧୪ | ୩୪ | ଆର୍ଯ୍ୟସମାଜ, ସିମିଳିଗୁଡ଼ା | | ୧୦ | ୦୦ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୧୬ | ୧୩ | ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୦୮ | ୧୯ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୧୩ | ୪୧ | ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୦୬ | ୩୧ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୧୭ | ୦୦ | ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୧୧ | ୫୦ | ବେଦ ପ୍ରଚାର ସମିତି, ବରଗଡ଼ | | ୦୪ | ୪୯ |
| ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୦ | ୫୪ | ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୦୫ | ୨୭ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୧୨ | ୩୨ | ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୦୮ | ୦୦ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୧୨ | ୨୬ | ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୮ | ୦୦ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୧୫ | ୦୦ | ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୦୬ | ୨୦ |
| ଡକ୍ଟର ଲଳିତ ମଞ୍ଜରୀ ଦାସ | ଖୋର୍ଦ୍ଧା | ୧୩ | ୦୭ | ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୪ | ୩୮ |
| ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୦୭ | ୬୯ | ଶ୍ରୀମାନ୍ କଂଗ୍ରେସ ସାହୁ | ବରଗଡ଼ | ୦୬ | ୧୪ |
| ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୦ | ୩୦ | ଡକ୍ଟର ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୦୬ | ୦୯ |

ଅବଶିଷ୍ଟାଂଶ ୩୫ ପୃଷ୍ଠାରେ...

# ସମାଚାର ସଂସାର

## ଶ୍ରୁତିନ୍ୟାସର ବାର୍ଷିକ ବେଦପ୍ରଚାର ବୈଠକ

ଓଡ଼ିଶାରେ ବେଦ ପ୍ରଚାର କାର୍ଯ୍ୟକୁ ବ୍ୟବସ୍ଥିତ ଓ ଯୋଜନାବଦ୍ଧ ରୂପେ ଗତିଶୀଳ କରିବା ପାଇଁ ଶ୍ରୁତିନ୍ୟାସର ଟ୍ରଷ୍ଟି, ସଦସ୍ୟ ଓ ସହଯୋଗୀମାନଙ୍କୁ ନେଇ ଭୁବନେଶ୍ୱରରେ ଜୁଲାଇ ୩୧ରେ ନ୍ୟାସର ଅଧ୍ୟକ୍ଷ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ବାର୍ଷିକ ବେଦ ପ୍ରଚାର ବୈଠକ ସମ୍ପନ୍ନ ହୋଇଯାଇଛି। ବୈଠକରେ ଗତ ବର୍ଷର ନ୍ୟାସର କାର୍ଯ୍ୟ ସମୀକ୍ଷା କରାଯିବା ସହ ଆସନ୍ତା ବର୍ଷ ପାଇଁ କାର୍ଯ୍ୟ ଯୋଜନା ଗ୍ରହଣ କରାଯାଇଛି।

୧. ବର୍ଷକ ମଧ୍ୟରେ 'ଶ୍ରୁତିସୌରଭ' ପତ୍ରିକାର ୧୦୦୦ ଆଜୀବନ ସଦସ୍ୟ କରାଯିବାର ଲକ୍ଷ୍ୟ ଗତ ବୈଠକରେ ଗ୍ରହଣ କରାଯାଇ ପତ୍ରିକାର ପ୍ରକାଶନ ଆରମ୍ଭ କରାଯାଇଥିଲା। ଏ ଲକ୍ଷ୍ୟ ପୂର୍ଣ୍ଣ ହୋଇଥିବାରୁ ସ୍ୱାମୀଜୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଆସନ୍ତା ବର୍ଷ ଆଉ ୧୦୦୦ ଆଜୀବନ ସଦସ୍ୟ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା।
୨. ବେଦ ପ୍ରଚାରକୁ ଅଧିକ ଗତିବାନ୍ କରିବା ପାଇଁ ଏକ 'ବୈଦିକ ଧର୍ମ ପ୍ରସାର ନିଧି' ସ୍ଥାପନ ପାଇଁ ନିଷ୍ପତ୍ତି ନିଆଗଲା। ଶ୍ରଦ୍ଧାଳୁ ବେଦପ୍ରେମୀମାନଙ୍କଠାରୁ ନିୟମିତ ରୂପେ ଏଥିନିମନ୍ତେ ଦାନ ସଂଗ୍ରହ କରାଯିବା ପାଇଁ ସ୍ଥିର କରାଗଲା।
୩. ଶ୍ରାବଣୀ ଉପାକର୍ମ ପ୍ରତ୍ୟେକ ସ୍ଥାନରେ ବ୍ୟାପକ ଭାବେ ଆୟୋଜନ କରାଯିବାକୁ ନିର୍ଣ୍ଣୟ ନିଆଗଲା।
୪. ପ୍ରତି ଜିଲ୍ଲାରେ ଅନ୍ୟୂନ ପକ୍ଷେ ଗୋଟିଏ ଜିଲ୍ଲାସ୍ତରୀୟ ବେଦ ପ୍ରଚାର ସମିତି ଗଠନ କରାଯିବା ପାଇଁ ସ୍ଥିର କରାଗଲା।
୫. ଶ୍ରୁତିନ୍ୟାସର ମାର୍ଗଦର୍ଶନରେ ବେଦ ପ୍ରଚାର କାର୍ଯ୍ୟକୁ ଓଡ଼ିଶା ପ୍ରଦେଶର ସବୁଆଡ଼େ ବ୍ୟବସ୍ଥିତ ରୂପେ କରାଯିବା ପାଇଁ ନିମ୍ନମତେ ଦାୟିତ୍ୱ ବଣ୍ଟନ କରାଗଲା —

**ଖୋର୍ଦ୍ଧା ବିଭାଗ**

ସଂଯୋଜକ - ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ
ସହ-ସଂଯୋଜକ - ଇଂ. ଇ. କୁମାର ସ୍ୱାମୀ
- ଶ୍ରୀମାନ୍ ଗୌରଚନ୍ଦ୍ର ଦାସ

**ଖୋର୍ଦ୍ଧା ଜିଲ୍ଲା**

ସଂଯୋଜକ - ଶ୍ରୀମାନ୍ ଅଜୟ କିଶୋର ମହାପାତ୍ର
ସହ-ସଂଯୋଜକ - ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ

**ପୁରୀ ଜିଲ୍ଲା**

ସଂଯୋଜକ - ଶ୍ରୀମାନ୍ ରବି ନାରାୟଣ ପ୍ରଧାନ
ସହ-ସମ୍ପାଦକ - ଶ୍ରୀମାନ୍ ପୀତବାସ ନନ୍ଦ

**ନୟାଗଡ଼ ଜିଲ୍ଲା**

ସଂଯୋଜକ - ଶ୍ରୀମାନ୍ ରମାବଲ୍ଲଭ ପଣ୍ଡା
ସହ-ସଂଯୋଜକ - ଶ୍ରୀମତୀ ସଲିଳା ସେଠୀ

**ଗଞ୍ଜାମ ବିଭାଗ**

ସଂଯୋଜକ - ଶ୍ରୀମାନ୍ ଆର୍. ମୋହନ ରେଡ୍ଡି
ସହ-ସଂଯୋଜକ - ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି
- ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ
- ଶ୍ରୀମାନ୍ ରାଜେନ୍ଦ୍ର ନାଥ ପରିଡ଼ା

**ଗଜପତି ଜିଲ୍ଲା**

ସଂଯୋଜକ - ଇଂ. ନାରାୟଣ ପଣ୍ଡା
ସହ-ସଂଯୋଜକ - ଶ୍ରୀମାନ୍ ଅରୂପାନନ୍ଦ ପାଣିଗ୍ରାହୀ

**କଟକ ବିଭାଗ**

ସଂଯୋଜକ - ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ
ସହ-ସଂଯୋଜକ - ଇଂ. କାଳୁଚରଣ ବେହେରା

**କଟକ ଜିଲ୍ଲା**

ସଂଯୋଜକ - ପ୍ରଫେସର୍ ଶରତ ଚନ୍ଦ୍ର ସେନାପତି
ସହ-ସଂଯୋଜକ - ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର
- ଶ୍ରୀମାନ୍ ହରମୋହନ ସାହୁ

**ଜଗତସିଂହପୁର ଜିଲ୍ଲା**

ସଂଯୋଜକ - ଶ୍ରୀମାନ୍ ଶିବ ପ୍ରସାଦ ଆଚାର୍ଯ୍ୟ
ସହ-ସଂଯୋଜକ - ଶ୍ରୀମାନ୍ ରାଜ କିଶୋର ବେହୁରା

**କେନ୍ଦ୍ରାପଡ଼ା ଜିଲ୍ଲା**

ସଂଯୋଜକ - ଶ୍ରୀମାନ୍ ବିଜୟ କୁମାର ସ୍ୱାଇଁ
ସହ-ସଂଯୋଜକ - ଶ୍ରୀମାନ୍ ଅମୂଲ୍ୟ କୁମାର ମଲ୍ଲିକ

**ଯାଜପୁର ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ଗୌରଚରଣ ନାୟକ
ସହ-ସଂଯୋଜକ - ଶ୍ରୀମାନ୍ ରାମଚନ୍ଦ୍ର ସୂତାର

**ସୁନ୍ଦରଗଡ଼ ବିଭାଗ**
ସଂଯୋଜକ - ଶ୍ରୀମାନ୍ ପଦ୍ମନାଭ ସ୍ୱାଇଁ
ସହ-ସଂଯୋଜକ - ଶ୍ରୀମତୀ ରାସେଶ୍ୱରୀ ଦେଈ

**ସୁନ୍ଦରଗଡ଼ ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା
ସହ-ସଂଯୋଜକ - ଶ୍ରୀମାନ୍ ଗଣେଶ ବାରିକ
- ଶ୍ରୀମାନ୍ ରଞ୍ଜିତ କୁମାର ନାୟକ

**ଝାରସୁଗୁଡ଼ା ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ନିରଞ୍ଜନ ମଲ୍ଲିକ
ସହ-ସଂଯୋଜକ - ଶ୍ରୀମାନ୍ ଅରୁଣ ନାୟକ

**ଦେବଗଡ଼ ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ
ସହ-ସଂଯୋଜକ - ଶ୍ରୀମାନ୍ ଭାଗ୍ୟରଥି ସାହୁ

**ସମ୍ବଲପୁର ବିଭାଗ**
ସଂଯୋଜକ - ଆଚାର୍ଯ୍ୟ ସୋମଦତ୍ତ ଶାସ୍ତ୍ରୀ
ସହ-ସଂଯୋଜକ - ଶ୍ରୀମାନ୍ ରୁକ୍ମଣ ମହାପାତ୍ର
- ଡାକ୍ତର ଯଦୁମଣି ନାୟକ

**ସମ୍ବଲପୁର ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ଭାଗୀରଥି ଷଡ଼ଙ୍ଗୀ
ସହ-ସଂଯୋଜକ - ଶ୍ରୀମାନ୍ ରୁଦ୍ର ନାରାୟଣ ସାହୁ

**ବରଗଡ଼ ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ଶିବ ପ୍ରସାଦ ଭୋଇ
ସହ-ସଂଯୋଜକ - ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ
- ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା
- ଶ୍ରୀମାନ୍ କଂଗ୍ରେସ ସାହୁ

**ବଲାଙ୍ଗିର ବିଭାଗ**
ସଂଯୋଜକ - ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ
ସହ-ସଂଯୋଜକ - ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ

**ବଲାଙ୍ଗିର ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ନାରାୟଣ ଲୁହା
ସହ-ସଂଯୋଜକ - ଶ୍ରୀମାନ୍ ହୃଷିକେଶ ନାଥ
- ଶ୍ରୀମାନ୍ ସଞ୍ଜୟ କୁମାର ସାହୁ

**ରାୟଗଡ଼ା ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ରାଜକିଶୋର ସାହୁ
ସହ-ସଂଯୋଜକ - ଶ୍ରୀମାନ୍ ସୁବୋଧ କୁମାର ବେହେରା
- ଶ୍ରୀମାନ୍ କିଶୋର ଚନ୍ଦ୍ର ଜେନା

**କଳାହାଣ୍ଡି ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ସୁରେନ୍ଦ୍ର କୁମାର ସାହୁ
ସହ-ସଂଯୋଜକ - ଶ୍ରୀମାନ୍ ଚନ୍ଦ୍ରଶେଖର ସାହୁ

**ନୂଆପଡ଼ା ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ପଙ୍କଜିନୀ ସାହୁ
ସହ-ସଂଯୋଜକ - ଶୁଭ୍ରାଂଶୁ ଶେଖର ପାଣିଗ୍ରାହୀ

**କୋରାପୁଟ ବିଭାଗ**
ସଂଯୋଜକ - ଇଂ. ଅଭିମନ୍ୟୁ ମହାରଣା
ସହ-ସଂଯୋଜକ - ଶ୍ରୀମାନ୍ ତ୍ରିନାଥ ଷଡ଼ଙ୍ଗୀ

**କୋରାପୁଟ ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ପ୍ରକାଶ କୁମାର ନାୟକ
ସହ-ସଂଯୋଜକ - ଶ୍ରୀମାନ୍ ମମତା ମଞ୍ଜରୀ ମହାରଣା
- ଇଂ. ନିରଞ୍ଜନ ପଣ୍ଡା

**ମାଲକାନଗିରି ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ
ସହ-ସଂଯୋଜକ - ଶ୍ରୀମାନ୍ ଦାମୋଦର ପଣ୍ଡା

**ନବରଙ୍ଗପୁର ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ଲକ୍ଷ୍ମଣ ମହାନ୍ତି
ସହ-ସଂଯୋଜକ - ଶ୍ରୀମାନ୍ ଜଗଦୀଶ ମହାନ୍ତି

**ଢେଙ୍କାନାଳ ବିଭାଗ**
ସଂଯୋଜକ - ଶ୍ରୀମାନ୍ ପବିତ୍ର କୁମାର ଘଡ଼େଇ

**ଢେଙ୍କାନାଳ ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ରବି ନାରାୟଣ ପ୍ରଧାନ
ସହ-ସଂଯୋଜକ - ଶ୍ରୀମାନ୍ ଉପେନ୍ଦ୍ର ନାଥ ସ୍ୱାଇଁ

**ଅନୁଗୁଳ ଜିଲ୍ଲା**
ସଂଯୋଜକ - ଶ୍ରୀମାନ୍ ତିଲେଶ୍ୱର ସାହୁ
ସହ-ସଂଯୋଜକ - ଶ୍ରୀମାନ୍ ବିନୋଦ କୁମାର ଆର୍ଯ୍ୟ

**ବାଲେଶ୍ୱର ବିଭାଗ**
ସଂଯୋଜକ - ଡାକ୍ତର ସୁକାନ୍ତି ଦାସ
ସହ-ସଂଯୋଜକ - ସୁଶ୍ରୀ ଶୁଭଶ୍ରୀ ମହାପାତ୍ର

**ଅବଶିଷ୍ଟାଂଶ ୨୩ ପୃଷ୍ଠାରେ**






ବେଦ ପ୍ରଚାର ସମିତି, ସୁବର୍ଣ୍ଣପୁର ପକ୍ଷରୁ ଜନ୍ମାଷ୍ଟମୀରେ ବୈଦିକ ସାଧନା ଶିବିର



ଆର୍ଯ୍ୟସମାଜ, କଲଙ୍ଗାପାଲି ପକ୍ଷରୁ ଶ୍ରାବଣୀ ଉଦ୍‌ଯାପନ



ମଣ୍ଡଳ ଆର୍ଯ୍ୟସମାଜ, ପଦ୍ମପୁର ପକ୍ଷରୁ ଶ୍ରାବଣୀ ଉପାକର୍ମ




ଶ୍ରୀଚନ୍ଦନପୁର ଆନନ୍ଦବଜାରରେ ସ୍ୱାମୀଜୀଙ୍କ ବେଦ ପ୍ରବଚନ



ଆର୍ଯ୍ୟସମାଜ, ସମ୍ବଲପୁର ପକ୍ଷରୁ ଶ୍ରାବଣୀ





ବେଦ ପ୍ରଚାର ସମିତି, ରେଢ଼ାଖୋଲ ପକ୍ଷରୁ ଶ୍ରାବଣୀ ଉପଲକ୍ଷେ ବେଦପ୍ରଚାର

With Best Compliments From:

**SRI KRISHNA STORES**

# PATANJALI MEGA STORE

**All Patanjali Products : Grocery, Cosmetic, Medicine & Doctor available in one place**

**Plot No. 841/1, Rasulgarh Square, BBSR, Mob. 9437472595**

**RNI Regn. No. : ODIODI/2015/65938**
₹ 20/- Shruti Sourabha Vol. 1 Issue 6 Sept.-Oct. 2016





ସାରଳା ପରିବାରର ବାର୍ଷିକୋତ୍ସବରେ ମାନ୍ୟବର ବିଧାୟକ ଦିଲ୍ଲୀପ ରାୟ, ମାନ୍ୟବର ବିଧାୟକ ସୁବ୍ରତ କୁମାର ତରାଇ, ଆର.ଡି.ଏ ଅଧ୍ୟକ୍ଷ ସାରଦା ପ୍ରସନ୍ନ ନାୟକ ଓ ଶାରଳା ପରିବାରର ସଦସ୍ୟଙ୍କ ଗହଣରେ ସ୍ୱାମୀଜୀ







ଶ୍ରୁତିନ୍ୟାସର ବାର୍ଷିକ ବେଦପ୍ରଚାର ପ୍ରସ୍ତୁତି ବୈଠକ

**Shruti Sourabha**
**Spiritual Social Vedic Magazine**
**Bi-Monthly**

Editor
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**